ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 28/2025 | Page 18 | ₹ 7.00 | DHENKANAL
୫୧ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 304 | ମୂଲ୍ୟ ₹୭/-




# ଓଡ଼ିଶାରେ ଚିପ୍‌ରୁ ଶିପ୍ ସବୁ ତିଆରି ହେବ: ପ୍ରଧାନମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ରାଜ୍ୟକୁ ଗସ୍ତ କରି ଲୋକଙ୍କ ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି। ଏହି କ୍ରମରେ ସେ ଶନିବାର ଝାରସୁଗୁଡ଼ାଠାରେ ଦେଶ ପାଇଁ ୬୦,୦୦୦ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମପୁର-ସୁରଟ୍ ମଧ୍ୟରେ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ଝାରସୁଗୁଡ଼ା ଅମଳିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ
- ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ
- ମୋହନ ଜଣେ କର୍ମଠ ମୁଖ୍ୟମନ୍ତ୍ରୀ: ମୋଦି

ଝାରସୁଗୁଡ଼ା, ୨୭।୯ (ଆଶିଷ ରଞ୍ଜନ ଦାଶ)

ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କହିଛନ୍ତି, ପ୍ରକୃତି ଓଡ଼ିଶାକୁ ଅନେକ କିଛି ଦେଇଛି। ଏହି ଦଶକ ଓଡ଼ିଶା ପାଇଁ ବହୁ ମୂଲ୍ୟବାନ। ଓଡ଼ିଶା ବର୍ତ୍ତମାନ ଭାରତର ଶିଳ୍ପ ହବ୍ ହେବାକୁ ଯାଉଛି। ଆଜି ଆମେ କାହା ଉପରେ ନିର୍ଭର କରିବା ନାହିଁ। ଆମେ ଆତ୍ମନିର୍ଭର ହୋଇ ଆଗକୁ ବଢ଼ିବା। ଚିପ୍ ତିଆରି ପାଇଁ ୭୦ ହଜାର କୋଟିର ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଛି, ଯାହା ଦ୍ୱାରା ୪.୫ ଲକ୍ଷ କୋଟିର ନିବେଶ ଓଡ଼ିଶାକୁ ଆସିବ। ଏହା ଦ୍ୱାରା ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଓଡ଼ିଶା ଏଥିରେ ଆଗରେ ରହିବ। ଗତ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାର ଲୋକମାନେ ଏକ ସଂକଳ୍ପ ନେଇଥିଲେ, ଯାହାର ମୂଲ୍ୟରେ ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏହି ୧୦ ବର୍ଷ ଭିତରେ ଓଡ଼ିଶା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଝାରସୁଗୁଡ଼ା ଅମଳିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ସର୍ବଭାରତୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ☞ପୃଷ୍ଠା-୮

# ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରେରଣାର ସ୍ରୋତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୯ (ସୁନିତ୍ ମିଶ୍ର)

ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଗହଣରେ ଉପସ୍ଥିତ ଥିବାରୁ ସେବା ପକ୍ଷର ଏହି ଦିନଟି ସମସ୍ତଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଧିର ବିଧାନ। କାରଣ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ୮ ବର୍ଷ ପୂର୍ବେ ☞ପୃଷ୍ଠା-୮




# ବିଜୟଙ୍କ ରାଲିରେ ଦଳାଚକଟା: ୩୧ ମୃତ


ତାମିଲନାଡୁର କରୁରଠାରେ ଶନିବାର ଟିଭିକେ ମୁଖ୍ୟ ବିଜୟ ପ୍ରଚାରଗାଡ଼ିରୁ ସମର୍ଥକଙ୍କୁ ସମ୍ବୋଧନ କରୁଥିବାବେଳେ ଦଳାଚକଟାର ଦୃଶ୍ୟ।

## ୪୦ରୁ ଅଧିକ ଆହତ

ଚେନ୍ନାଇ, ୨୭।୯

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟା ହୋଇଛି। ଏଥିରେ ୬ ଶିଶୁଙ୍କ ସମେତ ଅନ୍ୟୁନ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ସେମାନେ ବିଜୟଙ୍କ ପାଇଁ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରି ରହିଥିଲେ। ବିଜୟ ବହୁ ବିଳମ୍ବରେ ରାଲି ସ୍ଥଳରେ ପହଞ୍ଚିଥିଲେ। ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିବାରୁ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଦଳାଚକଟା ଯୋଗୁ ଅନେକ ସମର୍ଥକ ମୂର୍ଚ୍ଛା ହୋଇଯାଇଥିଲେ। ଏହା ଜାଣିବା ପରେ ବିଜୟ ଭାଷଣ ବନ୍ଦ କରି ପ୍ରଚାର ବସ୍‌ରୁ ଗହଳି ମଧ୍ୟକୁ ପାଣି ବୋତଲ ଫିଙ୍ଗିଥିଲେ। ଏଥିସହ ପୋଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆହତ ଓ ମୂର୍ଚ୍ଛାଯାଇଥିବା ଲୋକଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ପ୍ରବଳ ଭିଡ଼ ଯୋଗୁ ବିଳମ୍ବରେ ହସ୍ପିଟାଲରେ ପହଞ୍ଚିଥିଲା। ଫଳରେ ବାଟରେ ଅନେକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଇତିମଧ୍ୟରେ ଷ୍ଟାଲିନ୍ ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିକିତ୍ସା ଯୋଗାଇଦେବାକୁ କରୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କରୁର ସ୍ଥିତି ସମୀକ୍ଷା କରିଥିବା ନେଇ ଏକ ସୋସିଆଲ ମିଡିଆ ପୋଷ୍ଟରେ ଜଣାଇଛନ୍ତି। ଷ୍ଟାଲିନ୍ ରବିବାର କରୁର ଗସ୍ତ କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଏସିଆ କପ୍ ଆଜି ଭାରତ-ପାକିସ୍ତାନ ଫାଇନାଲ

ଦୁବାଇ, ୨୭।୯ (ପି.ଟି.)

ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୭ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇ ଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିବା ବେଳେ ପାକିସ୍ତାନ ପେସର ହାରିସ ରୌଫ ପ୍ରତିପକ୍ଷ ବ୍ୟାଟରଙ୍କୁ ଗାଳି କରିବା ସହ ଯୁଦ୍ଧବିମାନ ଖସାଇବା ସଙ୍କେତ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରିବା ପରେ ପାକିସ୍ତାନୀ ଓପନର ସାହିବଜାଦା ଫର୍ହାନ ବ୍ୟାଟକୁ ବନ୍ଧୁକ ଭଳି ଦେଖାଇଥିଲେ। ଏଥିଯୋଗୁ ଉଭୟଙ୍କୁ ଆଇସିସି ପକ୍ଷରୁ ଦଣ୍ଡିତ ମଧ୍ୟ କରାଯାଇଛି। ଭାରତୀୟ ଦଳ ଫାଇନାଲ ଜିତିଲେ, ଚାମ୍ପିୟନ ଟ୍ରଫି ଏସିଆନ କ୍ରିକେଟ କାଉନସିଲ (ଏସିସି) ଓ ପିସିବି ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ପଡ଼ିପାରେ। କିନ୍ତୁ ଏଥିଲାଗି ବିସିସିଆଇ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ଗତ ଦୁଇ ମ୍ୟାଚ୍ ଭଳି ଫାଇନାଲ ମଧ୍ୟ ବିବାଦୀୟ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ସର୍ବାଧିକ ୮ ଥର ଏସିଆ କପ୍ ଜିତିଥିବା ବେଳେ ପାକିସ୍ତାନ ମାତ୍ର ଦୁଇ ଥର ଟ୍ରଫି ହାତେଇଛି।

DSPL-285


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବିଶ୍ୱ ଜଳାତଙ୍କ ଦିବସ

୨୮ ସେପ୍ଟେମ୍ବର ୨୦୨୫

- ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ତା'ର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ହୋଇଥାଏ।
- କୌଣସି ଗୃହପାଳିତ/ବନ୍ୟପ୍ରାଣୀ କାମୁଡ଼ିଲେ ତୁରନ୍ତ ସେ ସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ।
- **ଜଳାତଙ୍କ ପ୍ରତିଷେଧକ ଟିକା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ମାଗଣାରେ ଉପଲବ୍ଧ।**
- ଆପଣଙ୍କ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ରଖିବାକୁ ବୁଲା କୁକୁର ଏବଂ ଅନ୍ୟାନ୍ୟ ମାଂସଭୋଜୀ ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରୁହନ୍ତୁ।
- ସଂକ୍ରମିତ ପ୍ରାଣୀ ଗୃହପାଳିତ ପ୍ରାଣୀଙ୍କୁ କାମୁଡ଼ିଲେ ତୁରନ୍ତ କ୍ଷତସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଭଲଭାବରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ପ୍ରାଣିଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- **ନିଜର ପୋଷା କୁକୁରକୁ ବର୍ଷକୁ ଥରେ ଲେଖାଏଁ ପ୍ରତିଷେଧକ ଟିକାକରଣ କରାନ୍ତୁ।**

OIPR-06014/13/0062/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର


Follow us farddepartment farddepartment farddepartment farddepartment


A quality product from
PAN BAHAR
शुभ नवरात्री
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

# ଧରିତ୍ରୀ
DHARITRI

ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ | Bhubaneswar, Sunday, September 28/2025 | ପୃଷ୍ଠା-୧



ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ଶନିବାର ୨ୟ ଜାତୀୟ ମେଡିଏଶନ କନଫରେନ୍ସ ୨୦୨୫କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭୂଷଣ ରାମକ୍ରିଷ୍ଣ ଗବଇ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉପସ୍ଥିତ ଅଛନ୍ତି।

## ୩ ବର୍ଷରେ ଶିକ୍ଷା ବିଭାଗ କିରାଣିଙ୍କ ବଦଳି ବାଧ୍ୟତାମୂଳକ

ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)

ଶିକ୍ଷା ବିଭାଗରେ କାର୍ଯ୍ୟରତ କିରାଣି(ମିନିଷ୍ଟେରିଆଲ ଷ୍ଟାଫ୍)ଙ୍କର ୩ ବର୍ଷରେ ବଦଳି ବାଧ୍ୟତାମୂଳକ କରାଯାଇଛି। ଯେଉଁ କିରାଣିମାନେ ଗୋଟିଏ ସ୍ଥାନରେ ୩ବର୍ଷ କିମ୍ବା ତା'ଠାରୁ ଅଧିକ ଦିନ ରହିଛନ୍ତି, ସେମାନଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଅଗଷ୍ଟ ୨୦ରେ ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଥିବା କିରାଣିଙ୍କ ମଧ୍ୟରୁ ୫୦ପ୍ରତିଶତ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବଶିଷ୍ଟ ୫୦ ପ୍ରତିଶତ କିରାଣିଙ୍କୁ ଆସନ୍ତା ବର୍ଷ ବଦଳି କରାଯିବ। ଯେଉଁମାନେ ଅଧିକ ବର୍ଷ ଧରି ରହିଛନ୍ତି, ସେମାନଙ୍କୁ ପ୍ରଥମେ ବଦଳି ଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଏହି ନିୟମ ଶିକ୍ଷକଙ୍କ ପାଇଁ ଲାଗୁ କରାଯିବ ନାହିଁ। ପ୍ରତିବର୍ଷ ଏପ୍ରିଲ ୩୦ରୁ ୧୫ ଜୁନ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି ସମୟ ସୀମା ପରେ ଯଦି କାହାକୁ ବଦଳି କରାଯାଏ, ତେବେ ଏଥିପାଇଁ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଏହି ସମସ୍ତ କାର୍ଯ୍ୟକୁ ଠିକ ଭାବେ ପାଳନ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶିଶୁ ସେବିକାମାନେ ଶିକ୍ଷାଦାନ, ଔଷଧ ଦେବେ ନାହିଁ

### ମାର୍ଗଦର୍ଶିକା ଜାରିକଲା ଓସେପା

ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)

ଶିଶୁ ସେବିକାମାନେ ଶିଶୁଙ୍କୁ ପାଠପଢ଼ାଇ ପାରିବେ ନାହିଁ। ସେମାନେ ଶିଶୁମାନଙ୍କ ଉପରେ ରାଗିବେ ନାହିଁ କି ଦଣ୍ଡ ଦେଇପାରିବେ ନାହିଁ। ଏମିତି କି ଶିଶୁମାନଙ୍କ ଦେହ ଅସୁସ୍ଥ ଲାଗିଲେ ସେବିକାମାନେ ସେମାନଙ୍କୁ କୌଣସି ଔଷଧ ସେବନ କରିବାକୁ ଦେଇପାରିବେ ନାହିଁ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ☞ପୃଷ୍ଠା-୮

## ପୁତୁରାଙ୍କୁ ଠେଙ୍ଗାରେ ପିଟି ହତ୍ୟା, ଦାଦା ଗିରଫ

ବନ୍ତଲା, ୨୭।୯ (ସୁଶିତ ସାହୁ)

ମାନସିକ ଭାବେ ଅସୁସ୍ଥ ଦାଦାଙ୍କୁ ଖାଇବାକୁ ଦେବାକୁ ଯାଇଥିବା ପୁତୁରାଙ୍କୁ ହତ୍ୟା କରିଛନ୍ତି ଦାଦା। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ବଡ଼କଞ୍ଜାନୀ ଗାଁରେ ଶୁକ୍ରବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ବଡ଼କଞ୍ଜାନୀ ଗାଁର ସୁଦର୍ଶନ ଦାସ। ଅଭିଯୋଗପାଇ ଅନୁଗୋଳ ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦାଦା ବସନ୍ତ କୁମାର ଦାସଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ବଡ଼କଞ୍ଜାନୀ ଗାଁର ବସନ୍ତ ଜଣେ ମାନସିକ ରୋଗୀ। ସେ ଗାଁ ଶ୍ମଶାନରେ ରୁହନ୍ତି। ପରିବାର ଲୋକେ ଦୈନିକ ଖାଦ୍ୟ ନେଇ ତାଙ୍କୁ ଶ୍ମଶାନରେ ଦେଇଆସନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପୁତୁରା ସୁଦର୍ଶନ ଶ୍ମଶାନକୁ ଖାଦ୍ୟ ନେଇ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ଶନିବାର ସକାଳେ ସୁଦର୍ଶନଙ୍କ ସ୍ତ୍ରୀ ଖୋଜିବା ପାଇଁ ଶ୍ମଶାନଆଡ଼େ ଯାଇ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଅଭିଯୁକ୍ତ ଦାଦା ବସନ୍ତଙ୍କୁ ଏକ ଗଛରେ ବାନ୍ଧି ସୁଦର୍ଶନଙ୍କ ସମ୍ପର୍କରେ ପଚାରିଥିଲେ। ପୁତୁରାଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦେଇ ୨୦୦ ମିଟର ଦୂରରେ ଫିଙ୍ଗି ଦେଇଥିବା ଦାଦା ବସନ୍ତ କହିଥିଲେ। ଏହାପରେ ଗ୍ରାମବାସୀ ଅନୁଗୋଳ ସଦର ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସାନଭାଇ ସିଦ୍ଧେଶ୍ୱର ଦାସ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୩୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିବା ଥାନା ଅଧିକାରୀ ମୃଣାଳ କାଲ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ନୂଆ ଭାରତର ସ୍ଥିତି**

## ପାକିସ୍ତାନର ବିଜୟ ଦାବିକୁ ପରିହାସ କଲା ଭାରତ

ଜାତିସଂଘ,୨୭।୯

ମେ' ୭ରୁ ୧୦ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦାବି କରିଥିବାବେଳେ ଶନିବାର ଭାରତ ଏହାର ପରିହାସ କରିଛି। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ଏୟାରବେସ୍ ଏବଂ ସାମରିକ ଭିତ୍ତିଭୂମି ଧ୍ୱଂସ ହୋଇଥିବାର ଚିତ୍ର ବିଜୟ ଭଳି ଦେଖାଯାଉଛି କି ବୋଲି ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟାଲ ଗେହଲଟ୍ କହିଛନ୍ତି। ସଂଘର୍ଷରେ କିଏ ବିଜୟୀ ହୋଇଥିଲା ତାହାର ପ୍ରମାଣ ବିଶ୍ୱ ନିକଟରେ ରଖାଯାଇଥିବା ୟୁଏନ୍‌ଜିଏର ୮୦ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଗେହଲଟ୍ କହିଛନ୍ତି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା, ଯାହାର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ଅଛି। ପାକ୍ ପ୍ରଧାନମନ୍ତ୍ରୀଙ୍କ ଦାବି ଅନୁଯାୟୀ ଧ୍ୱଂସପ୍ରାପ୍ତ ରନ୍‌ୱେ ଏବଂ ଜଳିଯାଇଥିବା ହ୍ୟାଙ୍ଗରଗୁଡ଼ିକ ଯଦି ବିଜୟ ଭଳି ଦେଖାଯାଉଥାଏ, ତେବେ ଇସ୍‌ଲାମାବାଦ ତାହାକୁ ଉପଭୋଗ କରୁ ବୋଲି ଗେହଲଟ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଅସ୍ତ୍ରବିରତି ପାଇଁ ପାକିସ୍ତାନୀ ସେନା ଅନୁରୋଧ କରିଥିଲା। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦ ମଧ୍ୟରେ ଥିବା ପ୍ରସଙ୍ଗଗୁଡ଼ିକରେ ତୃତୀୟ ପକ୍ଷ ହସ୍ତକ୍ଷେପ କରିବାର ସ୍ଥାନ ନ ଥିବା ଗେହଲଟ ଜାତିସଂଘରେ ସ୍ପଷ୍ଟ କରିଦେଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ପୁଣିଥରେ ଆତଙ୍କବାଦର ପ୍ରଶଂସା କରିଛନ୍ତି, ଯେପରି ଏହା ସେମାନଙ୍କ ବିଦେଶ ନୀତିର ମୁଖ୍ୟ ଭାଗ ବୋଲି ଗେହଲଟ୍ ଜାତିସଂଘ ସାଧାରଣ ସଭାରେ ଭାରତର ଉତ୍ତର ରଖିବା ଅଧିକାର ବଳରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଶାଖା ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ଏଥିପାଇଁ ନିଜକୁ ଦାୟୀ କରିଥିଲା। ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିଲା। ମେ' ୯ ପର୍ଯ୍ୟନ୍ତ ପାକିସ୍ତାନ ଅଧିକ ଆକ୍ରମଣ କରିବ ବୋଲି ଧମକ ଦେଉଥିବାବେଳେ ୧୦ ତାରିଖରେ ଏହାର ସେନା ଅସ୍ତ୍ରବିରତି ପାଇଁ ସିଧାସଳଖ ନିବେଦନ କରିଥିଲା। ଏହା ପୂର୍ବରୁ ଭାରତୀୟ ସେନା ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା। ସେହି ଧ୍ୱଂସର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ବୋଲି ଗେହଲଟ୍ କହିଛନ୍ତି।

**ଅପରେଶନ ସିନ୍ଦୂର**

**ଅସ୍ତ୍ରବିରତି ପାଇଁ ପାକ୍ ସେନା ନିବେଦନ କରିଥିଲା**



ପେଟାଲ ଗେହଲଟ୍

## ଭିଜିବ ଦଶହରା

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)



ଦଶହରାକୁ ଭିଜାଇବ ବର୍ଷା। ଫିକା ପଡ଼ିପାରେ ପାର୍ବଣ। ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ଅକ୍ଟୋବର ୧ରୁ ବର୍ଷାର ପରିମାଣ ବଢ଼ିବା ନେଇ ଅନୁମାନ କରାଯାଉଥିବା

## ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ

ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ୧ ତାରିଖରେ ଉତ୍ତର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ସକ୍ରିୟ ରହିଛି। ଏହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ତେବେ ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ରବିବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାର ☞ପୃଷ୍ଠା-୮



# ପୂଜାରେ ଫଟୋଶୁଟ୍

## ନ ହେଉ ଚିନ୍ତାର କାରଣ

ମା'ଙ୍କ ଆଗମନରେ ଏବେ ସବୁଆଡ଼େ ଉତ୍ସବମୁଖର। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ଡାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାକୁ ସମସ୍ତେ ତତ୍ପର। ତା'ସହ ଏସବୁର ଫଟୋ ଏବଂ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅଧିକାଂଶଙ୍କ ଭିତରେ ବେଶି କ୍ରେଜ୍। ହେଲେ କେବେକେବେ ଏହି ଖୁସି ଭିତରେ ଟେନ୍ସନ୍ ବଢ଼ାଇଦିଏ ମୋବାଇଲ୍ ଚୋରି। ତେଣୁ ପୂଜାରେ ଫଟୋଶୁଟ୍ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...



ବର୍ତ୍ତମାନ ଅଧିକାଂଶଙ୍କଠାରେ, ବିଶେଷକରି ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଅପଡେଟ୍ ରହିବା, ଅଧିକ ଲାଇକ୍, କମେଣ୍ଟ ପାଇବା ଲାଗି ଫଟୋ, ଭିଡିଓ ଏବଂ ରିଲ୍ସ କରିବା ନିଶା ଘାରିଛି। ଯେଉଁଥିପାଇଁ ପୂଜାରେ ଫଟୋ, ଭିଡିଓ ଆଦି କରିବାକୁ ସେମାନେ ବେଶ୍ ଉତ୍କଣ୍ଠିତ। ହେଲେ ବର୍ତ୍ତମାନ ପୂଜାମଣ୍ଡପଗୁଡ଼ିକରେ ଅଧିକ ଗହଳି ଥିବାରୁ ମୋବାଇଲ୍ ଫୋନ୍ ଚୋରି ଆଶଙ୍କା ଅଧିକ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ନିଜ ମୋବାଇଲ୍‌କୁ ସୁରକ୍ଷିତ ରଖିବା ଲାଗି କେତୋଟି କଥା ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

– ପୂଜା ପେଣ୍ଡାଲ୍‌ରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ୍ ଚୋରି ଅଧିକ କରିଥା'ନ୍ତି। ଫୋନ୍‌ରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବାମାତ୍ରେ ଫୋନ୍‌କୁ ହାତରେ ନ ଧରି ତୁରନ୍ତ ବ୍ୟାଗ୍ ଭିତରେ ରଖିଦିଅନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ସେହିପରି ଯୁବକମାନେ ଫୋନ୍‌କୁ ପ୍ୟାଣ୍ଟର ପଛ ପକେଟରେ ଆଦୌ ରଖନ୍ତୁ ନାହିଁ। ଏଥିପାଇଁ ସ୍ଲିଙ୍ଗ୍ ବ୍ୟାଗ୍ କିମ୍ବା ୱେଷ୍ଟ ବ୍ୟାଗ୍ ବ୍ୟବହାର କରିପାରିବେ।

– ଫୋନ୍‌ରେ ଏକ ରିଷ୍ଟ ଷ୍ଟ୍ରାପ୍ ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାଦ୍ୱାରା କୌଣସି କାରଣରୁ ହାତରୁ ଫୋନ୍ ଖସିଗଲେ ତଳେ ପଡ଼ି ନଷ୍ଟ ହେବ ନାହିଁ କିମ୍ବା କେହି ହଠାତ୍ ଛଡ଼ାଇ ନେଇପାରିବେ ନାହିଁ।



### ନିଜେ ସତର୍କ ରହିବା ଜରୁରୀ

**ମୃତ୍ୟୁଞ୍ଜୟ ସ୍ୱାଇଁ** (ଆଇଆଇସି, ମଞ୍ଚେଶ୍ୱର ଥାନା)– ପାର୍ବଣ ଅବସରରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଅଧିକ ଭିଡ଼ ପରିଲକ୍ଷିତ ହେଉଥିବାରୁ ଲୁଟେରାମାନେ ଏହାର ଖୁବ୍ ଫାଇଦା ନେଉଛନ୍ତି। ଗତ କିଛିବର୍ଷ ହେବ ପୂଜା ସମୟରେ ବହୁ ସଂଖ୍ୟାରେ ମୋବାଇଲ୍ ଫୋନ୍ ଚୋରି ଘଟଣା ନଜରକୁ ଆସିଛି। ଯେହେତୁ ସେଲ୍‌ଫି ନେବା କିମ୍ବା ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ଏବେ ସଭିଙ୍କର ବିଶେଷକରି ଯୁବପିଢ଼ିଙ୍କ ଠାରେ ଅଧିକ ଦେଖିବାକୁ ମିଳୁଛି, ଏମିତିରେ ସେମାନଙ୍କ ଫୋନ୍ ଚୋରି ହେବା ଆଶଙ୍କା ବେଶି ବଢ଼ିଯାଉଛି। ତେଣୁ ନିଜେ ସତର୍କ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଫଟୋ ଉଠାଇବା ବେଳେ ଫୋନ୍‌କୁ ଭଲ ଭାବେ ଧରିବା ସହ ଉଠାଇ ସାରିଲେ ଏହାକୁ ଠିକ୍ ଭାବେ ରଖିବା ଦରକାର। ଯୁବକମାନେ ପ୍ୟାଣ୍ଟର ପଛ ପକେଟ୍‌ରେ ଫୋନ୍ ରଖିବା ଠିକ୍ ନୁହେଁ, ଏହାଦ୍ୱାରା ଚୋରଙ୍କୁ ପକେଟ୍‌ମାର କରିବା ସହଜ ହୋଇଥାଏ। ସେହିପରି ଯୁବତୀମାନେ ପଛ ପ୍ୟାଣ୍ଟ ପକେଟ୍‌ରେ ଫୋନ୍ ନ ରଖିବା ଭଲ। ଭ୍ୟାନିଟି ବ୍ୟାଗ୍‌ରେ ଫୋନ୍ ରଖୁଥିଲେ ଏହାକୁ ପଛକୁ କିମ୍ବା କଡ଼ରେ ନ ରଖି ଆଗ ପଟକୁ ରଖିବା ଦରକାର। ତେବେ ପୋଲିସ୍ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଣ୍ଡପଗୁଡ଼ିକରେ ୟୁନିଫର୍ମରେ ଏବଂ ସାଦା ପୋଷାକରେ ମଧ୍ୟ ପୋଲିସ୍ ମୁତୟନ କରାଯାଇଛି। ତଥାପି କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲ ନମ୍ବରରେ ତୁରନ୍ତ ଯୋଗାଯୋଗ କରିପାରିବେ। ତେବେ କେବଳ ମୋବାଇଲ୍ ଫୋନ୍ ନୁହେଁ, ସୁରକ୍ଷା ଦୃଷ୍ଟିରୁ ପୂଜା ସମୟରେ ଗହଳି ଅଧିକ ଥିବାରୁ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ଏବଂ ପାଖରେ ଅଧିକ କ୍ୟାଶ୍ ନ ରଖି ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବାକୁ ମଧ୍ୟ ବାରମ୍ବାର ସଚେତନ କରାଯାଉଛି।

**ଧ୍ୟାନ ଦିଅନ୍ତୁ:** ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ବି କେବେକେବେ ମୋବାଇଲ୍ ଚୋରି ହୋଇଯାଏ। ଯେହେତୁ ମୋବାଇଲ୍‌ରେ ଫଟୋ, ଭିଡିଓ, କଣ୍ଟାକ୍ଟ ନମ୍ବର ଭଳି ସମସ୍ତ ପର୍ସନାଲ୍ ଡାଟା ଏବଂ ବ୍ୟାଙ୍କ୍ ଡିଟେଲ୍ସ ଆଦି ରହୁଛି, ତେଣୁ ଏହା ଚୋରି ହୋଇଗଲେ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜିପାରେ। ତେଣୁ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ନିହାତି ଜାଣିରଖିବା ଦରକାର...





**ଗୁଗୁଲ୍ ଆଇଡି ଡିଟେଲ୍ସ ରଖନ୍ତୁ:** ସାଧାରଣତଃ ଫୋନ୍‌ରେ ଗୁଗୁଲ୍ ଆଇଡି ସେଟ୍ କରିବା ପରେ ଆମେ ଏହା ସମ୍ବନ୍ଧିତ ସୂଚନା ଯେପରି ଆଇଡି, ପାସ୍‌ୱାର୍ଡ ଆଦି ମନେ ରଖି ନ ଥାଉ। ଯଦ୍ୱାରା ଫୋନ୍ ଚୋରି ହେଲେ ଏହା ମିଳିବା କଷ୍ଟ ହୋଇଥାଏ। ତେଣୁ ଏସବୁ ଡିଟେଲ୍ସ ସବୁବେଳେ ଲେଖି ରଖିବା ଦ୍ୱାରା ଯଦି କୌଣସି କାରଣରୁ ଫୋନ୍ ଚୋରି ହୁଏ, ତେବେ ଅନ୍ୟ ଫୋନ୍‌ରୁ ଏହାକୁ ଆକ୍ସେସ୍ କରି ତୁରନ୍ତ ଫୋନ୍‌ରୁ ଆଇଡି ଲଗ୍‌ଆଉଟ୍ କରି ନିଜ ପର୍ସନାଲ୍ ଡାଟାକୁ ସୁରକ୍ଷିତ ରଖିପାରିବେ।

### କ'ଣ କୁହନ୍ତି ଏମାନେ...

#### ସତର୍କତା ଅବଲମ୍ବନ କରିବି



**ପାର୍ଥସାରଥୀ ସାମନ୍ତରାୟ**(ଖୋର୍ଦ୍ଧା)– ଗତ ଦୁଇ ବର୍ଷ ହେବ ୟୁଟ୍ୟୁବ୍ ଚ୍ୟାନେଲ୍ କରି ବିଭିନ୍ନ ଭ୍ଲଗ୍ କରୁଛି। ଚଳିତବର୍ଷ ଭୁବନେଶ୍ୱର ଓ କଟକ ଦୁର୍ଗା ପୂଜା ସମେତ ଖୋର୍ଦ୍ଧା ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶୁଟ୍ କରିବା ଯୋଜନା କରିଛି। ସାଙ୍ଗସାଥିଙ୍କ ସହ ପୂଜାମଣ୍ଡପ ବୁଲାବୁଲିର ମୋବାଇଲ ଭିଡିଓ ଶୁଟ୍ କରିବି। ହେଲେ ଗତ କିଛି ବର୍ଷ ପୂଜା ମଣ୍ଡପରେ ଯେଉଁ ଭଳି ମୋବାଇଲ୍ ଚୋରୀ ଘଟଣା ଶୁଣିବାକୁ ମିଳିଛି ସେଥିପାଇଁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବି। ଦୂରରୁ ଭିଡିଓରେ କ୍ଲାରିଟି ରହୁ ନ ଥିବାରୁ ଭିଡରେ ପେଣ୍ଡାଲ୍ ପାଖକୁ ଯାଇ ଶୁଟ୍ କରିବା ବେଳେ ଯଥା ସମ୍ଭବ ସତର୍କ ରହିବି। ସେଲ୍ଫି ଷ୍ଟିକ୍ ବ୍ୟବହାର କରିବି ଏବଂ ଶୁଟିଂ ସରିବା ମାତ୍ରେ ଫୋନ୍‌କୁ ପକେଟ୍‌ରେ ନ ରଖି ବ୍ୟାଗ୍‌ରେ ରଖିବି, ଯାହାଦ୍ୱାରା ଚୋରୀ ରିସ୍କ ରହିବ ନାହିଁ ବୋଲି ମୋର ଆଶା।

#### ସୁରକ୍ଷା ପାଇଁ ୱେଷ୍ଟ ବ୍ୟାଗ୍ ଭଲ ଅପ୍ସନ



**କାଜଲ ଅଗ୍ରୱାଲ**( ବରଗଡ)– ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ସବୁଠି ଉତ୍ସବମୁଖର ହୋଇଉଠେ। ଏ ସମୟରେ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ଆଉ ଡାଣ୍ଡିଆ ନାଇଟ୍ସ ଏଞ୍ଜୟ କରିବାକୁ ମୋତେ ବହୁତ ଭଲ ଲାଗେ। ଆଉ ଏସବୁ ମୁହୂର୍ତ୍ତକୁ ମୁଁ ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ପୋଷ୍ଟ ବି କରେ। ହେଲେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢାଇଦିଏ ବିଭିନ୍ନ ଚୋରି ଖବର। ଏପରି ଅସୁବିଧାର ସମ୍ମୁଖିନ ନ ହେବା ଲାଗି ଗହଳି ସ୍ଥାନକୁ ଯିବା ବେଳେ ମୋବାଇଲ୍ ରଖିବା ଲାଗି ୱେଷ୍ଟ ବ୍ୟାଗ୍ ବ୍ୟବହାର କରିବି। ଦୁର୍ଭାଗ୍ୟବଶତଃ ଏପରି କେବେ ହେଲେ ପର୍ସନାଲ୍ ଡାଟା ସୁରକ୍ଷିତ ରଖିବା ଲାଗି ମୋବାଇଲ୍‌ରେ ସେଫ୍ଟି ଆପ୍ ବି ଇନ୍‌ଷ୍ଟଲ୍ କରି ରଖିଛି। ମୋ ମତରେ କେବଳ ପୂଜା ସମୟରେ ନୁହେଁ ମୋବାଇଲ୍ କୌଣସି କାରଣରୁ ଚୋରୀ ଅବା ହଜିଗଲେ ଯେପରି କେହି ଏହାର ମିସ୍‌ୟୁଜ୍ ନ କରନ୍ତି ସେଥିପାଇଁ ସମସ୍ତେ ସେଫ୍ଟି ଆପ୍ ବ୍ୟବହାର କରିବା ଦରକାର।

**ଇଏମ୍‌ଇଆଇ ନମ୍ବର ଜାଣିବା ଜରୁରୀ:** ଆପଣ ଯେଉଁ ଫୋନ୍ ବ୍ୟବହାର କରୁଛନ୍ତି, ତା'ର ଇଏମ୍‌ଇଆଇ ନମ୍ବର ନିହାତି ଜାଣିବା ବା ଲେଖିରଖିବା ଦରକାର। ଯଦ୍ୱାରା ଫୋନ୍ ଚୋରି ହୋଇଗଲେ ପୋଲିସ୍ ଏହା ସାହାଯ୍ୟରେ ଆପଣଙ୍କ ଫୋନ୍ ଟ୍ରାକ୍ କରି ଖୋଜିପାରିବେ। ଏହାକୁ ଜାଣିବା ପାଇଁ ନିଜ ଫୋନ୍‌ର ସେଟିଂରେ ଥିବା ଏବାଉଟ୍ ଅପ୍ସନ୍‌କୁ କ୍ଲିକ୍ କରି ଇଏମ୍‌ଆଇ ନମ୍ବର ଓପନ୍ କରନ୍ତୁ ଏବଂ ଏହାକୁ ଲେଖିରଖନ୍ତୁ। ଏହାଦ୍ୱାରା ଫୋନ୍ ଟ୍ରାକ୍ ରହିବା ସହ ଡିଭାଇସ୍‌କୁ ବ୍ଲକ୍ ମଧ୍ୟ କରିପାରିବେ।

**ଫାଇଣ୍ଡ ମାଇଁ ଡିଭାଇସ୍:** ଗୁଗୁଲ୍ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଦ୍ୱାରା ଅନ୍ୟ ଏକ ଫୋନ୍‌ରେ ନିଜ ଆଇଡି ଏବଂ ପାସ୍‌ୱାର୍ଡ ଦେଇ ନିଜ ଚୋରି ହୋଇଥିବା ଫୋନ୍ ଖୋଜିପାରିବେ। ଏହାଦ୍ୱାରା ଫୋନ୍‌ର ଲୋକେଶନ୍, ସେଥିରେ ବର୍ତ୍ତମାନ କେଉଁ ସିମ୍ ପଡ଼ିଛି ଆଦି ଟ୍ରାକ୍ କରିପାରିବେ।

**ହ୍ୟାମର୍ ସିକ୍ୟୁରିଟି ଆପଣାନ୍ତୁ:** ଏହା ଏକ ଖୁବ୍ ସୁରକ୍ଷିତ ଏବଂ ଲୋକପ୍ରିୟ ଆପ୍, ଯାହାକି ମୋବାଇଲ୍‌କୁ ଚୋରି ହେବା ବା ଚୋରକୁ ଧରିବାରେ ସାହାଯ୍ୟ କରିଥାଏ। ଏହି ଆପ୍ ପ୍ଲେ ଷ୍ଟୋରରେ 'ଟ୍ରାକ୍ ଇଟ୍ ଇଭେନ୍ ଇଫ୍ ଇଟ୍ ଇଜ୍ ଅଫ୍' ନାଁରେ ରହିଛି। ଏଥିରେ ଫେକ୍ ସ୍ୱିଚ୍ ଅଫ୍ ଅପ୍ସନ ଏବଂ ଫେକ୍ ଏରୋପ୍ଲେନ୍ ମୋଡ୍ ଅପ୍ସ ରହିଛି। ଫଳରେ ଚୋରି କଲେ ବି ଚୋର ଯେବେ ଏହାକୁ ସ୍ୱିଚ୍ ଅଫ୍ କରିବ କିମ୍ବା ଏରୋପ୍ଲେନ୍ ମୋଡ୍‌ରେ ରଖିବ, ତେବେ ତାହା ଫେକ୍ ଅପ୍ସନ ଦେଖାଇବ ଏବଂ ଫୋନ୍ ଅନ୍ ଅଛି ବୋଲି ସେ ଜାଣିପାରିବ ନାହିଁ। ତା'ଛଡ଼ା ଏଥିରେ ଥିବା ପ୍ୟାନିକ୍ ମୋଡ୍ ଆକ୍ଟିଭ୍ ରଖିବା ଦ୍ୱାରା ତୁରନ୍ତ ଚୋରର ସେଲ୍ଫି ଓ ଲୋକେଶନ୍ ଆପଣଙ୍କ ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବରକୁ ଚାଲିଯାଇଥାଏ, ଯାହାକୁ ଟ୍ରାକ୍ କରି ଫୋନ୍‌କୁ ଖୋଜିବା ସହଜ ହୋଇଥାଏ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ପୂଜା ସମୟରେ ଦୁର୍ଭାଗ୍ୟବଶତଃ ଫୋନ୍ ଚୋରି ହୋଇଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ସିମ୍ କାର୍ଡ ବ୍ଲକ୍ କରିବା ସହ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌ରେ ଖବର ଦେବା ଜରୁରୀ।

– ପୌର୍ଣ୍ଣମାସୀ

## ୟୁଥ୍ ଆଲର୍ଟ

# ପୂଜାବେଳେ ବାହାର ଖାଦ୍ୟ ଖାଉଥିଲେ...

ଆରମ୍ଭ ହୋଇଯାଇଛି ଦଶହରା। ପୂଜାମଣ୍ଡପଗୁଡ଼ିକ ନିକଟରେ ମିଳୁଛି ନାନାଦି ପ୍ରକାର ଖାଦ୍ୟର ସମ୍ଭାର। ହେଲେ ଏସବୁ ଖାଦ୍ୟ ଅଧିକ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ପୂଜାରେ ଏଭଳି ଖାଦ୍ୟ ଖାଉଥିଲେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ପ୍ରତି ଧ୍ୟାନ ଦେବା ଜରୁରୀ...

➔ପୂଜା ସମୟରେ ମାର୍କେଟ ସହିତ ପୂଜାସ୍ଥଳ ନିକଟରେ ମଧ୍ୟ ଅନେକ ଫୁଡ୍ ଷ୍ଟଲ୍ ଦେଖିବାକୁ ମିଳିଥାଏ। ଆଉ ଯୁବପିଢ଼ି ଏ ସବୁ ଖାଇବାର ମଉକା ଆଦୌ ହାତଛଡ଼ା କରି ନ ଥା'ନ୍ତି। ହେଲେ ଅପରପକ୍ଷେ ଏଭଳି ଖାଦ୍ୟ ଖାଇବା ଦ୍ୱାରା ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। କେବେକେବେ ଫୁଡ୍ ପଏଜନିଂ ହୋଇ ଝାଡ଼ା, ବାନ୍ତି ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ବାହାରେ ଯଥାସମ୍ଭବ କମ୍ ଖାଆନ୍ତୁ।

➔ପୂଜା ବେଳେ ଲାଭ ପାଇବା ଆଶାରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ବ୍ୟବସାୟୀ ଅଧିକ ରଙ୍ଗ, ଖରାପ ତେଲ ଆଦି ମଧ୍ୟ ବ୍ୟବହାର କରିଥା'ନ୍ତି ; ଯାହାକୁ ଖାଇଲେ ଶରୀରକୁ ବିଷାକ୍ତ ପଦାର୍ଥ ଚାଲିଯାଏ ଏବଂ ପେଟ ସମସ୍ୟା ଉପୁଜିଥାଏ। ଏହାକୁ ଦୂର କରିବା ଲାଗି ବା ଶରୀରକୁ ଡିଟକ୍ସ ନିମିତ୍ତ ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

– ପୂଜା ଦିନରେ ଅତିକମ୍‌ରେ ଦିନକୁ ୩–୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।



– ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ଆବଶ୍ୟକ।

– ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ଲାଗି ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ଏମ୍‌ଏଚ୍‌ସିର ଫୁଲ୍‌ଫର୍ମ ............ ?
୨– ଆଇଏନ୍‌ଏସ୍ ରାଜାଳି ତାମିଲନାଡୁରେ ଥିବା ଏକ ............ ?
୩– ନିକଟରେ ........... ଦେଶ ଭାରତରୁ ବାଦାମ ଆମଦାନୀ ବନ୍ଦ କରିଦେଇଛି ?
୪– ଦି ଗଲ୍ଫ ଅଫ୍ ଫିନ୍‌ଲାଣ୍ଡ ................ ଠାରେ ରହିଛି ?
୫– ସ୍ୱେଶ୍ ଆଣ୍ଡ ମିଜାଇଲ୍ ଟ୍ରାକିଂଶିପ୍ ଉଆନ୍ ୟାଙ୍ଗ୍ ୫ ........ ଦେଶ ନିର୍ମାଣ କରିଛି ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ୩୮
୩ ଚେନ୍ନାଇ
୪ ତାଞ୍ଜାନିଆ ଏବଂ କେନିଆ
୫ ଅକ୍ଟୋବର ୧୫

## ଉତ୍ତର ଦାତା



ଛବିଲାଲ୍ ଭାଟି
କଳାହାଣ୍ଡି



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଶେଖ୍ ୟାକୁବ୍
ଗୋପ

### ଜାଣନ୍ତୁ ଦୁନିଆ

# ବିନା ଦୀପ ଆଉ ବତିରେ ଜଳୁଛି ଅଖଣ୍ଡ ଜ୍ୟୋତି

ଆମ ଦେଶରେ ଅନେକ ଦେବୀ ମନ୍ଦିର ରହିଛି, ଯାହା ମଧ୍ୟରୁ ଏମିତି ଏକ ଅଲୌକିକ ଶକ୍ତିପୀଠ ରହିଛି; ଯେଉଁଠାରେ ବିନା ଦୀପ ଏବଂ ବତିରେ ଅଖଣ୍ଡ ଜ୍ୟୋତି ପ୍ରକାଶିତ ହେଉଥିବା ଦେଖିବାକୁ ମିଳେ। ହିମାଚଳ ପ୍ରଦେଶରେ ଥିବା ଏହି ଶକ୍ତିପୀଠ ହେଉଛି ମା' ଜ୍ୱାଳା ଦେବୀ ମନ୍ଦିର। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି କଥା...



❖ଆମ ଦେଶରେ ଥିବା ୫୧ଟି ଶକ୍ତିପୀଠ ମଧ୍ୟରେ ହିମାଚଳ ପ୍ରଦେଶରେ ଥିବା ଜ୍ୱାଳାଦେବୀ ମନ୍ଦିର ଅନ୍ୟତମ।

❖ଶିବାଳକ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶରେ ଥିବା ଏହି ମନ୍ଦିରର ଅନେକ ଧାର୍ମିକ ମାନ୍ୟତା ରହିଛି। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

❖ହିନ୍ଦୁ ପୌରାଣିକ କଥା ଅନୁସାରେ, ଯେବେ ମା' ସତୀ ପିତା ଦକ୍ଷଙ୍କ ଯଜ୍ଞରେ ନିଜ ସ୍ୱାମୀ ଶିବଙ୍କ ଅପମାନ ସହି ନ ପାରି ଆତ୍ମଦାହ କରିଥିଲେ, ସେତେବେଳେ ଭଗବାନ ଶିବ ଅତ୍ୟନ୍ତ ରାଗରେ ସତୀଙ୍କ ଜଳିଯାଇଥିବା ଶରୀର ଧରି ବ୍ରହ୍ମାଣ୍ଡସାରା ବୁଲୁଥିଲେ। ଶିବଙ୍କୁ ଶାନ୍ତ କରିବା ଲାଗି ନାରାୟଣ ନିଜ ଚକ୍ରରେ ଦେବୀ ସତୀଙ୍କ ପୋଡ଼ା ଶରୀରକୁ କାଟି ଦେଇଥିଲେ, ଯାହାକି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଉକ୍ତ ସ୍ଥାନଗୁଡ଼ିକ ପରବର୍ତ୍ତୀ ସ୍ଥାନରେ ଶକ୍ତିପୀଠ ପାଲଟିଛି। ତେବେ କୁହାଯାଏ, ଏଠାରେ ମା'ଙ୍କ ଜିଭ ପଡିଥିଲା ; ଯାହାକି ଏବେ ବି ନିରନ୍ତର ଜଳୁଛି ଏବଂ ତାହା ମା' ଜ୍ୱାଳାମୁଖୀଙ୍କ ନାମରେ ପରିଚିତ।

❖ଏହା ବ୍ୟତୀତ ଆଉ କେତେକ କିମ୍ବଦନ୍ତୀ ବି ରହିଛି। କୁହାଯାଏ, ମୋଗଲ ବାଦଶାହ ଆକବର ଯେବେ ଏହି ମନ୍ଦିର ବିଷୟରେ ଜାଣିଲେ, ନିଜ ସେନାବାହିନୀ ଧରି ଏହି ଜ୍ୟୋତି ଲିଭେଇବା ଲାଗି ଆସିଲେ। ହେଲେ ବହୁ ଚେଷ୍ଟା ପରେ ମଧ୍ୟ ଅସଫଳ ରହିଥିଲେ। ଆଉ ଏଥିପାଇଁ ସେ ମଧ୍ୟ ଏହି ଅଲୌକିକ ଘଟଣାରେ ବିଶ୍ୱାସ କରିବା ସହ ଉକ୍ତ ମନ୍ଦିରରେ ସୁନାର ଛତ୍ର ଚଢ଼ାଇଥିଲେ।

❖ଏହି ମନ୍ଦିରର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ କୌଣସି ମୂର୍ତ୍ତିର ପୂଜା କରାଯାଇ ନ ଥାଏ। ମନ୍ଦିରର ବିଭିନ୍ନ ସ୍ଥାନରେ ଅନାଦି କାଳରୁ ପ୍ରାକୃତିକ ଜ୍ୟୋତି ପ୍ରଜ୍ୱଳିତ ହୋଇଆସୁଛି, ଯାହାକୁ ମା'ଙ୍କ ସ୍ୱରୂପ ବୋଲି ଗ୍ରହଣ କରାଯାଏ ଏବଂ ଭକ୍ତ ଉକ୍ତ ଜ୍ୟୋତିକୁ ପୂଜାର୍ଚ୍ଚନା କରିଥା'ନ୍ତି।

❖କିମ୍ବଦନ୍ତୀ ଅନୁଯାୟୀ, କେତେକ ସ୍ଥାନରେ ଏମିତିବି ବର୍ଣ୍ଣନା ରହିଛି ଯେ, ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରାଇଥିଲେ। ସେବେଠୁ ଏହାକୁ ଆସ୍ଥା ଏବଂ ଶ୍ରଦ୍ଧାର ପ୍ରତୀକ ବୋଲି ବିଶ୍ୱାସ କରାଯାଉଛି। ମାର୍ଚ୍ଚ–ଏପ୍ରିଲ୍ ଏବଂ ଅକ୍ଟୋବର–ନଭେମ୍ବରରେ ନବରାତ୍ର ସମୟରେ ଏଠାରେ ମେଳା ଆୟୋଜନ ହୋଇଥାଏ ଏବଂ ଦେଶ ବିଦେଶରୁ ଅନେକ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ହୋଇ ମା'ଙ୍କ ପୂଜା କରିଥା'ନ୍ତି। ଏହି ସମୟରେ ଏଠାକାର ଦୃଶ୍ୟ ଆହୁରି ଭବ୍ୟ ଓ ମନୋରମ ହୋଇଉଠେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମୟରେ ମା'ଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ନିଷ୍ଠାର ସହିତ ଭକ୍ତ ଯେଉଁ ମନସ୍କାମନା କରନ୍ତି, ତାହା ନିଶ୍ଚୟ ପୂରଣ ହୋଇଥାଏ।






**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

# ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର,୨୭।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ



କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।

ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୫୦୪ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲେ। ଏଥିରେ ୧୨୦ଜଣ ସାକ୍ଷୀଙ୍କ ନାମ ରହିଥିଲା।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

# ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତମ ଥର ଲାଗି ଓଡ଼ିଶା ଗସ୍ତରେ ଆସିଛନ୍ତି। ଖଣିଜ ଦ୍ରବ୍ୟ, ପ୍ରାକୃତିକ ସମ୍ପଦକୁ ଖୋଲାଖୋଲି ଲୁଟକରି ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଏକ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା କେବଳ ବିଜ୍ଞାପନ ଓ ଭାଷଣରେ ସରକାର ଚଳାଇଛି। ତାଙ୍କ ସରକାର ଆସିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମରେ ହେବ ଏବଂ ଏହାର ଅନୁଦାନ ହଜାର ହଜାର କୋଟି କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ଦିଗରେ ପାହୁଣ୍ଡଟିଏ କାର୍ଯ୍ୟ ମଧ୍ୟ ଅଗ୍ରସର ହୋଇନାହିଁ। ହାଇକୋର୍ଟ ବେଞ୍ଚ ସ୍ଥାପନ ଅଞ୍ଚଳବାସୀଙ୍କ ଏକ ପୁରୁଣା ଦାବି ସେଥିପ୍ରତି ମଧ୍ୟ ସରକାର ଉଦାସୀନ। ଏସବୁ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ଧୋକା ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେଡି ସରକାର ଥିବାବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ଭାଜପା ଏବେ ଟ୍ରିପଲ ଇଞ୍ଜିନ ସରକାର ହୋଇ ମଧ୍ୟ ସମାଧାନ କରିପାରୁ ନାହିଁ। ଓଡିଶାକୁ ସ୍ୱତନ୍ତ୍ର ଅନୁଦାନ ତ ନାହିଁ ଖାଲିଟାରେ ପ୍ରଧାନମନ୍ତ୍ରୀ କାହିଁକି ବାରମ୍ବାର ଆସି ରାଜ୍ୟକୁ ବହୁ କୋଟି ଟଙ୍କାର ଖର୍ଚ୍ଚାନ୍ତ କରୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ଭାଜପା ଶାସନରେ ନିଅଁ ପକାଇବାକୁ ଲାଗିଗଲା ୧୧ ବର୍ଷ: ବିଜେଡି

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ଭାଜପା ଶାସନରେ ଯଦି ନିଅଁ ପକାଇବାକୁ ୧୧ ବର୍ଷ ପଳେଇଲାଣି ତେବେ ଛାତ ପାଇଁ କେତେଦିନ ଲାଗିବ। ସେମାନଙ୍କୁ କ'ଣ ସବୁବେଳେ ଲୋକ ଭୋଟ ଦେଉଥିବେ ନା ସେମାନେ ଶାସନରେ ଥିବେ ବୋଲି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ପ୍ରମିଳା କହିଛନ୍ତି, ଯେବେଠାରୁ ଭାଜପା ସରକାରକୁ ଆସିଲାଣି ସେମାନେ ଯେତିକି ପ୍ରକଳ୍ପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବା ଶୁଭ ଦେଇଛନ୍ତି ସେଥିରୁ କେତୋଟି ସାରିଲେଣି। ତାଳଚେର ସାର କାରଖାନା କେତେଦିନରେ ଚଲେଇବେ ବୋଲି କହିଥିଲେ। ମିଛ ପ୍ରଚାର ଛଡ଼ା ଭାଜପା ସରକାର କିଛି କରୁନାହିଁ। ରାଜ୍ୟରେ ବେକାରିଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ନାରୀ ନିର୍ଯାତନା ବଢ଼ିଛି। ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନକରି ସାର ଯୋଗାଇ ପାରୁନାହାନ୍ତି। ଖାଲି ନୂଆ ସ୍ୱପ୍ନ ଦେଖାଇବାରେ ଏମାନେ ମାହିର। କିନ୍ତୁ ସାଧାରଣ ଲୋକଙ୍କ ଆଶା କିଛି ଏଯାଏଁ ପୂରଣ ହେଲାନାହିଁ ବୋଲି ପ୍ରମିଳା କହିଛନ୍ତି।






ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

ପାଠେ ଶ୍ରୀଦୁର୍ଗାଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# ନୂଆ ଭାରତର ସ୍ଥିତି



ଆକାର ପଟେଲ

'ଈଶ୍ୱର ତାଙ୍କ ଚମତ୍କାରିତା ପ୍ରଦର୍ଶନ କରିବା ପାଇଁ ରହସ୍ୟମୟ ତରିକାରେ ଆଗକୁ ବଢ଼ନ୍ତି' (ଗଡ୍ ମୁଭସ୍ ଇନ୍ ମିଷ୍ଟେରିୟସ ୱେଜ୍ ହିଜ୍ ୱଣ୍ଡର୍ସ ଟୁ ପରଫର୍ମ)- ଏହି ଐଶ୍ୱରୀୟ ସ୍ତୁତିକୁ ମୁଁ ସ୍କୁଲରେ ପଢ଼ିଥିଲି। ପ୍ରକୃତ କଥା ହେଉଛି ମନୁଷ୍ୟର ଜ୍ଞାନ ବାହାରେ ସାଧାରଣତଃ ଅଲୌକିକ ଘଟଣା ଘଟିଥାଏ, ଯେଉଁଠି ଉଚ୍ଚତର ଶକ୍ତି କାମ କରେ। ସେଭଳି କିଛି ଭାରତର ବୈଦେଶିକ ନୀତିରେ ଘଟୁଛି। ସରକାରଙ୍କ ପ୍ରଚାର ଅନୁଯାୟୀ ଏହି କ୍ଷେତ୍ରରେ ବଡ଼ ଜିନିଷ ହାସଲ ହୋଇଛି, କିନ୍ତୁ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ କେହି ଜାଣନ୍ତି ନାହିଁ। ତେବେ ଗୋଟିଏ ସପ୍ତାହ ମଧ୍ୟରେ ଜାତିସଂଘର ସାଧାରଣ ସଭାରେ ଆମର କ'ଣ ବିଜୟ ଘଟିଛି ସେ ସମ୍ପର୍କରେ ଜାଣିବା ପାଇଁ ଚାହିଁଲି ଏବଂ ଏଥିଲାଗି ମୋ ବନ୍ଧୁମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫାଇଲ ଉପଯୋଗୀ ହୋଇପାରେ ବୋଲି ଭାବିଲି। ଯଦି ତୁମେ ଏକ ବୈଦେଶିକ ନୀତିର ବୈଧ ତଥ୍ୟକୁ ପରଖିବ, ତେବେ ବୁଝିପାରିବ ଯେ ବିଶ୍ୱରେ ନୂଆ ଭାରତର ସ୍ଥିତି କେଉଁଠି। ଆମ ପଡ଼ୋଶୀଙ୍କଠାରୁ ଆରମ୍ଭ କରିବା। ମୁଁ ସୂଚିତ କରିପାରେ, ପାକିସ୍ତାନ ସହ ଆମ ସମ୍ପର୍କ ଖରାପ। ପାକିସ୍ତାନ ବିରୋଧରେ ଆମ ମିଲିଟାରି ଅପରେଶନକୁ ଶେଷ ନ କରି ସ୍ଥଗିତ ରଖିଥିବାରୁ ସେମାନଙ୍କ ସହ 'ଯୁଦ୍ଧ'ରେ ଅବତୀର୍ଣ୍ଣ ହୋଇଛୁ ବୋଲି କୁହାଯାଇପାରେ। 'ଯୁଦ୍ଧ'କୁ କୋଟେଶନ ଚିହ୍ନ ମଧ୍ୟରେ ରଖିବାର କାରଣ ହେଉଛି ଆମେ ବାସ୍ତବରେ ଯୁଦ୍ଧ ଘୋଷଣା କରିନାହୁଁ। ବାଂଲାଦେଶ ସେମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫେରାଇବା ଲାଗି ତାହା ଦାବି କରୁଛି, ଯେଉଁଥିରେ ତାଙ୍କୁ ଦଣ୍ଡିତ କରାଯାଇପାରେ। କିନ୍ତୁ ଆମେ ଏଯାବତ୍ ମନାକରି ଆସିଛୁ। ବାଂଲାଦେଶର ନେତା ସାର୍କକୁ ପୁନର୍ଗଠନ କରାଯିବାକୁ ଚାହୁଁଛନ୍ତି ଏବଂ ଭାରତ ଏହାକୁ ନିଷ୍କ୍ରିୟ କରିଦେବା ଅଭିଯୋଗ କରିଛନ୍ତି। ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ କରି ଭାରତୀୟ ଆର୍ମିରେ ନେପାଳୀମାନେ ଭାଗନେବାର ୨୦୦ ବର୍ଷର ସମ୍ପର୍କକୁ ଶେଷ କରିଦେଇଛନ୍ତି। ୨୦୧୫ରେ ନେପାଳୀଙ୍କ ବିରୋଧରେ କଟକଣା ସେମାନଙ୍କୁ କ୍ରୋଧିତ କରିଛି। ଗାଜାରେ ଗଣହତ୍ୟା ବନ୍ଦ କରିବା ପାଇଁ ଦାବି କରି ଶ୍ରୀଲଙ୍କା ଆମ ତୁଳନାରେ ଅଧିକ ସାହସ ଦେଖାଇଛି। କିଛିଦିନ ପୂର୍ବେ ସରକାରଙ୍କ ସମର୍ଥକମାନେ ମାଲଦେଭିସ ସହ ସମ୍ପର୍କ ନ ରଖିବାକୁ ଦାବି କରିଥିଲେ, କାରଣ ଆମେ ସେମାନଙ୍କ ଉପରେ ଅସନ୍ତୁଷ୍ଟ ଥିଲୁ। ଆମର ଏବେ ସେମାନଙ୍କ ସହ ବନ୍ଧୁତ୍ୱ ରହିଛି କି ନାହିଁ ତାହା ଅସ୍ପଷ୍ଟ। ଆମ ନେତାଙ୍କ ନିର୍ଦ୍ଦେଶରେ ଚାଇନିଜ ଟେଲିଭିଜନକୁ ନଷ୍ଟ କରିଥିଲୁ। ଏଥିପାଇଁ ଭାରତୀୟଙ୍କୁ କ୍ଷମା କରିଦିଆଯାଇପାରେ, କାରଣ କେବଳ ସେମାନେ ନୁହନ୍ତି, କେହି ବି ଏବେ ଚାଇନା ସହିତ ଆମ ସମ୍ପର୍କ କିଭଳି ରହିଛି ଜାଣନ୍ତି ନାହିଁ। ବିଗତ ଦିନରେ ତାଲିବାନକୁ ସମାଲୋଚନା କରୁଥିଲେ ବି ଏବେ ତାକୁ କାହିଁକି ଗ୍ରହଣ କରିଛୁ ସ୍ପଷ୍ଟ କରାଯାଉନାହିଁ। ୮ ବର୍ଷ ପୂର୍ବେ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେ ଇରାନଠାରୁ ତେଲ କିଣିବା ବନ୍ଦ କରିଥିଲୁ, ହେଲେ ସେମାନେ ଏବେ ମଧ୍ୟ ଆମ ତୀର୍ଥଯାତ୍ରୀଙ୍କୁ ଗ୍ରହଣ କରୁଛନ୍ତି।

ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଆମେ ଦୁଇଟି ବିରାଟ ରାଲିର ଆୟୋଜନ କରିଥିଲୁ। ତାଙ୍କ ପାଇଁ ଆମ କର୍ପୋରେଟ ଟ୍ୟାକ୍ସ ହ୍ରାସ କରିଥିଲୁ ଓ ଆମେରିକା ନିର୍ବାଚନରେ ହସ୍ତକ୍ଷେପ କରିଥିଲୁ। ସେହି ଟ୍ରମ୍ପ ଏବେ ଆମ(୨୫%) ତୁଳନାରେ ପାକିସ୍ତାନ(୧୯%) ଏବଂ ବାଂଲାଦେଶ(୨୦%) ଉପରେ କମ୍ ଟାରିଫ ଲାଗୁ କରିଥିଲେ ଓ ପରେ ଆମ ଉପରେ ଆଉ ୨୫% ବଢ଼ାଇଛନ୍ତି। ଏହା ବ୍ୟତୀତ ଏଚ୍- ୱାନ୍ -ବି ଭିଜା ଦେୟ ବୃଦ୍ଧି କରି ୧,୦୦,୦୦୦ ଡଲାର କରିଛନ୍ତି। ଏବେ ସେ ଫାର୍ମା ଉପରେ ଆଉ ଅଧିକ ଟାରିଫ ଲଗାଇଛନ୍ତି। ଏହା ନିଶ୍ଚିତ ଯେ, ଆମେରିକା ଆମ ବନ୍ଧୁ ନୁହେଁ। କିନ୍ତୁ ଇସ୍ରାଏଲ ଆମ ବନ୍ଧୁ। ଜାତିସଂଘରେ ଗଣହତ୍ୟାକୁ ଯୁକ୍ତିଯୁକ୍ତ ଦର୍ଶାଇ ନେତାନ୍ୟାହୁ ଅଭିଭାଷଣ ରଖିଥିବାବେଳେ ବିଶ୍ୱର ବହୁ ଦେଶର ପ୍ରତିନିଧିମାନେ ବାହାରକୁ ଚାଲିଯାଇଥିଲେ, ହେଲେ ଭାରତ ତାଙ୍କୁ ପ୍ରଶଂସା କରିଥିଲା। ତୁର୍କୀ ଓ ଆଜାରବୈଜାନ ହେଉଛନ୍ତି ଶତ୍ରୁ, କାରଣ ସେମାନେ ପାକିସ୍ତାନର ବନ୍ଧୁ। ସମଗ୍ର ଆଫ୍ରିକୀୟ ଉପମହାଦେଶ(୫୪ରୁ ୫୩ଟି ଦେଶ, ପୁରୁଣା ସ୍ୱାଜିଲାଣ୍ଡକୁ ଛାଡ଼ି ସମସ୍ତେ) ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ପ୍ରୋଗ୍ରାମର ଅଂଶ ଭାବେ ରହିଛନ୍ତି। ନିଶ୍ଚିତ ଯେ, ସେମାନଙ୍କ ଉପରେ ଆମର ଅଧିକ ପ୍ରଭାବ ନାହିଁ। ସମାନ କାରଣ ପାଇଁ କେନ୍ଦ୍ର ଏସିଆ ଓ ଆସିଆନ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ କଥା ଘଟୁଛି। ଚାଇନା ସହ ଭାରତର ଥିବା ବାଣିଜ୍ୟର ମାତ୍ର ୧୦% ଏବଂ ଆଫ୍ରିକା ସହ ଥିବା ବାଣିଜ୍ୟର ଏକ ଚତୁର୍ଥାଂଶ ରହିଛି ଆସିଆନ ସହ। ରୁଷିଆ ସହ ଆମର ନେଣଦେଣ ସମ୍ପର୍କ। ଅସ୍ତ୍ରଶସ୍ତ୍ର ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ଏହାକୁ ଏକ ଉତ୍ସ ଭାବେ ବ୍ୟବହାର କରୁଛୁ ଏବଂ ଏବେ ତେଲ ପାଇଁ ତାହା କରୁଛୁ। ପ୍ରତିବଦଳରେ ସେମାନେ ଆମକୁ ବନ୍ଧୁ ନୁହେଁ, ବରଂ ଗ୍ରାହକ ଭାବେ ଦେଖୁଛନ୍ତି। ଆମକୁ କଦାପି ସହଯୋଗୀ ଭାବେ ବିଚାର କରୁନାହାନ୍ତି। ଇସ୍ରାଏଲକୁ କୋଳେଇ ନେବା ଯୋଗୁ ଭାରତ ଆରବ ଦେଶଗୁଡ଼ିକର ଲୋକମାନଙ୍କ ସମର୍ଥନ ହରାଇଛି। ଏହା ଆରବ ଦେଶଗୁଡ଼ିକ ସହ ଥିବା ସମ୍ପର୍କକୁ ପ୍ରଭାବିତ କରି ନ ପାରେ, କିନ୍ତୁ ଆରବର ଏକଚ୍ଛତ୍ରବାଦୀ ଶାସକମାନେ ଆମକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

ମୂଲ୍ୟବୋଧ ଦୃଷ୍ଟିରୁ ଆମେ ଧର୍ମନିରପେକ୍ଷ, ଉଦାରବାଦୀ ବ୍ୟବସ୍ଥାରୁ ଦୂରେଇ ଯାଇଛୁ, ଯେଉଁଠିକୁ ଏବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଯୁବପିଢ଼ି ଯୋଗୁ ଫେରିବାକୁ ବାଧ ହେଉଛନ୍ତି। ଆମ ବ୍ରିକ୍ସ ସହଯୋଗୀ ବ୍ରାଜିଲ ଆମେରିକାର ସାମ୍ରାଜ୍ୟବାଦକୁ ଦୃଢ଼ ଭାବେ ଅସ୍ୱୀକାର କରିଛି, ଯାହା ଆମେ କେବେ ବି କରିନାହୁଁ। ବିଶ୍ୱରେ ଭାରତ ଏମିତି ଏତେ ଏପାଖ ସେପାଖ ହେବା ଇତିହାସରେ କୌଣସି ସମୟରେ କେବେ ବି ଦେଖାଯାଇନାହିଁ। କାହା ପକ୍ଷରେ ରହିବ କିମ୍ବା କାହା ବିରୋଧରେ ଠିଆହେବ ତାହାକୁ ନେଇ ଅଧିକ ଦ୍ୱନ୍ଦ୍ୱରେ ପଡ଼ିବା ଏବଂ ଅଧିକ ଅପମାନିତ ହେବା ବି ଅତୀତରେ ଲକ୍ଷ୍ୟ କରାଯାଇନାହିଁ। ଏହା ପାଠକଙ୍କୁ ବୁଝିବାରେ ସାହାଯ୍ୟ କରିବ କାହିଁକି ଆମେ ଜଗତୀକରଣର ଅନେକ ବର୍ଷ ପରେ ଜି୨୦ ନେତୃତ୍ୱ ଓ ବିଶ୍ୱଗୁରୁ ତଥା ଅନ୍ୟସବୁ ବିଷୟରେ କହି ଏବେ ଆତ୍ମନିର୍ଭର କଥା କହୁଛୁ। ଏହାକୁ ଆମେ ନୂଆ 'ନୂତନ ଭାରତ'ର ସ୍ଥିତି ବୋଲି କହିପାରିବା।

Email:aakar.patel@gmail.com

# ପେନ୍‌ସନର ଟେନ୍‌ସନ



ନଳିନୀକାନ୍ତ ଧର

ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ଯେଉଁଠି ଯୋଜନା ବାବଦ ଖର୍ଚ୍ଚ ଅଧିକ ହେବା ଆବଶ୍ୟକ ସେଠାରେ ଦରମା, ପେନ୍‌ସନ, ସୁଧ, ସବ୍‌ସିଡି, ପ୍ରତିରକ୍ଷା ଇତ୍ୟାଦିରେ ବଜେଟର ୭୧.୬୬ ପ୍ରତିଶତ (୨୦୨୫-୨୬) ରାଶି ବ୍ୟୟବରାଦ ହୋଇଯାଏ। ତେଣୁ ବିକାଶ ପାଇଁ ଯେତିକି ପୁଞ୍ଜି ଆବଶ୍ୟକ ଆମକୁ ସବୁବେଳେ ନିଅଣ୍ଟ ପଡ଼େ ଓ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ଉଭୟ ଦେଶୀୟ ଓ ବାହ୍ୟ ସୂତ୍ରରୁ ବହୁମାତ୍ରାରେ ଋଣ କରିଥାନ୍ତି। ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥାରେ ଭାରତବର୍ଷରୁ ବହୁରାଶି ଖର୍ଚ୍ଚ ହୋଇଥିବାରୁ ତତ୍କାଳୀନ ଏନ୍‌ଡିଏ ସରକାର ୨୦୦୪ ପରଠାରୁ ନୂତନ ପେନ୍‌ସନ ଯୋଜନା ଏନ୍‌ପିଏସ୍ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆରମ୍ଭ କରିବା ପରେ ସମୟାନୁକ୍ରମେ ସମସ୍ତ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ। ଏହି ନୂତନ ଯୋଜନାର ବିଶେଷତ୍ୱ ହେଲା ଯେ ପୂର୍ବ ଯୋଜନାରେ କେତେ ପେନ୍‌ସନ ରାଶି ପାଇବେ ତାହା ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ ନିଜସ୍ୱ ଦେୟର ଅର୍ଜିତ ରାଶି ଉପରେ ଆଧାରିତ ହୋଇଗଲା ଓ ସ୍ଥାୟିତ୍ୱ ମଧ୍ୟ ରହିଲା ନାହିଁ। ନୂତନ ପେନ୍‌ସନ ବ୍ୟବସ୍ଥା ଏନ୍‌ପିଏସ୍ ଯାହାକି ପୁଞ୍ଜିବଜାରରୁ ଆୟ ଉପରେ ନିର୍ଭରଶୀଳ, ତେଣୁ ଅବସର ପରେ କେତେ ପେନ୍‌ସନ ପାଇବେ ତାହା ନିର୍ଦ୍ଧାରିତ ନୁହେଁ ଓ ପେନ୍‌ସନ ରାଶି ମଧ୍ୟ ମୁଦ୍ରାସ୍ଫୀତି ସହ ତାଳଦେଇ ବୃଦ୍ଧି ପାଉ ନ ଥିବାରୁ ଏହା ବିଶେଷ ଆଦୃତ ହେଲା ନାହିଁ। ଦୀର୍ଘ ୨ଦଶନ୍ଧି ଧରି ପୁରୁଣା ପେନ୍‌ସନ ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଛି ଓ ସ୍ଥଳ ବିଶେଷରେ ହିମାଚଳ ପ୍ରଦେଶ, ପଞ୍ଜାବ, ଛତିଶଗଡ଼ ଭଳି କେତେକ ରାଜ୍ୟ ପୂର୍ବ ପ୍ରଚଳିତ ପେନ୍‌ସନ ନୀତି ମଧ୍ୟ ପ୍ରଣୟନ କରିଛନ୍ତି।

ଭାରତ ସ୍ୱାଧୀନ ହେବା ସମୟରେ ଜଣେ ଭାରତୀୟଙ୍କର ହାରାହାରି ଆୟୁ ୩୨ ବର୍ଷ ଥିଲା , ଯାହାକି ବୃଦ୍ଧି ପାଇ ବର୍ତ୍ତମାନ ୭୨ରେ ପହଞ୍ଚିଛି। ଆଗାମୀ ଦିନରେ ଜନସାଧାରଣଙ୍କର ଆର୍ଥିକ ସ୍ୱଚ୍ଛଳତା, ସ୍ୱାସ୍ଥ୍ୟ ସଚେତନତା, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ଏହା ଆହୁରି ବୃଦ୍ଧି ପାଇବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କ୍ରମାଗତ ଭାବରେ ସରକାର ପୁରାତନ ପେନ୍‌ସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବାକୁ ବିଭିନ୍ନ ଗୋଷ୍ଠୀର ଚାପର ସମ୍ମୁଖୀନ ହୋଇଥିଲେ ଓ ଶେଷରେ ବର୍ତ୍ତମାନ ସାର୍ବଜନୀନ ପେନ୍‌ସନ ବ୍ୟବସ୍ଥା (ୟୁପିଏସ୍) ପରି ଏକ ନୂତନ ପେନ୍‌ସନ ଯୋଜନା ପ୍ରଚଳନ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ନିଜର ସ୍ୱୀକୃତି ଦେବାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପୂର୍ବ ପ୍ରଚଳିତ ନିର୍ଦ୍ଦିଷ୍ଟ ପେନ୍‌ସନ ଯୋଜନାର କେତୋଟି ମୁଖ୍ୟ ତ୍ରୁଟି ହେଲା, ଯେପରି ପ୍ରତିବର୍ଷ ରାଜକୋଷରୁ କେତେ ରାଶି ପେନ୍‌ସନ ବାବଦରେ ଯିବ ତାହା ଜଣା ନ ଥାଏ ଓ ବର୍ତ୍ତମାନ ସରକାରଙ୍କର ଖର୍ଚ୍ଚକୁ ଆଗାମୀ ବଂଶଧର ପାଇଁ ଏହାକୁ ଏକ ବୋଝ ଭାବରେ ଲଦି ଦିଆଯାଏ। ତେଣୁ ପୂର୍ବ ପେନ୍‌ସନ ବ୍ୟବସ୍ଥା ଓ ବର୍ତ୍ତମାନର ଏନ୍‌ପିଏସ୍ ବ୍ୟବସ୍ଥାର ଉଭୟର ଭାରସାମ୍ୟ ରଖି ସରକାର ଏକ ନୂତନ ଯୋଜନା ୟୁପିଏସ୍ ଆଣିଛନ୍ତି ଓ ଏହି ଯୋଜନାରେ ପୂର୍ବ ପରି ୨୫ ବର୍ଷ ଚାକିରି କରିଥିଲେ ଅବସର ସମୟରେ ଶେଷ ୧୨ ମାସର ହାରାହାରି ଦରମାର ୫୦ ପ୍ରତିଶତ ପେନ୍‌ସନ ହେବ ଓ ଏହା ମୁଦ୍ରାସ୍ଫୀତି ସହ ଅତିରିକ୍ତ ଆକାରରେ ଡିଏ ମଧ୍ୟ ବୃଦ୍ଧି ପାଇବ। ପ୍ରସ୍ତାବିତ ନୂତନ ୟୁପିଏସ୍ ପେନ୍‌ସନ ବ୍ୟବସ୍ଥାରେ ସରକାର ପେନ୍‌ସନ ରାଶି ବାବଦରେ ୧୦ ପ୍ରତିଶତ ଓ ଅତିରିକ୍ତ ପେନ୍‌ସନ ପାଣ୍ଠିକୁ ୮.୫ ପ୍ରତିଶତ ସର୍ବମୋଟ ଦରମାର ୧୮.୫ ବିନିଯୋଗ କରିବେ। ପେନ୍‌ସନ ପାଇଁ ଗଚ୍ଛିତ ପାଣ୍ଠିରୁ ଅର୍ଜିତ ରାଶି ପେନ୍‌ସନ ଯଦି ନିଅଣ୍ଟ ହୁଏ ତା'ହେଲେ ସରକାର ସୃଷ୍ଟି କରିଥିବା ନିଜସ୍ୱ ପାଣ୍ଠିରୁ ଭରଣା କରିବେ। ଏହି ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କଲେ ବୁଝାଯାଏ ଯେ, ସରକାର ଭବିଷ୍ୟତ ପାଇଁ କୌଣସି ବୋଝ ରଖୁନାହାନ୍ତି ଓ ପ୍ରତ୍ୟେକ ଆର୍ଥିକ ବର୍ଷରେ ନିଜର ୧୦/୧୮ ପ୍ରତିଶତ ରାଶି ପେନ୍‌ସନ ଫଣ୍ଡକୁ ପ୍ରଦାନ କରିଦେଉଛନ୍ତି।

ତେବେ ଜଣେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ସେପ୍ଟେମ୍ବର ସୁଦ୍ଧା ସମ୍ମତି ପ୍ରଦାନ କରିବାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି। ସେମାନେ ୟୁପିଏସ୍‌କୁ ବାଛିବେ ନା ଏନ୍‌ପିଏସ୍‌କୁ ବାଛିବେ ଦ୍ୱନ୍ଦ୍ୱରେ ଅଛନ୍ତି। ଏବେ ସୁଦ୍ଧା ଖୁବ୍ ଅଳ୍ପ ସଂଖ୍ୟକ ୫ ପ୍ରତିଶତରୁ କମ୍ ୟୁପିଏସ୍ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସରକାର କୌଣସି ଯୋଜନାର ଢାଞ୍ଚାଗତ ପରିବର୍ତ୍ତନ କଲେ ଅଧିକ ଜନସଚେନତା ସୃଷ୍ଟିକରିବାର ଆବଶ୍ୟକତା ଅଛି ଓ ନିକଟ ଅତୀତରେ ଇପିଏଫ୍‌ଓର ସଦସ୍ୟମାନେ ମଧ୍ୟ ଏହି କାରଣରୁ ବର୍ଦ୍ଧିତ ପେନ୍‌ସନ ପାଇଁ ଦ୍ୱନ୍ଦ୍ୱରେ




ଅନେକେ ନିଜର ସମ୍ମତି ପ୍ରଦାନ କରି ନ ଥିଲେ। ୟୁପିଏସ୍‌ର ବିଶେଷତ୍ୱ ହେଲା ଏହାର ସ୍ଥାୟିତ୍ୱ ଓ ମୁଦ୍ରାସ୍ଫୀତି ସହ ବର୍ଦ୍ଧିତ ପେନ୍‌ସନ ରାଶି ଯାହାକି ପେନ୍‌ସନଭୋଗୀଙ୍କୁ ସୁହାଇବ। କିନ୍ତୁ ଏହି ଯୋଜନାରେ ଯଦି ପେନ୍‌ସନଭୋଗୀ ଉଭୟ ସ୍ୱାମୀ, ସ୍ତ୍ରୀ ମୃତ୍ୟୁବରଣ କରନ୍ତି କୌଣସି ମୂଳଧନ ସେମାନେ ଫେରିପାଇବେ ନାହିଁ। ନ୍ୟାଶନାଲ ପେନ୍‌ସନ ସ୍କିମ୍ ବା ଏନ୍‌ପିଏସ୍ ରେ କିନ୍ତୁ ଜଣେ ନିଜ ଗଚ୍ଛିତ ରାଶି ଫେରି ପାଇପାରୁଛନ୍ତି ଓ ଏଠାରେ ବିନିଯୋଗ ପ୍ରକ୍ରିୟାରେ ନିଜସ୍ୱ ସ୍ୱାଧୀନତା ମଧ୍ୟ ଅଧିକ। ବର୍ତ୍ତମାନ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଏନ୍‌ପିଏସ୍‌ର ପେନ୍‌ସନ ରାଶି କ'ଣ ୟୁପିଏସ୍ ସମକକ୍ଷ ହେବ। ବିଗତ ଦିନରେ ଭାରତର ପୁଞ୍ଜିବଜାରରେ ଅଭିବୃଦ୍ଧି ଭଲ ହୋଇଥିବାରୁ ଏନ୍‌ପିଏସ୍‌ରେ ମଧ୍ୟ ଭଲ ଅଭିବୃଦ୍ଧି ହୋଇଛି, କିନ୍ତୁ ଭବିଷ୍ୟତରେ ଏହା ବଜାୟ ରହିବ ତା'ର କୌଣସି ନିଶ୍ଚିତତା ନାହିଁ। କିନ୍ତୁ ଜଣେ ଯଦି ଦୀର୍ଘଦିନ ଅର୍ଥାତ୍ ୩୫/୪୦ ବର୍ଷ କାର୍ଯ୍ୟରତ ରହେ ଓ ଆଗାମୀ ୨/୩ ଦଶନ୍ଧି ଭାରତର ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ଏନ୍‌ପିଏସ୍‌ରେ ହୁଏତ ସେ ଲାଭବାନ୍ ହୋଇପାରନ୍ତି ବୋଲି ବିଶେଷଜ୍ଞଙ୍କ ମତ। କିନ୍ତୁ ପରବର୍ତ୍ତୀ ସମୟରେ ଗଚ୍ଛିତ ରାଶିକୁ ଜୀବନକାଳ ଯେଉଁ ପେନ୍‌ସନ ପାଇବ ଏନ୍‌ପିଏସ୍‌ରେ ସ୍ଥାୟିତ୍ୱ ନ ରହୁ ନ ଥିବାରୁ ୟୁପିଏସ୍ ଶ୍ରେୟସ୍କର ବୋଲି ଅନେକେ ମଧ୍ୟ ମତ ପୋଷଣ କରନ୍ତି। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପେନ୍‌ସନ ପାଇଁ ଯୋଗ୍ୟ ହୋଇଥିଲେ ଅନେକେ ୟୁପିଏସ୍ ବଦଳରେ ଏନ୍‌ପିଏସ୍‌କୁ ପସନ୍ଦ କରିବେ। କାରଣ ମୃତ୍ୟୁ ପରେ ମୂଳରାଶି ଉତ୍ତରାଧିକାରୀ ଫେରି ପାଇବେ। ସାମଗ୍ରିକ ଭାବରେ ବିଚାରକଲେ ଏନ୍‌ପିଏସ୍ ଠାରୁ ୟୁପିଏସ୍ ଭଲ ବିକଳ୍ପ। କେନ୍ଦ୍ର ସରକାର ଏହାକୁ ଲାଗୁ କଲାପରେ ରାଜ୍ୟ ସରକାରଙ୍କୁ ମଧ୍ୟ ଏହାର ପ୍ରଚଳନ ପାଇଁ ଚାପ ପଡ଼ିବ। ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନୁହେଁ। ତେଣୁ ସେମାନେ ଯଦି ୟୁପିଏସ୍‌କୁ ପ୍ରତ୍ୟାବର୍ତ୍ତନ କରନ୍ତି ବିତ୍ତୀୟ ନିଅଣ୍ଟ ଭଳି ସଙ୍କଟ ସୃଷ୍ଟି ହୋଇପାରେ।

ଭାରତରେ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ କେନ୍ଦ୍ର ଅଥବା ରାଜ୍ୟ ସରକାରରେ କାର୍ଯ୍ୟରତ। ବିଭିନ୍ନ ସାର୍ବଜନୀନ ଓ ଘରୋଇ ସଂସ୍ଥାରେ ନିଯୁକ୍ତ କର୍ମଚାରୀ ନିଜସ୍ୱ ଜମା ଅର୍ଥରାଶିରୁ ଇପିଏଫ୍‌ଓ ଅଥବା ଏନ୍‌ପିଏସ୍‌ରୁ ପେନ୍‌ସନ ପାଇଥାନ୍ତି। ଅଧିକାଂଶଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ନ୍ୟୂନ ଓ ମୁଦ୍ରାସ୍ଫୀତି ସହ ମଧ୍ୟ ବୃଦ୍ଧିପାଏ ନାହିଁ। ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନୁହେଁ। ଭାରତ ପରି ସର୍ବ ବୃହତ୍ ଗଣତାନ୍ତ୍ରିକ ଦେଶରେ କୌଣସି ମୁଷ୍ଟିମେୟ ଗୋଷ୍ଠୀ ପାଇଁ ସରକାରୀ ରାଜସ୍ୱରୁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି ନ କରି ଜନସାଧାରଣଙ୍କର ନ୍ୟୂନତମ ଆବଶ୍ୟକତା ପୂରଣକରି ପେନ୍‌ସନ ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ। ସାର୍ବଜନୀନ ପେନ୍‌ସନ ବହୁଦିନରୁ ବିଚାରାଧୀନ ଅଛି ହେଲେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପରିଲକ୍ଷିତ ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମଗ୍ରିକ ଭାବରେ ପେନ୍‌ସନ ବା ଅବସରକାଳୀନ ସାମାଜିକ ସୁରକ୍ଷାକୁ ସାର୍ବଜନୀନ ତଥା ସୁଦୃଢ଼ କରିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା
ମୋ: ୯୪୩୭୩୪୬୫୪

# ତର୍ଜମା ଆଣେ ବିଚାର ନିଷ୍କର୍ଷ



ଭଗବାନ ଦାଶ

ଅପରାଧ, ଅପରାଧୀ ଓ ଅଭିଯୋଗକାରୀଙ୍କ ଭିଆଣ। ବିଚାର ଚାଲେ, ବିଚାରାଳୟ, ନ୍ୟାୟାଳୟରେ। ହାଜିର ହୁଅନ୍ତି ଉଭୟ। ବିଚାର ବଢ଼େ। ଅଭିଯୋଗକାରୀ ଅଭିଯୋଗ ବଖାଣେ। ଅଭିଯୁକ୍ତକୁ ଅପରାଧୀ ବୋଲି ସାବ୍ୟସ୍ତ କରିବାକୁ ଯୁକ୍ତିସଙ୍ଗତ ନ୍ୟାୟ ବାଢ଼ନ୍ତି ଅଭିଯୋଗକାରୀ। ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ନିଜକୁ ମୁକ୍ତ କରିବାକୁ , ଦୋଷମୁକ୍ତ କରିବାକୁ ତାଙ୍କର ଆଇନସମ୍ମତ ଯୁକ୍ତି ଦର୍ଶାନ୍ତି।

ଉଭୟଙ୍କର ଜଣାଣର ଶୁଣାଣି କରନ୍ତି ନ୍ୟାୟାଧୀଶ। ଆଇନର ପରିସରରେ ରହି ବିଚାର ଶୁଣାନ୍ତି। ପରେ ବିଚାର ସନ୍ତୋଷଜନକ ହୋଇ ନ ଥିଲେ, ଉପର ବିଚାରାଳୟକୁ ବିଚାର ଆବେଦନ ଯାଏ। ଏପରିକି ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ କ୍ରମାନ୍ୱୟରେ ବିଚାରପାଇଁ ପହଞ୍ଚିପାରେ। ପୂର୍ବ ବିଚାରରେ କିଛିଟା ବୈଷୟିକ ତଥ୍ୟ, ପ୍ରମାଣଗତ ସାକ୍ଷ୍ୟର ତାରତମ୍ୟର ଅଭାବ ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ପୁନର୍ବିଚାର ପାଇଁ ଗ୍ରହଣ କରିପାରନ୍ତି ନତୁବା ଅଗ୍ରାହ୍ୟ କରିପାରନ୍ତି। ପୁନର୍ବିଚାରରେ ଦଣ୍ଡ ଦେଇପାରନ୍ତି କିମ୍ବା କୋହଳ କରିପାରନ୍ତି କିମ୍ବା ବିଚାର ଠିକ୍‌ଥିବାର ନିର୍ଦ୍ଦେଶନାମା ଶୁଣାଇପାରନ୍ତି।

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ସମ୍ବିଧାନସମ୍ମତ ମଣି ମାନି ନିଆଯାଏ। ପ୍ରଶ୍ନ ଉଠେ ସମ୍ବିଧାନ ବଡ଼ ନା ଲୋକ ସଭା ବଡ଼ ନା ରାଷ୍ଟ୍ରପତି ବଡ଼। ସ୍ୱାଭାବିକ ମଣିଷ ପାଇଁ ଏ ସବୁ ଶୁଣିବାକୁ ଭଲ ଲାଗେ। ସମ୍ବିଧାନର ଧାରା ବଦଳାଇବା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କର ଅଛି। ସେଥିପାଇଁ ସମ୍ବିଧାନର ଧାରା ବାରମ୍ବାର ଲୋକାଭିମୁଖୀ ହୋଇ ସଂଶୋଧିତ ହୋଇପାରୁଛି। ବହୁଜନହିତାୟ ହୋଇଥିବାରୁ ସମ୍ବିଧାନକୁ ଆଖି ଆଗରେ ରଖି ବିଚାରଧାରା ଚାଲିଥାଏ। ସେହି ସମ୍ବିଧାନର ନିୟମରେ ହିଁ ଲୋକ ସଭା, ରାଜ୍ୟ ସଭା, ରାଜ୍ୟପାଳ, ବିଧାନ ପରିଷଦ, ବିଧାନ ସଭା ଏପରିକି ନ୍ୟାୟାଳୟ ଇତ୍ୟାଦିର ସୃଷ୍ଟି। ପ୍ରତ୍ୟେକଙ୍କର କାର୍ଯ୍ୟସୂଚୀ ଅଲଗା ଅଲଗା। ଜନ ପ୍ରତିନିଧି ଆଇନ ମନଇଚ୍ଛା ବଦଳାଇ ପାରିବେ ନାହିଁ, କିନ୍ତୁ ବଦଳାଇବା ପାଇଁ ସମ୍ବିଧାନସମ୍ମତ ସଂଖ୍ୟାର ସମର୍ଥନ ଥିଲେ ମଧ୍ୟ ଆଇନରେ ପରିବର୍ତ୍ତନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ସ୍ୱୀକୃତି ଲୋଡ଼ିବା ଅବଶ୍ୟମ୍ଭାବୀ, ପ୍ରାପ୍ତି ହେଲେ ତାହା ଆଇନର ପରିସରଭୁକ୍ତ ହୋଇଥାଏ।

ସାଧାରଣତଃ ରାଜ୍ୟପାଳ ହୁଅନ୍ତୁ, ରାଷ୍ଟ୍ରପତି ସେମାନେ ନିରପେକ୍ଷ । ସବୁପକ୍ଷର। ଏହା କ'ଣ ବାସ୍ତବରେ ଆମ ଦେଶରେ ପ୍ରତିଫଳିତ ହେଉଛି କି? ଯେଉଁ ଦଳର ହାତବାରିସି ହୋଇ ଯିଏ ସ୍ଥାପିତ ହୋଇଛନ୍ତି, ସେ ତ ତାଙ୍କର ନୀତି ଆଦର୍ଶକୁ ଆପଣାଇ ନେଉଛନ୍ତି, ପ୍ରାଧାନ୍ୟ ଦେଉଛନ୍ତି। ନିର୍ଭୀକ ନିରପେକ୍ଷ ବିଚାର ଲୁପ୍ତପ୍ରାୟ। ଆଇନରେ ନିରପେକ୍ଷତା ସର୍ବମାନ୍ୟ, କିନ୍ତୁ ଏହା ଆଜିକାଲି ସର୍ବସତ୍ୟ ନୁହେଁ। କାରଣ ଉକ୍ତ ପଦବୀଧାରୀ କୌଣସି ନା କୌଣସି ଦଳଭୁକ୍ତ। ଏଇ ତ ବ୍ୟତିକ୍ରମ। କେହି ଶତପ୍ରତିଶତ



ଭୋଟ ପାଇ ନିଜ ବଳରେ ନିର୍ବାଚିତ ହୋଇ ନ ଥାଆନ୍ତି। ତେଣୁ ପକ୍ଷ ଟାଣିବାରେ ଅସ୍ୱାଭାବିକତା ଆସିବନି କାହିଁକି? ପାର୍ଥକ୍ୟ ଏତିକି ଶତ ପ୍ରତିଶତ ସମର୍ଥନ ହାସଲ ନ କରିଥିଲେ ମଧ୍ୟ ସେମାନଙ୍କ ଦସ୍ତଖତରେ ହେବା ଆଇନଟି ଶତ ପ୍ରତିଶତ ଜନତାଙ୍କ ପାଇଁ। ଏହା ହିଁ ପ୍ରକୃତ ବ୍ୟତିକ୍ରମ। ଆଇନ ଥରେ ହେଲେ ତାହା ରହେ,କାର୍ଯ୍ୟକାରୀ ହୁଏ ବଦଳିବାଯାଏ। ସତ୍ତାଧାରୀ ହେବା ଆଉ ଆଇନ ବଦଳାଇବା ଏ ଦୁଇଟା ଏକାକଥା ନୁହେଁ। ଅଧିକା ଭାଗ ସତ୍ତାପ୍ରାପ୍ତ ହୁଏ, କିନ୍ତୁ ଆଇନ ବଦଳିବାକୁ ଦୁଇ ତୃତୀୟାଂଶର ଆବଶ୍ୟକତା ଅନିବାର୍ଯ୍ୟ ଏବଂ ଅପରିହାର୍ଯ୍ୟ ମଧ୍ୟ। ଏଇଠି କିଛିଟା ବହୁଜନଙ୍କର ସମର୍ଥନ ପ୍ରତଫଳିତ ହେବାର ଉପଲବ୍ଧି ହୁଏ।

କିନ୍ତୁ ବିଚାରାଳୟର ଧାରା ଭିନ୍ନ। ତର୍ଜମା ହୁଏ। ପକ୍ଷ ପ୍ରତିପକ୍ଷଙ୍କୁ ସୁଯୋଗ ଦିଆଯାଏ। ଉଭୟଙ୍କ କଥା ହାକିମ ଶୁଣନ୍ତି। ଉତ୍‌ଥାପିତ ପ୍ରଶ୍ନଗୁଡିକର ମୁହାଁମୁହିଁ ଉତ୍ତର ମଧ୍ୟ ଦେବାର ସୁଯୋଗ ମିଳେ। ଆଇନଜ୍ଞ ମାନଙ୍କର ଆଇନସମ୍ମତ ଯୁକ୍ତିତର୍କ ମନ୍ତବ୍ୟ ଶୁଣିଲାପରେ ଖଣ୍ଡପୀଠ ବିଚାର ଶୁଣାନ୍ତି। ସ୍ଥଳ ବିଶେଷରେ ଆପତ୍ତିର ଗୁରୁତ୍ୱ ଦେଖି ଖଣ୍ଡପୀଠ ହାକିମଙ୍କ ସଂଖ୍ୟାମଧ୍ୟ ବୃଦ୍ଧି କରିଥାନ୍ତି। ଆଇନର ଯଥୋଚିତ ଚର୍ଚ୍ଚାରୁ ନିଷ୍କର୍ଷ ଆସେ, ତାହା ଖଣ୍ଡପୀଠଙ୍କ ବିଚାରର ଫଳ ହୋଇ ପ୍ରକାଶିତ ହୁଏ ଏବଂ କାର୍ଯ୍ୟକାରୀ କରାଯାଏ । ଏଥିରେ ଯେ ଭୁଲଭଟକା ମୋଟେ ନାହିଁ ଏକଥା କହି ହୁଏ ନାହିଁ, ତଥାପି ଆଇନତଃ ତାକୁ ମାନିବାକୁ ବାଧ ହେବାକୁ ହୁଏ । ସେ ପ୍ରକାର ବିଚାର ସବୁକୁ ସମାନ। ସମକକ୍ଷ ସେହି ସ୍ତରର ମକଦ୍ଦମାରେ ଉଦାହରଣ ରୂପେ ନିଆଯାଇ ସମ୍ପ୍ରତି ବିଚାରକୁ ପରିସ୍ଥିତି ଦେଖି ସିଦ୍ଧ କରାଯାଏ।

ଲୋକପ୍ରତିନିଧି ବିଚାରରେ ଦଳୀୟ ପ୍ରଭାବ ପ୍ରତିଭାତ ହେଲାବେଳେ, ବିଚାରାଳୟରେ ନିର୍ଦ୍ଦଳୀୟ ପରିବେଶରେ ତର୍ଜମା ପୂର୍ବକ ବିଚାର ହୁଏ। ତେଣୁ ତାହା ଆପେକ୍ଷିକ ଭାବରେ ଗ୍ରହଣୀୟର ଭାବ ବହନ କରେ। ଜନ ସମର୍ଥନରେ ଆସିଥିବା ଲୋକମାନେ ଜନକଲ୍ୟାଣ ପାଇଁ ଭଲମନ୍ଦ ଭାବୁଥିବା ସବୁକାର୍ଯ୍ୟ ଯେ ଆଇନସମ୍ମତ ଏହା ଭାବିବାର ବେଳ ଆସିଛି। ତର୍ଜମା ବିନା ନିର୍ଯାସ ସମ୍ଭବ କି? ଆଉ ଯାହା ସମ୍ଭବ ଏବଂ ସତ୍ୟ ସେ ସବୁକୁ ତ ନ୍ୟାୟାଳୟରେ ଠିକ ବୋଲି ଧରିନେବାରେ କୌଣସି ପ୍ରତିବନ୍ଧକ ଆସେନି। କାରଣ ସମସ୍ତ ଜନହିତକର ଆଇନକୁ କେବେହେଲେ ଅସିଦ୍ଧ କରାଯାଏନି। ପରିଷଦରେ ନିୟୋଜିତ ଯୁକ୍ତିସଙ୍ଗତ ବିଚାର ନ୍ୟାୟାଳୟରେ ଅଧିକ ବିଚାରର ଶରବ୍ୟ ହୁଏ, ବେଳେ ବେଳେ ସ୍ଥିର ରହିପାରେ କିମ୍ବା ତା'ର ଗତି ବଦଳାଇପାରେ ସମ୍ବିଧାନର ଧାରା ମଧ୍ୟରେ।

ଅବଶ୍ୟ ନିଷ୍କର୍ଷ ଏତିକି ଆସିପାରେ, ଯାହା ଆସୁଛି ତାହା ସବୁକାଳ ପାଇଁ ଯେ ଅପରିବର୍ତ୍ତନୀୟ ଏ ଭାବନା କେବେ ମନକୁ ନ ଆସୁ। ପ୍ରତ୍ୟେକ ସୃଷ୍ଟ ଆଇନର ବିଚାରଧାରାକୁ ବିଶ୍ଲେଷଣ କଲେ ନୂତନ ଦିଗଦର୍ଶନ ମିଳେ। ପ୍ରଚଳିତ ଆଇନ ଯେ ପୁନଃ ସଂଶୋଧନ ପରେ ସଂସ୍ଥାପିତ ନ ହେବ ଏହା କିଏ କହିପାରିବ। ସଦା ସର୍ବଦା ପରିବର୍ତ୍ତନ ହିଁ ସ୍ଥିର।

ଗୁଣ୍ଡିଚା ବିହାର, ପୁରୀ
ମୋ:୮୨୪୯୦୮୨୪୦୦

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି । ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ଖାଦ୍ୟ ରୋଷେଇ ହେଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି । ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୭୬

- ଚୀନ ସଫଳତାର ସହିତ ଆଣବିକ ପରୀକ୍ଷା କରିଥିବା ନେଇ ଚୀନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଘୋଷଣା।
- ଇଣ୍ଡୋନେସିଆର ବଳି ଅଞ୍ଚଳରେ ଭୂକମ୍ପ ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ନିମନ୍ତେ ଭାରତର ସରକାରଙ୍କ ଦାନ ସ୍ୱରୂପ ୫୦୬ କିଲୋଗ୍ରାମ ଓଜନର ଔଷଧ ପ୍ରେରଣ।
- ତାମିଲ ସାହିତ୍ୟିକ ଶ୍ରୀ ପି.ଭି. ଆକିଲାନ୍ଦାନ ଏକାଦଶ ବାର୍ଷିକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | 6 | 1 | | 8 | 7 | |
| | | | | | | 1 | | 2 |
| | | | 4 | 7 | | | | |
| 2 | 4 | | 3 | | | | | |
| 9 | 1 | | | | | | | 5 |
| | 6 | | | | | | | |
| 1 | | | 7 | 3 | | 2 | | 8 |
| | | | | 6 | | | 5 | 9 |
| | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 3 | 6 | 9 | 8 | 1 | 4 |
| 1 | 6 | 8 | 5 | 2 | 4 | 9 | 3 | 7 |
| 4 | 9 | 3 | 7 | 1 | 8 | 6 | 5 | 2 |
| 8 | 3 | 6 | 1 | 4 | 5 | 7 | 2 | 9 |
| 2 | 1 | 9 | 6 | 3 | 7 | 5 | 4 | 8 |
| 5 | 4 | 7 | 9 | 8 | 2 | 3 | 6 | 1 |
| 9 | 8 | 4 | 2 | 5 | 6 | 1 | 7 | 3 |
| 3 | 2 | 5 | 8 | 7 | 1 | 4 | 9 | 6 |
| 6 | 7 | 1 | 4 | 9 | 3 | 2 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ମାନ କମୁଛି

ମହାଶୟ,

ଶିକ୍ଷାର ଗମ୍ବୁଜ ଯେ ଦିନେ ଦିଲ୍ଲୀରୁ ଦୌଲତାବାଦ, ଚେନ୍ନାଇରୁ ଅହମ୍ମଦାବାଦ ଯାଇ ପହଞ୍ଚିପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ସାଂପ୍ରତିକ ସମୟରେ ଶିକ୍ଷା ପୁସ୍ତକକୈନ୍ଦ୍ରିକ, ଯଦ୍ୱାରା ଶିକ୍ଷାର ପରିଧି କୂପ ମଣ୍ଡୁକ ସଦୃଶ, କେବଳ ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ସମୟର ପରିଧି ମଧ୍ୟରେ ଆବଦ୍ଧ ହୋଇ ରହିଯାଉଛି। ପୁରାତନ ଗୁରୁକୁଳରେ ଦିଆଯାଉଥିବା ଶିକ୍ଷାରେ ଶିକ୍ଷା, ସଂସ୍କୃତି, ଆଚରଣ ବହୁ ପରିମାଣରେ ଭରପୂର ହୋଇ ରହିଥିଲାବେଳେ ମାତ୍ର ଆଜିକାଲିର ଶିକ୍ଷା ଗଦାଗଦା ବହିଥାକ ମଧ୍ୟରେ ସୀମିତ ହୋଇ ରହିଯାଉଛି। ବାସ୍ତବିକ ଶିକ୍ଷାର ପରିଧି କେବଳ ଟ୍ୟୁଶନ ଶିକ୍ଷାରେ ସୀମିତ ରହୁଛି। ଦୁଃଖର କଥା ଯେ ସରକାର ଗଦାଗଦା ସାଉଁଟା ଯୋଜନା ସରକାରୀ କଳରୁ ଖର୍ଚ୍ଚକରି ଜନହିତ ଉଦ୍ଦେଶ୍ୟରେ ପ୍ରୟୋଗ କରୁଛନ୍ତି, ମାତ୍ର ଏସବୁ ଆକାଶ କଇଁଆ ଚିଲିକା ମାଛର ଦୁଷ୍ପ୍ରାପ୍ୟ ସଂଯୋଗ ପରି ଅହେତୁକ ଅବସ୍ଥାରେ ପଡ଼ିରହୁଛି। ସରକାରୀ ବିଦ୍ୟାଳୟରେ ପାଠ ପଢ଼ିବାକୁ ସମସ୍ତ ଉପକରଣ ଥିବା ସତ୍ତ୍ୱେ ଶିକ୍ଷାର ମାନ ବୃଦ୍ଧି ପାଉନାହିଁ। ଶିକ୍ଷା ମନ୍ଦିରରେ ଯୌନ ନିର୍ଯାତନା, ଗଣ୍ଡଗୋଳ ରାଗିଂ ପରି ଚରମ ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀର ଭବିଷ୍ୟତ ଗଢ଼ିବା ଆଗରୁ ହିଁ ଭାଙ୍ଗିପଡୁଛି। ଉନ୍ନତମାନର ଯୋଜନା ଅଛି ସତ, ମାତ୍ର ସଫଳ ପ୍ରୟୋଗ ନାହିଁ। ବିଦ୍ୟାଳୟ ଅଛି ସତ, ମାତ୍ର ପାଠପଢ଼ା ନାହିଁ, ଯୋଉଥିପାଇଁ ଶିକ୍ଷାର ମାନଦଣ୍ଡ ବଢ଼ିବ କ'ଣ ବରଂ କମିକମି ଯାଉଛି। ଆଜି ବି ସ୍ୱାଧୀନତାର ଏତେ ବର୍ଷ ବିତିଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳରେ ଶିକ୍ଷା ପହଞ୍ଚିପାରିନାହିଁ।

**- ପ୍ରଶାନ୍ତ କୁମାର ଜେନା, ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟିଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ସାପଘରା ନଦିଆ ମହାସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବାବା ଶ୍ରୀ କାଶୀ ବିଶ୍ୱନାଥ ନଦିଆ ମହାସଂଘର ୧୧ତମ ବାର୍ଷିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖଗେଶ୍ୱର ବେହେରା, ପଙ୍କଜ କୁମାର ବେହେରା, କ୍ଷୀରୋଦ ପ୍ରଧାନ, ସଞ୍ଜୟ ସାହୁଙ୍କ ସମେତ ବହୁ କଳାକାର ଯୋଗ ଦେଇଥିଲେ। ଏଥିରେ ଆଗକୁ ଥିବା ବାର୍ଷିକ ସମ୍ମିଳନୀ କିପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସମସ୍ତେ ସହଯୋଗ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା।

## ଯୌତୁକ ନିଷେଧ ଅଧିନିୟମ ଉପରେ ପ୍ରଶିକ୍ଷଣ



ଅନୁଗୋଳ, ୨୭।୯ (ମାନସ ବିଶ୍ୱାଳ)

ଅନୁଗୋଳ ମିଶନ ଶକ୍ତି ଭବନ ସଭାଗୃହରେ ଯୌତୁକ ନିଷେଧ ଅଧିନିୟମ- ୧୯୬୧ ବିଷୟରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ଅଧ୍ୟକ୍ଷତା କରିଥିଲେ। ଜିଲା ଉପ ଆରକ୍ଷୀ ଅଧିକାରୀ ଯୋଗେଶ୍ୱରୀ ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ପୂର୍ବତନ ସୁରକ୍ଷା ଅଧିକାରୀ ତଥା ସାମାଜିକର୍ମୀ ପୌର୍ଣ୍ଣମାସୀ ରଥ, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତିରେଖା ଦତ୍ତ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗରୁ ୫୬ ଜଣ ଏହି ପ୍ରଶିକ୍ଷଣ ନେଇଥିଲେ। ସମ୍ବଳ ବ୍ୟକ୍ତି ଭାବରେ ଏଲ୍‌ପିଓ ପ୍ରଦୀପ କୁମାର ନାୟକ, କଲ୍ୟାଣ କିଶୋର ମହାନ୍ତି ପ୍ରଶିକ୍ଷଣ ଆଗେଇ ନେବା ସହିତ ଯୌତୁକ ନିଷେଧ ଅଧିନିୟମ - ୧୯୬୧ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ। ଜିଲା ସୁରକ୍ଷା ଅଧିକାରୀ ଦ୍ରୌପଦୀ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଜରପଡ଼ା ଭାଜପା ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଛେଣ୍ଡିପଦା, ୨୭।୯ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଭାଜପା ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ଜୀବନାନନ୍ଦ ସାହୁଙ୍କ ନେତୃତ୍ୱରେ ଜରପଡ଼ା ମେଡିକାଲଠାରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜରପଡ଼ା ମଣ୍ଡଳର ସମସ୍ତ ସଦସ୍ୟ ମେଡିକାଲ ଚାରିପାଖ ସଫାସୁତୁରା କରିଥିଲେ। ଜିଲା ମଣ୍ଡଳ ପ୍ରତିନିଧି କହ୍ନେଇ ସାହୁ, ଗୋପବନ୍ଧୁ ଗଡ଼ନାୟକ, ଶତ୍ରୁଘ୍ନ ସାହୁ, ଝାରୁ ସାହୁ, ସୁଜିତ୍ କୁମାର ସାହୁ, ପ୍ରତାପ ସାହୁ, ଗଣେଶ୍ୱର ସାହୁ, ଦୟାନିଧି ସାହୁ, ଦିଲୀପ କୁମାର ପ୍ରଧାନ, ଜିତେନ୍ଦ୍ର ସାହୁ, ପୀତବାସ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ସ୍ୱଚ୍ଛତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ଅନୁଗୋଳ, ୨୭।୯ (ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ନାଲ୍‌କୋ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସଠାରେ ସ୍ୱଚ୍ଛତା ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ତରଫରୁ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଏହାର ଆୟୋଜନ କରାଯାଇଥିଲା। ସ୍କୁଲ ପ୍ରିନ୍ସିପାଲ ଡ. ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଡ. ରାଧାମାଧବ ଦାଶ, ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ଆଞ୍ଚଳିକ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ହିମାଂଶୁ ପଣ୍ଡା, ନାଲ୍‌କୋ ସିଜିଏମ୍ (ବିଓ) ମୁଖ୍ୟ ଅତିଥ ଭାବେ ଯୋଗଦେଇ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ନାଲକୋ କର୍ମଚାରୀଙ୍କ ଦ୍ୱାରା ସ୍କୁଲ ପ୍ରାଙ୍ଗଣ ସଫେଇ କରାଯାଇଥିଲା। ନାଲ୍‌କୋ ତରଫରୁ ଲୋକ ସମ୍ପର୍କ ବିଭାଗ ଏଜିଏମ୍ ସମୀର ମାଝୀଙ୍କ ନେତୃତ୍ୱରେ ପିଆର୍ ବିଭାଗ, ପରିମଳ ଓ ଉଦ୍ୟାନ ବିଭାଗ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିଲ୍ ମାଗିବାରୁ ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା କେନ୍ଦୁନାଳି ଗ୍ରାମର ସସ୍ମିତା ସାହୁଙ୍କୁ କିଶୋରନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ସରସ୍ୱତୀ ନାୟକ ମାଡ଼ ସହ ହତ୍ୟା ଧମକ ଦେଇଥିବା ସସ୍ମିତା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସସ୍ମିତା ଉଲ୍ଲେଖ କରିଛନ୍ତି, ତାଙ୍କ ଗ୍ରାମରେ ଗଣେଶ ପୂଜା କମିଟି ସଦସ୍ୟ ଓ ଅଞ୍ଚଳବାସୀ ମିଶି ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରିଥିଲେ। ହେଲେ ଏହାର ବିଲ୍ ଦୀର୍ଘଦିନ ହେଲା ବ୍ଲକରେ ପାସ ହୋଇପାରୁ ନାହିଁ। ଏଥିପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଥିବା ବେଳେ ଫାଇଲ ହଜି ଯାଇଥିବା କନିଷ୍ଠ ଯନ୍ତ୍ରୀ କହିଥିଲେ। ବିଲ୍ ପ୍ରଦାନ ପାଇଁ ସସ୍ମିତା ପୁଣି କହିବାରୁ ତାଙ୍କୁ ମାଡ଼ ମାରି ବାହାର କରିଦେବା ସହ ହତ୍ୟା ଧମକ ଦେଇଥିଲେ। ପୋଲିସ ନମ୍ବର ୨୮୩/୨୫ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟରେ କନିଷ୍ଠ ଯନ୍ତ୍ରୀ ନାୟକ ପାଲଟା ଅଭିଯୋଗ କରିଛନ୍ତି। ସସ୍ମିତା କରିଥିବା କାମର ଫାଇଲ ତାଙ୍କ ପାଖରେ ନାହିଁ। ସସ୍ମିତା ଓ ତାଙ୍କ ସ୍ୱାମୀ ଆସି ତାଙ୍କୁ ଅଫିସରେ ଗାଳି କରିବା ସହ ହତ୍ୟା ଧମକ ଓ ଜାତିଆଣ ଆକ୍ଷେପ କରିଥିବା ସରସ୍ୱତୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୮୪/୨୫ରେ ଏକ ମାମଲା ରୁଜୁ କରିଛି।

## ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ତାଳଚେର, ୨୭।୯ (ମନୋଜ ନନ୍ଦ)



ତାଳଚେର ବ୍ଲକ ବ୍ରଜନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଏରିଆ ସିଏସ୍‌ଆର୍ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ମେଡିକାଲ ଅଫିସର ତଥା ଜଗନ୍ନାଥ କୋଲିୟାରୀ ଡିସ୍ପେନସାରୀର ଡାକ୍ତର ଶଶୀଧର ପ୍ରସାଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବଲଣ୍ଡା ଡିସ୍ପେନସାରୀର ଶିଶୁ ବିଶେଷଜ୍ଞ ଡାକ୍ତର ରାକେଶ କୁମାର ଏବଂ ଅନନ୍ତ ଡିସ୍ପେନସାରୀର ଡାକ୍ତର କ୍ରିଷ୍ଟା କୁମାରୀ, ସାମାଜିକ କର୍ମୀ କ୍ଷୀରୋଦ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ବିତରଣ କରାଯାଇଥିଲା। ଜଗନ୍ନାଥ, ଅନନ୍ତ ଓ ବଲଣ୍ଡା ଡିସ୍ପେନସାରୀର ଫାର୍ମାସିଷ୍ଟ ବିଶ୍ୱମ୍ବର ସାହୁ, ସୁଜିତ ଦାସ ଓ ଅଭିଷେକ ଶତପଥୀଙ୍କ ସହିତ ରାଜେଶ ନନ୍ଦୀ, ସନ୍ତୋଷିନୀ ସାହୁ, ସ୍ମରଣିକା ବେହେରା, ଦେବୀପ୍ରିୟା ପ୍ରଧାନ, ଗୌତମ ନାଏକ, ତ୍ରିନାଥ ସାହୁ, ସୁଶାନ୍ତ କୁମାର ପାଣି ଓ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନ, ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ପମିତ୍ରା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ମୋଟ ୧୨୩ ଜଣଙ୍କ ଚିକିତ୍ସା କରାଯାଇଥିଲା। ବ୍ରଜନାଥପୁର ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ସରୋଜ କୁମାର ସାହୁ, ମନୋରଞ୍ଜନ ସାହୁ, କୀର୍ତ୍ତନ ବେହେରା, ବିନୋଦ ପ୍ରଧାନ, ଶରତ ନାୟକ, ଆଶାକର୍ମୀ ନିରାଶ ଲେଙ୍କା, ସବିତା ବେହେରା, ଆରତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସାପ କାମୁଡ଼ାଜନିତ ସଚେତନତା



ଛେଣ୍ଡିପଦା, ୨୭।୯ (ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ସଭାଗୃହରେ ଗୁରୁବାର ସାପ କାମୁଡ଼ାଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେସରକାରୀ ସଙ୍ଗଠନ, ଗୋଷ୍ଠୀସ୍ତରୀୟ ସଙ୍ଗଠନ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ସଦସ୍ୟ ଏହାର ପରିଚାଳନା କରିଥିଲେ। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭୁବନେଶ୍ୱର ସହାୟତା କରିଥିଲେ। ବ୍ଲକର ବିଭିନ୍ନ ଗୋଷ୍ଠୀର ସଦସ୍ୟା ସଦସ୍ୟ, ମହିଳା ଓ ପୁରୁଷ, ଚାଷୀ ଯୋଗଦେଇଥିଲେ। ଏଥିରେ ଜିଲା ଆପାତ୍‌କାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲା ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ପୃଷ୍ଟି, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସଂଘମିତ୍ରା ଦାସ, କୃଷକ ଉତ୍ପାଦକ ସଙ୍ଗଠନର ଅରକ୍ଷିତ ପ୍ରଧାନ ଓ ସର୍ପମିତ୍ର ଆଦିତ୍ୟ ବେହେରା ପ୍ରମୁଖ ଯୋଗଦେଇ ସତର୍କତା ଓ ତୁରନ୍ତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଅମିୟ ସାହୁ ଓ ଶୁଭମ ସାମଲ ସହଯୋଗ କରିଥିବାବେଳେ ସାମାଜିକ କର୍ମୀ ଜିତେନ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦୦ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବନ୍ତଲା, ୨୭।୯ (ସୁଶିତ ସାହୁ)




ଅନୁଗୋଳ ଜିଲା ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ସୁସ୍ଥନାରୀ ସଶକ୍ତ ନାରୀ ଅଭିଯାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ତଲା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନ୍ତଲା ସରପଞ୍ଚ ଗୀତାଞ୍ଜଳୀ ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ବନ୍ତଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହିମୋଗ୍ଲୋବିନ, ସିକଲସେଲ ଆଦି ରୋଗ ପାଇଁ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତ ଛାତ୍ରୀଙ୍କୁ ଟିଡି ଟିକାକରଣ କରାଯାଇଥିଲା। ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ରୋଜାଲିନ୍ ସାହୁ, ବ୍ଲକ ଆକାଉଣ୍ଟ ପରିଚାଳକ ଦେବଶିଷ ମିଶ୍ର, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆକାଶ ଦେହୁରୀ, ଆୟୁଷ ଚିକିତ୍ସା ଅଧିକାରୀ ଡା. ଦୀପକ ସାହୁ, ଡା. ରାକେଶ ସନ୍ତୋଷ ପାଲ, ଡା. ବୀରେନ ସାହୁଙ୍କ ସମେତ ରକ୍ତ ସଂଗ୍ରହ ମୋବାଇଲ ଟିମ୍, ଫାର୍ମାସିଷ୍ଟ, ରେକର୍ଡ ଆସିଷ୍ଟାଣ୍ଟ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସେବାପକ୍ଷରେ ରକ୍ତଦାନ ଶିବିର

ଆଠମଲ୍ଲିକ, ୨୭।୯ (ଉଦୀପ୍ତ ପୁରୋହିତ)




ସେବା ପକ୍ଷ ପାଳନ ଉପଲକ୍ଷେ ଆଠମଲ୍ଲିକ ବ୍ଲକ ଅଏଡ଼ା ଭାଜପା ମଣ୍ଡଳ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ଭାବେ ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଏଡ଼ା ମଣ୍ଡଳ ସଭାପତି ରଞ୍ଜିତ ମୁଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରେଶ ଦେଓ, ଜିଲା କର୍ମକର୍ତ୍ତା ଭବାନୀ ପ୍ରସାଦ ଜ୍ୟୋତିଷ ରାୟ, ନଗରମଣ୍ଡଳ ସଭାପତି ଶୈଳବାଳା ଅମାନ୍ତ, ରମେଶ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ଡା. କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିବା ବେଳେ ନର୍ସିଂ ଅଫିସର ଆର୍ଯ୍ୟବାଳା ଦାଶ, ରକ୍ତ ଭଣ୍ଡାର କର୍ମଚାରୀ ସୁଶାନ୍ତ କୁମାର ସାହୁ, ରାକେଶ କୁମାର ଦତ୍ତ, ମାନସ କୁମାର ସାହୁ, ମିନକେତନ ରାଉଳ, ମୁକେଶ କୁମାର ଦେହୁରୀ, ବିନୟ କୁମାର ବିଶ୍ୱାଳ, ଗୋବିନ୍ଦ ବେହେରା ସହଯୋଗ କରିଥିଲେ।

## ନବବଧୂଙ୍କୁ ଯୌତୁକ ନିର୍ଯାତନା

ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)

କିଶୋରନଗର ଥାନା ଡାଲିମୁରା ଗ୍ରାମର ସୁଜାତା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ରିଆମାଳ ଥାନା ଟିଙ୍ଗବୀର ଗ୍ରାମର ରାକେଶ କୁମାର ସାହୁ ଓ ଶ୍ୱଶୁର ସରୋଜ କୁମାର ସାହୁ ଯୌତୁକ ନିର୍ଯାତନା ସହ ମାଡ଼ମାରି ଘରୁ ବାହାର କରିଦେଇଥିବା ସୁଜାତା କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସୁଜାତା ରାକେଶଙ୍କୁ ଫେବୃଆରୀ ୨୦୨୫ରେ ବିବାହ କରିଥିଲେ। ହେଲେ ୫ ଲକ୍ଷ ଟଙ୍କା ଅଧିକ ଯୌତୁକ ପାଇଁ କହି ନିର୍ଯାତନା ଦେବା ସହ ମାଡ ମାରି ଘରୁ ବାହାର କରି ଦିଆଯାଇଥିବା ଅଭିଯୋଗ ପତ୍ରରେ ସୁଜାତା ଉଲ୍ଲେଖ କରିଛନ୍ତି।

## ୮୨ ୟୁନିଟ୍ ରକ୍ତ ସଂଗୃହୀତ

ଛେଣ୍ଡିପଦା, ୨୭।୯ (ଅଜିତ୍ ଧଳ)



ସେବାପକ୍ଷ ପାଳନ ଅବସରରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ମାଛକୁଟା ପଞ୍ଚାୟତରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ଜନସଂଘର ପ୍ରମୁଖ ନେତା ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ପାଳନ କରାଯିବା ସହ ଏକ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିବାବେଳେ ମୋଟ ୮୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭାଜପା ଜିଲା ଉପସଭାପତି ଅମିୟ ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଯୁବନେତା ସୁଜିତ୍ ଗଡ଼ନାୟକ, ଶକ୍ତିକେନ୍ଦ୍ର ପ୍ରମୁଖ ରଞ୍ଜନ ଗଡ଼ନାୟକ, ସରପଞ୍ଚ ମନୋଜ କୁମାର ସେଠୀ, ସମିତି ସଭ୍ୟ ସୁମନ୍ତ ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ଅମରେଶ ପ୍ରଧାନ, ଲିଙ୍ଗରାଜ ଦେହୁରୀ, ଭାଜପା ବୁଥ୍ ସଭାପତି ନରେନ୍ଦ୍ର ମାଝୀ, ବେଣୁଧର ଗଡ଼ନାୟକ, ଦଣ୍ଡଧର ପ୍ରଧାନ ପିଣ୍ଟୁ ବେହେରା ଓ ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

DSPL - 284
ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ
୨୮ ସେପ୍ଟେମ୍ବର ୨୦୨୫
ତାଲିମ୍‌ପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଗର୍ଭପାତ କରାଇବା ଆଇନ୍ ସମ୍ମତ ଓ ନିରାପଦ ।

ସୁରକ୍ଷିତ ସମୟ ଓ ବିଧି
୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା
୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ ପଦ୍ଧତି ଦ୍ୱାରା
୧୨ ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା
ଗର୍ଭପାତ ଯେତେ ଶୀଘ୍ର କରାଯିବ ସେତିକି ହେବ
ସହଜ, ସରଳ ଓ ସୁରକ୍ଷିତ
୨୦ ସପ୍ତାହରୁ ୨୪ ସପ୍ତାହ ପର୍ଯ୍ୟନ୍ତ
ଗର୍ଭପାତ କେବଳ ନିର୍ଦ୍ଦିଷ୍ଟ ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ
କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ ବିନାମୂଲ୍ୟରେ କରାନ୍ତୁ ।
ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରନ୍ତୁ ।
OIPR-10003/13/0289/2526
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଦୁଲୁକାଇବ କଂସ ଦରବାର, ପାଇକ ଆଖଡ଼ା

■ମା' ଦୁର୍ଗାଙ୍କ ପୂଜା ପାଇଁ ଝଲସୁଛି ବଇଣ୍ଡା, ଡେବେରାପାଲି

■ଦୈନିକ ୫ ଶହ ଶ୍ରଦ୍ଧାଳୁଙ୍କୁ ଦିଆଯିବ ଅନ୍ନ ଭୋଜନ

**ରାତି ପାହିଲେ ଆଗମନ କରିବେ ଅଷ୍ଟଭୁଜା। ଧରାପୃଷ୍ଠରେ ପଦାର୍ପଣ କରିବେ ଦେବୀ ଦୁର୍ଗା। ବିଭିନ୍ନ ରୂପରେ ଆବିର୍ଭୂତା ହେବେ ମା' ଜଗଜ୍ଜନନୀ। ବେଦପାଠରେ ପ୍ରକମ୍ପିତ ହୋଇଉଠିବ ପୂଜାମଣ୍ଡପ। ମନ୍ତ୍ରଧ୍ୱନିରେ ମୁଖରିତ ହେବ ଗଗନପବନ। ମା'ଙ୍କ ଆବାହନ ପାଇଁ ସରିଛି ସମସ୍ତ ପ୍ରସ୍ତୁତି। ସଜ୍ଜିତ ହୋଇସାରିଛି ପୂଜାମଣ୍ଡପ। ବେଦଜ୍ଞ ପଣ୍ଡିତଙ୍କ ଠାରୁ ଶ୍ରଦ୍ଧାଳୁଙ୍କ ଯାଏ ଅପେକ୍ଷାରେ ଅଛନ୍ତି ସମସ୍ତେ। ନିଦ ହଜିଛି ସଭିଙ୍କ ନୟନରୁ।**

ବଇଣ୍ଡା,୨୭।୯(ପରିକ୍ଷିତ ସାହୁ)

ଚଳିତବର୍ଷ ଜମିବ ପୂଜା। ଏଥିପାଇଁ ହୋଇଛି ସ୍ୱତନ୍ତ୍ର ସାଜସଜା। ରଙ୍ଗିନ ଆଲୋକମାଳାଠାରୁ ଆକର୍ଷଣୀୟ ମୂର୍ତ୍ତି ଯାଏ କରାଯାଇଛି ସମସ୍ତ ବ୍ୟବସ୍ଥା। ବିଶେଷକରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଂସ ଦରବାର ଓ ପାଇକ ଆଖଡ଼ା ଯୋଗୁ ଦୁଲୁକିଉଠିବ ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡା ଅଞ୍ଚଳ। ଏଥର ବଇଣ୍ଡା ଛକ ହାଇସ୍କୁଲ ରୋଡ୍ ପୂଜା କମିଟି ଓ ଲୁହାମୁଣ୍ଡା ପଞ୍ଚାୟତ ଡେବେରାପାଲି ପୂଜା କମିଟି ପକ୍ଷରୁ ଧୁମ୍‌ଧାମରେ ପୂଜା ପାଳନ କରାଯିବାକୁ ସମସ୍ତ ଆୟୋଜନ ଶେଷ କରାଯାଇଛି। ବଇଣ୍ଡାଠାରେ ୧୦ ଫୁଟ୍ ଉଚ୍ଚତାର ଦୁର୍ଗାଙ୍କ ମୂର୍ତ୍ତି ହୋଇଥିବାବେଳେ ମନୋରଞ୍ଜନ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ୧୯୯୧ରେ କେତେଜଣ ପିଲା ମା' ଦୁର୍ଗାଙ୍କ ଫଟୋ ରଖି ପୂଜା ଆରମ୍ଭ କରିଥିଲେ। ପରେ ବଇଣ୍ଡା ଛକ ହାଇସ୍କୁଲ ରୋଡ୍‌ରେ ୧୯୯୬ରୁ ବିଧିବଦ୍ଧ ଭାବେ ପୂଜା ହୋଇଆସୁଛି। ୩୦୦ ଟଙ୍କାରୁ ଆରମ୍ଭ ହୋଇଥିବା ପୂଜା ଆୟୋଜନ ୩୪ ବର୍ଷରେ ୫ ଲକ୍ଷ ଟଙ୍କା ବଜେଟରେ ପହଞ୍ଚିଛି। ବଇଣ୍ଡା ଅଞ୍ଚଳର କାରିଗର ମୁରଲୀ ଦ୍ୱାରୀ, ବୈଷ୍ଣବ ଦ୍ୱାରୀ ମା'ଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ପୂଜା ଆରମ୍ଭ ଦିନ ଠାରୁ ଦୈନିକ ୫ ଶହ ଲୋକଙ୍କ ପାଇଁ ଅନ୍ନ ବ୍ୟବସ୍ଥା କରାଯାଇଥିବା ବେଳେ ରାଜଭୋଗ ଦିନ ୨ ହଜାର ଲୋକଙ୍କୁ ପ୍ରସାଦ ପ୍ରଦାନ କରାଯିବା ପାଇଁ ମଧ୍ୟ ସ୍ଥିର ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ସେହିପରି ଡେବେରାପାଲି ଗ୍ରାମରେ ଦୁର୍ଗାପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ପୂଜା କିଶୋରନଗର ବ୍ଲକର ବହୁ ପୁରାତନ ହୋଇଥିବା ବେଳେ ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ୧୯୪୬ ମସିହାରେ ଗ୍ରାମର ସ୍ୱର୍ଗତ ଭାଗୀରଥି ମିଶ୍ର, ବନମାଳୀ ମହାପାତ୍ର, ନାରାୟଣ ମହାପାତ୍ର, ଗୋବିନ୍ଦ ମିଶ୍ର, କାହ୍ନୁ ଚରଣ ମିଶ୍ର, ଦାଶରଥି ମହାପାତ୍ର ଏହି ପୂଜା ଆରମ୍ଭ କରିଥିଲେ। ଚଳିତବର୍ଷ ପୂଜାକୁ ୭୯ ବର୍ଷ ପୂରୁଥିବା ବେଳେ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦଣ୍ଡ ନୃତ୍ୟ ପରିବେଷଣ ପାଇଁ ନିଷ୍ପତ୍ତି ହୋଇଛି। ଉଜ୍ଜ୍ୱଳ ଆଲୋକମାଳା ସହ ଆକର୍ଷଣୀୟ ମଣ୍ଡପ, ମିନାବଜାର, ପାଲା ପରି ଅନେକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ। ଏଥିପାଇଁ ବହୁ ଯୋଜନା କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

### ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି



ବଇଣ୍ଡା ଅଞ୍ଚଳରେ କିପରି ଧୁମଧାମରେ ଦଶହରା ପାଳନ ହେବ ସେ ନେଇ ପୂଜା କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଛି। କଂସ ଦରବାର ମଧ୍ୟ ଅନୁଷ୍ଠିତ ହେବ।

-ରାକେଶ କୁମାର ମିଶ୍ର, ପୂଜା କମିଟି ସଭାପତି

### ଭିନ୍ନ ଧରଣର ଆୟୋଜନ ହୋଇଛି



ଚଳିତବର୍ଷର ପୂଜା ପାଳନ ପାଇଁ ଆବଶ୍ୟକ କାର୍ଯ୍ୟ ଶେଷ ହୋଇଛି। ଏଥର ଭସାଣି କିପରି ଶୃଙ୍ଖଳିତ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ବଇଣ୍ଡା ଅଞ୍ଚଳରେ ଦୀର୍ଘ ବର୍ଷ ହେବ ଏହି ପୂଜା ହୋଇ ଆସୁଥିବା ବେଳେ ଚଳିତବର୍ଷ ଭିନ୍ନ ଧରଣର ଆୟୋଜନ କରାଯାଇଛି।

-ବିକାଶ ବେହେରା, ବଇଣ୍ଡା ପୂଜା କମିଟି ସମ୍ପାଦକ

### ଝଲସାଇବ ରଙ୍ଗବେରଙ୍ଗର ଆଲୋକମାଳା



କିଶୋରନଗର ବ୍ଲକ ଡେବେରାପାଲିରେ ବହୁବର୍ଷ ତଳୁ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ପାଇଁ ଗାଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗ୍ରାମବାସୀଙ୍କ ସହାୟତାରେ ପୂଜା ପାଳନ ହେଉଛି। ରଙ୍ଗବେରଙ୍ଗର ଆଲୋକମାଳା ହିଁ ପୂଜାର ମୁଖ୍ୟ ଆକର୍ଷଣ ହେବ।

-ବସନ୍ତ ମିଶ୍ର, ଡେବେରାପାଲି ପୂଜା କମିଟି ପୁରାତନ ସଦସ୍ୟ

### ଶୃଙ୍ଖଳା ପାଇଁ ସହଯୋଗ ଲୋଡ଼ାଯାଇଛି



ପୂଜାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଛି। କିପରି ଲୋକଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ସେ ନେଇ ପଦକ୍ଷେପ ନିଆଯିବ। ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନ ନେଇ କମିଟି କର୍ମକର୍ତ୍ତାଙ୍କ ସହ ବୈଠକ କରାଯାଇ ସହଯୋଗ ଲୋଡ଼ାଯାଇଛି।

-ନମିତା ନାୟକ, ହଣ୍ଡପା ଆଇଆଇସି

## ୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ସମ୍ମାନ



ଅନୁଗୋଳ,୨୭।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳସ୍ଥିତ ରୋଟାରି ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ରାଷ୍ଟ୍ର ନିର୍ମାତା ସମ୍ମାନ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ଦେଶ ଓ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନୁଗୋଳ ଜିଲାର ୬ ଜଣ ବରିଷ୍ଠ ଏବଂ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରୋଟାରି କ୍ଲବ ଅନୁଗୋଳ ତରଫରୁ ସମ୍ମାନିତ କରାଯାଇଛି। ବନ୍ତଲା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହାଡିବନ୍ଧୁ ସାହୁ, ହମାମିରା ନୋଡାଲ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ଅମାନ୍ତ, ମୁଷାପାପୁଲି ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରା, ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଗୀତାରାଣୀ ଆଚାର୍ଯ୍ୟ, ଟାଙ୍ଗିସି ନୋଡାଲ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଓ ରୋଟାରି ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ଶାକମ୍ବରୀ ମହାରଣାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ରୋଟାରି କ୍ଲବ ରାଷ୍ଟ୍ର ନିର୍ମାତା ପୁରସ୍କାର କମିଟି ଅଧ୍ୟକ୍ଷ ଉଲ୍ଲାସ ଚମ୍ପତିରାୟ, କ୍ଲବ ସଭାପତି ସୁଜିତ କୁମାର ସାହୁ, ସମ୍ପାଦକ ଶଇଳେନ ମିଶ୍ର, ରୋଟାରି ପବ୍ଲିକ ସ୍କୁଲର ପୂର୍ବତନ ଚେୟାରମ୍ୟାନ ନିଖିଳ ରଞ୍ଜନ ମିଶ୍ର, କ୍ଲବ ପୂର୍ବତନ ସଭାପତି ସରୋଜ କୁମାର ସାହୁ, ଅଭିଷେକ ପଟ୍ଟନାୟକ, ରୋଟାରି ପବ୍ଲିକ ସ୍କୁଲ ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ମିଶ୍ର ଏବଂ ନର୍ମଦା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କ୍ଲବ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବିଳମ୍ବ ହେଉଛି ରାଜସ୍ୱ ସେବା

**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆବେଦନକାରୀ**

ଅନୁଗୋଳ,୨୭।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ବଣ୍ଟଁରପାଳ ତହସିଲରେ ଦିନକୁ ଦିନ ରାଜସ୍ୱ ସେବା ଧିମେଇ ଯାଉଥିବା ଅଭିଯୋଗ ହେଉଛି। ଆବେଦନକାରୀ ବାରମ୍ବାର ଦୌଡ଼ି ନୟାନ୍ତ ହେଲେ ମଧ୍ୟ କାର୍ଯ୍ୟ ହୋଇପାରୁନାହିଁ। ଏପରି କି ତହସିଲ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଉପୁଜୁଥିବା ସାଧାରଣରେ ଅଭିଯୋଗ ହେଉଛି। ପୂର୍ବରୁ ୫ରୁ ୬ଟି ପଞ୍ଚାୟତକୁ ନେଇ ଗୋଟିଏ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିଲା। କିନ୍ତୁ ସେବାରେ ସୁଧାର ଆଣିବା ପାଇଁ ଲୋକ ସଂଖ୍ୟାକୁ ଦେଖି ପଞ୍ଚାୟତଗୁଡିକରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କରାଯାଇଛି। ତଥାପି ଲୋକଙ୍କ ସମସ୍ୟା ଦୂର ହୋଇପାରୁନାହିଁ।

ଅଭିଯୋଗରୁ ପ୍ରକାଶ, ବଣ୍ଟଁରପାଳ ତହସିଲ ଅନ୍ତର୍ଗତ ମହୀଧରପୁର ପଞ୍ଚାୟତରେ ରହିଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। କିଛିଦିନ ହେବ ପ୍ରାୟ ସମୟରେ ଏହି କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖାଯାଉଛି। ଫଳରେ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଏଠାକୁ ଆସୁଥିବା ଲୋକେ ଫେରିଯିବାକୁ ବାଧ ହେଉଛନ୍ତି। ଏହି ପଞ୍ଚାୟତ ସେରେଣାବେଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର ବର୍ଷାରେ ଭାଙ୍ଗି ଯାଇଥିବା ବେଳେ ସରକାରୀ ସହାୟତା ପାଇଁ ଆର୍‌ଆଇଙ୍କ ପାଖକୁ ଆସିଥିଲେ। ହେଲେ ଆର୍‌ଆଇ ତାଙ୍କୁ ଫେରାଇ ଦେବା ସହ ପୂର୍ବ ଆର୍‌ଆଇଙ୍କୁ ଯୋଗାଯୋଗ କରି ବୁଝିବେ ବୋଲି କହିଥିଲେ। ସେହିପରି ମହୀଧରପୁର ଗାଁର ଜାନକୀ ନାଥ, ସରୋଜ ପାଳ, ଅଶୋକ ଜେନା, ଦୁର୍ଗାଚରଣ ନାଥ ପ୍ରମୁଖ ନିଜ ଜମିରେ ରହଣି ଉଦ୍ଦେଶ୍ୟରେ ଘରବାଡ଼ି କିସମ ପରିବର୍ତ୍ତନ ପାଇଁ ଆବେଦନ କରିଛନ୍ତି। କିନ୍ତୁ ଏହାର ସମାଧାନ ହୋଇପାରି ନାହିଁ। ସରୋଜ ପାଳ ଏବଂ ଜାନକୀ ନାଥ କିସମ ପରିବର୍ତ୍ତନ ଦେୟ ଦେଇସାରିବା ପରେ ମଧ୍ୟ ପଟ୍ଟାରେ କିସମ ପରିବର୍ତ୍ତନ ହେଉନାହିଁ। ଅଶୋକ କୁମାର ଜେନା ଓ ଦୁର୍ଗା ଚରଣ ନାଥ ଆବେଦନ କରିଥିବା ଦରଖାସ୍ତ ଆଗକୁ ବଢୁନାହିଁ। ଏ ନେଇ ବଣ୍ଟଁରପାଳ ତହସିଲଦାର ସୁଶାନ୍ତ ମିଶ୍ର କହିଛନ୍ତି, ଆର୍‌ଆଇ କଲମ-୨ ସଂଶୋଧନ ପାଇଁ କ୍ଷେତ୍ର ଭ୍ରମଣରେ ଯାଉଛନ୍ତି। ସେ ଘଣ୍ଟାଏ ଅଫିସରେ ବସିବା ସହ ଲୋକଙ୍କ ଅଭିଯୋଗ ଶୁଣିବେ।

## ରେଳପଥ କାର୍ଯ୍ୟକୁ ଜନଶୁଣାଣିରେ ବିରୋଧ

ତାଳଚେର,୨୭।୯ (ମନୋଜ ନନ୍ଦ)

ତାଳଚେର- ଅନୁଗୋଳ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ସହିତ ୱାଇ ସଂଯୋଗ କାର୍ଯ୍ୟ ନିମନ୍ତେ ହୋଇଥିବା ଆପତ୍ତି ଅଭିଯୋଗ ଉପରେ ଘଣ୍ଟପଡ଼ା ମୌଜାର କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ନେଇ ଗତ ୨୫ ତାରିଖରେ ଖଣ୍ଡାପୋଡ଼ା ଛକ ଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଉପସ୍ଥିତ ଲୋକେ ପ୍ରସ୍ତାବିତ ୱାଇ ରେଳପଥ ପ୍ରକଳ୍ପକୁ ବିରୋଧ କରିଥିଲେ। ପ୍ରସ୍ତାବିତ ପ୍ରକଳ୍ପ ୱାଇ ଘଣ୍ଟପଡ଼ା ଗ୍ରାମ ମଧ୍ୟରେ ପ୍ରମୁଖ ଚାଟେରି ପୋଖରୀକୁ ଅତିକ୍ରମ କରୁଛି। ଏହି ପୋଖରୀ ଆଦର୍ଶ, ଐତିହାସିକ ଓ ବୃହତ ହୋଇଥିବାବେଳେ ଲୋକେ ନାନା କାର୍ଯ୍ୟରେ ବ୍ୟବହାର କରି ଆସୁଛନ୍ତି। ତେଣୁ ରେଳ ପ୍ରକଳ୍ପ ହେଲେ ଗ୍ରାମବାସୀ ବହୁତ କ୍ଷତି ସହିବେ। ଗ୍ରାମ ରାସ୍ତା ଭାଗ ହୋଇଯିବା ଯୋଗୁ ଯାତାୟାତରେ ଅସୁବିଧା ଭୋଗିବେ। ଏସବୁକୁ ଦୃଷ୍ଟିରେ ରଖି ସର୍ବସମ୍ମତି କ୍ରମେ ଉକ୍ତ ରେଳ ପ୍ରକଳ୍ପକୁ ଗ୍ରାମବାସୀ ବିରୋଧ କରିବା ସହ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଘଣ୍ଟପଡ଼ା ଗ୍ରାମ କମିଟି ତରଫରୁ ପ୍ରସ୍ତାବ ଦିଆଯାଇଛି।


## ୩ ବର୍ଷ ପରେ ମିଳିଲା ଜନ୍ମ ପ୍ରମାଣପତ୍ର

ଛେଣ୍ଡିପଦା,୨୭।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାଲିପଟା ଗାଁର ଜଣେ ବ୍ୟକ୍ତି ଆବେଦନର ପ୍ରାୟ ୩ ବର୍ଷ ପରେ ଆଇନ ସେବା ପ୍ରାଧିକରଣ ସହାୟତାରେ ଝିଅର ଜନ୍ମ ପ୍ରମାଣପତ୍ର ଶନିବାର ପାଇପାରିଛନ୍ତି। ସୂଚନା ଅନୁଯାୟୀ, ବାଲିପଟ୍ଟା ଗ୍ରାମର ସୁନୀଲ ସେଠୀଙ୍କ ଝିଅ ଦେବାଂଶୀର ଜନ୍ମ ୨୮ ଡିସେମ୍ବର ୨୦୨୨ରେ ହୋଇଥିଲା। ହେଲେ ଜନ୍ମ ପ୍ରମାଣପତ୍ର ପାଇଁ ସୁନୀଲ ୩ ବର୍ଷ ତଳେ ଛେଣ୍ଡିପଦାରୁ କୋଶଳା ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ। ଶେଷରେ ସୁନୀଲଙ୍କ ସ୍ତ୍ରୀ ମାନସୀ ଗତ ୯ତାରିଖରେ ଅନୁଗୋଳ ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ମାନସୀଙ୍କ ଆବେଦନପତ୍ରକୁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଛେଣ୍ଡିପଦା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷଙ୍କ ନିକଟକୁ ନ୍ୟାୟ ପ୍ରଦାନ ପାଇଁ ପଠାଯାଇଥିଲା। ଛେଣ୍ଡିପଦା କୋର୍ଟଙ୍କ ନିର୍ଦ୍ଦେଶରେ ତାଲୁକ ଆଇନ ସେବା କମିଟି ଜନ୍ମ ପ୍ରମାଣପତ୍ର ଯୋଗାଇଦେବା ନିମନ୍ତେ ହସ୍ତକ୍ଷେପ କରିଥିଲା। ତାଲୁକ ଆଇନର ହସ୍ତକ୍ଷେପ ପରେ ମାନସୀଙ୍କୁ ୧୮ ଦିନ ମଧ୍ୟରେ କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରରୁ ଜନ୍ମ ପ୍ରମାଣପତ୍ର ମିଳିଥିଲା।

## ୧୪୩ ର୍ୟାଙ୍କ୍‌ରେ ସ୍ମୃତିରଞ୍ଜନ

ପାଲଲହଡ଼ା, ୨୭।୯ (ଦିବ୍ୟଜ୍ୟୋତି ଦାଶ)



ପାଲଲହଡ଼ାର ବରିଷ୍ଠ ଓକିଲ ବିନୋଦ କୁମାର ସାହୁଙ୍କ ସାନ ପୁଅ ସ୍ମୃତି ରଞ୍ଜନ ସାହୁ ୧୪୩ ର୍ୟାଙ୍କ୍ ସହ ଓସିଏସ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ସ୍ମୃତିରଞ୍ଜନ ୨୦୧୩ ମସିହାରେ ମାଟ୍ରିକ୍, ୨୦୧୯ରେ ଏନ୍‌ଆଇଟି ରାଉରକେଲାରୁ ବିଟେକ୍ ସାରିଥିଲେ। ୨୦୨୩ରେ ଆଇଆଇଟି ଦିଲ୍ଲୀରୁ ଏମ୍‌ଟେକ୍ ସାରିବା ପରେ ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମର ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟରତ ଅଛନ୍ତି। ସ୍ମୃତି ରଞ୍ଜନଙ୍କ ଏହି ସଫଳତା ପାଲଲହଡ଼ା ପାଇଁ ଗର୍ବ ଆଣିଦେଇଛି।

## ହାତୀ ଉପଦ୍ରବ, ସମସ୍ୟା ବୁଝିଲେ ଅଧିକାରୀ

ଅନୁଗୋଳ,୨୭।୯(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ବାରସିଙ୍ଗା ଗ୍ରାମରେ ହାତୀ ଉପଦ୍ରବ ବଢିବାରେ ଲାଗିଛି। ବାରସିଙ୍ଗା ଗ୍ରାମ ମିରଟସ୍ଥିତ ଜଙ୍ଗଲିଆ ଅଞ୍ଚଳରେ ୧୦ ରୁ ୧୫ ହାତୀ ରହୁଛନ୍ତି। ସନ୍ଧ୍ୟା ହେଲେ ଗାଁକୁ ଆସି ହାତୀ ଘର ଭାଙ୍ଗିବା ସହ ଧାନ ଚାଷ ନଷ୍ଟ କରୁଛନ୍ତି। ଅଞ୍ଚଳବାସୀ ବାରମ୍ବାର ଏହାର ପ୍ରତିକାର କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଶନିବାର ରେଞ୍ଜର ମାଧବ ଚନ୍ଦ୍ର ନାୟକ ଏକ ଟିମ୍ ସହ ବାରସିଙ୍ଗା ଗ୍ରାମରେ ପହଞ୍ଚି ଏହାର ତଦନ୍ତ କରିବା ସହ ପ୍ରତିକାର ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ, ବାରସିଙ୍ଗା ଗ୍ରାମର ଗଗନ ସାହୁଙ୍କ ଘର ହାତୀ ଭାଙ୍ଗି ଦେଇଛି। ସେହିପରି ଦୀନବନ୍ଧୁ ସାହୁ, ନରେଶ ସାହୁ, ବାବୁଲା ସାହୁ, ନିର୍ମଳ ସାହୁ, ପ୍ରମୋଦ ସାହୁ, ପ୍ରଶ୍ନ ସାହୁ, ମହର ସାହୁ, ସିଦ୍ଧାନ୍ତ ସାହୁଙ୍କ ଧାନ ଚାଷ ନଷ୍ଟ କରିଛନ୍ତି। ବାରସିଙ୍ଗା ଗ୍ରାମକୁ ରେଞ୍ଜର ନାୟକ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଗ୍ରାମରେ ସୋଲାର ବାଡ଼ ଏବଂ ସୋଲାର ଲାଇଟ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ରେଞ୍ଜର ନାୟକ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଶୀଘ୍ର ସୋଲାର ଲାଇଟ ସହ କିଛି ଦିନ ପରେ ସୋଲାର ବାଡ଼ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ବାରସିଙ୍ଗା ଗ୍ରାମରେ ପହଞ୍ଚି ସମସ୍ୟା ବୁଝୁଛନ୍ତି ରେଞ୍ଜର।

## ହିନ୍ଦୀ ଭାଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ



ବନ୍ତଲା,୨୭।୯(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ପିଏମ୍‌ଶ୍ରୀ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ବସନ୍ତ କୁମାର ପଣ୍ଡା ଯୋଗଦେଇ ଦେଶର ବିଭିନ୍ନ ପ୍ରାଦେଶିକ ଭାଷା ଓ ହିନ୍ଦୀ ଭାଷାର ପ୍ରଭାବ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପଞ୍ଚାନନ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ କ୍ରିତି ନାରାୟଣ ଷଡ଼ଙ୍ଗୀ, ଅଧ୍ୟାପକ କ୍ଷୀରୋଦ କୁମାର ବିଶ୍ୱାଳ, ଅଧ୍ୟାପକ ସୁଧୀର କୁମାର ରଥ ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷା ଓ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ର ହିନ୍ଦୀ ଭାଷା ଜ୍ଞାନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଚନ୍ଦ୍ରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ



ଛେଣ୍ଡିପଦା,୨୭।୯(ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ବଡ଼ମହିତଲାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକିର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ପକ୍ଷ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ସଫେଇ, ଗ୍ରାମ ସଫେଇ, ନିକଟସ୍ଥ ମନ୍ଦିର ସଫେଇ ଆଦି କରାଯିବା ସହ ଏକ ସ୍ୱଚ୍ଛତା ରାଲି କରାଯାଇଥିଲା। ବିଦ୍ୟାଳୟସ୍ତରରେ ଚିତ୍ରାଙ୍କନ, ବକ୍ତୃତା, କବିତା ଆବୃତ୍ତି ଆଦି କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସ୍ୱଚ୍ଛତା ପକ୍ଷ ପାଳନର ଉଦ୍ଦେଶ୍ୟ ଓ ଫଳାଫଳ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କେବଳ ସ୍ୱଚ୍ଛତା ପକ୍ଷରେ ସ୍ୱଚ୍ଛତା ଗ୍ରହଣ ନ କରି ପ୍ରତିଦିନ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ ବୋଲି ପ୍ରଧାନ ଶିକ୍ଷକ କହିଥିଲେ।

## ଗର୍ଭ ସମାପ୍ତିର ଆବଶ୍ୟକତା ସମ୍ପର୍କରେ ଆଲୋଚନା




ଅନ୍ତର୍ଜାତୀୟ ସୁରକ୍ଷିତ ଗର୍ଭ ସମାପନ ଦିବସ ପାଳନ କରାଯାଉଛି।

ବଣ୍ଟଁରପାଳ,୨୭।୯(ସୁବାସ ସାହୁ)

କମନ ହେଲଥ୍ ଏବଂ ସାମାଜିକ ସଙ୍ଗଠନ ସ୍ପନ୍ଦନ ଅନୁଗୋଳ ତରଫରୁ ଅନ୍ତର୍ଜାତୀୟ ସୁରକ୍ଷିତ ଗର୍ଭ ସମାପନ ଦିବସ-୨୦୨୫ ନାଲ୍‌କୋନଗର ଏନ୍‌ଏସିୟୁ ସଭାଗୃହଠାରେ ଶନିବାର ପାଳିତ ହୋଇଯାଇଛି। ନାଲ୍‌କୋ ହସ୍ପିଟାଲର ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଶେଷଜ୍ଞା ଡାକ୍ତର ଅର୍ପିକା ବେହେରା ଏହାକୁ ଉଦ୍‌ଘାଟନ କରିବା ସହ ଗର୍ଭ ସମାପ୍ତିର ଆବଶ୍ୟକତା କାହିଁକି ଜରୁରୀ, ଗର୍ଭ ନିରୋଧକ ଔଷଧର ଅସୁରକ୍ଷିତ ବ୍ୟବହାର ଦ୍ୱାରା ଶରୀର ପ୍ରତି ରହିଥିବା ବିପଦ, ସଂକ୍ରମଣ, ଗର୍ଭ ଧାରଣ ହେବା ସମୟରେ ପ୍ରଶିକ୍ଷିତ ଡାକ୍ତରଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ ମାଧ୍ୟମରେ ଗର୍ଭସ୍ଥ ଶିଶୁର ଅଭିବୃଦ୍ଧିକୁ ଲକ୍ଷ୍ୟକରି ଗର୍ଭକୁ ଆଗକୁ ନେବା କିମ୍ବା ସମାପନ କରିବା ଆଦି ଉପରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ପ୍ରଦୀପ କୁମାର ନାୟକ ଯୋଗଦେଇ ଥିଲେ। ଅନୁଗୋଳ ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ଲିପିକା ମହାପାତ୍ର କିଶୋରୀ ବାଳିକା ପ୍ରଲୋଭିତ ହୋଇ କିପରି ଶୋଷଣର ଶିକାର ହେବା ସହ ନାବାଳିକା ମାତୃତ୍ୱ ଲାଭ କରୁଛନ୍ତି ସେ ନେଇ ସଚେତନ କରାଇଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ପ୍ରସାଦ ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରଶ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦୀପକ କୁମାର ସାହୁ, ସୁଶାନ୍ତ କୁମାର ବେହେରା, ସୁବଳ ସାହୁ, ଅରୁଣ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସହାୟତା କରିଥିଲେ।

## ପଡ଼ିରହିଥିବା ପ୍ରକଳ୍ପ ନଭେମ୍ବର ସୁଦ୍ଧା ଶେଷ କର

ଅନୁଗୋଳ,୨୭।୯(ମାନସ ବିଶ୍ୱାଳ)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶ କ୍ରମେ କଟକ, ଢେଙ୍କାନାଳ, ଦେବଗଡ଼ ଓ ଅନୁଗୋଳ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ. ଏନ୍ ଅଧ୍ୟକ୍ଷତା କରିଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକରେ ଯୋଗଦେଇ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗ୍ରାମୀଣ ଗୃହ ନିର୍ମାଣ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଆଦି ଯୋଜନାର ସମୀକ୍ଷା କରାଯାଇଥିଲା। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ଅଗ୍ରଗତି ଉପରେ ଆଲୋଚନା କରି ଅସମ୍ପୂର୍ଣ୍ଣ ଗୃହଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭିନ୍ନ ଜିଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାସିକ ଶ୍ରମ ଅଟକଳର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡିକର ଅଗ୍ରଗତି ଉପରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସମୀକ୍ଷା କରି ୨୦୨୪-୨୫ ଆର୍ଥିକ ବର୍ଷରେ ଆରମ୍ଭ ନ ହୋଇ ପଡ଼ିରହିଥିବା ପ୍ରକଳ୍ପ ସବୁକୁ ଯଥାଶୀଘ୍ର ଆରମ୍ଭ କରି ନଭେମ୍ବର ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ଉପରୋକ୍ତ ଚାରି ଗୋଟି ଜିଲାର ବିଭିନ୍ନ ଯୋଜନା ଅନ୍ତର୍ଗତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



ବୈଠକରେ ବିଭାଗୀୟ ଶାସନ ସଚିବ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ।

# ଓଟିଇଟି ପରୀକ୍ଷା ଦେଲେ ଗଣଶିକ୍ଷାମନ୍ତ୍ରୀଙ୍କ ସ୍ତ୍ରୀ, ବିଧାୟକଙ୍କ ସ୍ତ୍ରୀ



ଚୈଇତି ଗଣ୍ଡ



ତରୁଣୀ ମାଝୀ

ନବରଙ୍ଗପୁର,୨୭।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଶନିବାର ଓଟିଇଟି ପରୀକ୍ଷା ହୋଇଛି। ଏଠାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ତ୍ରୀ ଚୈଇତି ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସ୍ତ୍ରୀ ତରୁଣୀ ମାଝୀ ପରୀକ୍ଷା ଦେଇଛନ୍ତି। ଚୈଇତି ଉମରକୋଟ ବ୍ଲକ୍ ଡଙ୍ଗରିଗୁଡ଼ା ୟୁଭି-୩ ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତରୁଣୀ ମାଝୀ ନନ୍ଦାହାଣ୍ଡି ଜେଟୁଗୁଡା ସ୍କୁଲରେ ଶିକ୍ଷକତା କରୁଛନ୍ତି। ତେବେ ଦୁହେଁ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ନିଜ ନିଜ କେନ୍ଦ୍ରରେ ଓଟିଇଟି ପରୀକ୍ଷା ଦେଇଛନ୍ତି। ନବରଙ୍ଗପୁର ଜିଲାରେ ୨ଟି ସିଟିଂରେ ଓଟିଇଟି ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୪ଟି କେନ୍ଦ୍ରରେ ହୋଇଥିଲା। ୮୪୮ଜଣ ଶିକ୍ଷକଙ୍କ ମଧ୍ୟରୁ ୭୮୭ ଜଣ ପରୀକ୍ଷା ଦେଇଥିଲେ। ୬୧ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦ୍ୱିତୀୟ ସିଟିଂ ୬ଟି କେନ୍ଦ୍ରରେ କରାଯାଇଥିଲା। ୧୫୯୮ଜଣଙ୍କ ମଧ୍ୟରୁ ୧୫୩୪ଜଣ ପରୀକ୍ଷା ଦେଇଥିବା ବେଳେ ୬୪ଜଣ ଶିକ୍ଷକ ଅନୁପସ୍ଥିତ ରହିଥିଲେ। ଏହି କେନ୍ଦ୍ରଗୁଡ଼ିକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ ପରିଦର୍ଶନ କରିଥିଲେ।

# ହାତଗୋଡ଼ ବାନ୍ଧି ଗର୍ଭବତୀଙ୍କୁ ମାଡ଼ମାରି ଲୁଟିନେଲେ ସୁନାଗହଣା

ସୋର,୨୭।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଟେଣ୍ଟେଇ ପଞ୍ଚାୟତ ବିରିପଡା ଗ୍ରାମରେ ଶୁକ୍ରବାର ରାତିରେ ଦୁଇଟି ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଜଣେ ଗର୍ଭବତୀ ମହିଳାଙ୍କ ହାତଗୋଡ ବାନ୍ଧି ମାଡ଼ ମାରି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଛନ୍ତି। ଶୁକ୍ରବାର ରାତିରେ ୪ଜଣ ଦୁର୍ବୃତ୍ତ ପଲିଥିନ ଚିରି ତାଙ୍କ ଘର ଭିତରକୁ ପଶିଥିଲେ। ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହିତ ତାଙ୍କୁ ଓ ପରିବାରର ୩ଜଣଙ୍କୁ ହାତଗୋଡ ବାନ୍ଧି ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସୁନାଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଥିବା ଝିଅ ରଶ୍ମିତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ଉକ୍ତ ଗ୍ରାମର ଚକ୍ରଧର ବେହେରା ୨ ମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ରାତିରେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଶନିବାର ଅପରାହ୍ନରେ ସୋର ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓସିଏସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ୧୭୩ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)

ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)- ୨୦୨୩ ପରୀକ୍ଷା ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ସଫଳତା ହାସଲ କରିଛି। ଏକାଡେମୀର ୧୭୩ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସ୍ୱରୂପିଣୀ ପଟ୍ଟନାୟକ, ଦୀପସୀତା ବେହେରା, ସୁପ୍ରିୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍ ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ୪୦ ର୍ୟାଙ୍କ ମଧ୍ୟରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୁଭ୍ରାଂଶୁ ଶେଖର ଓଝା ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସଚେତନତା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

**ଆଜି ବିଶ୍ୱ ଜଳାତଙ୍କ ଦିବସ**

ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ପାଗଳା କୁକୁର କାମୁଡ଼ିଲେ ଏହି ରୋଗର ଆଶଙ୍କା ଅଧିକ ଥାଏ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି- 'ଆକ୍ଟ ନାଓଁ, ୟୁ ମି, କମ୍ୟୁନିଟିଜ୍'। ଅର୍ଥାତ୍ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କେବଳ ମୁଁ ନୁହେଁ, ଆପଣ ଏବଂ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସ୍ଥାୟୀ ଚିକିତ୍ସା ପ୍ରାୟ ନାହିଁ। ଅର୍ଥାତ୍ ଜଳାତଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ମୃତ୍ୟୁ ପ୍ରାୟ ସୁନିଶ୍ଚିତ। ଏହି ରୋଗ କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପିଥାଏ। ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡ଼ିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପଶୁମାନଙ୍କୁ ବ୍ୟାପିଥାଏ। କ୍ଷତ ସ୍ଥାନ ଜଳାପୋଡ଼ା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଏବଂ ଆଲୋକ ଆଦିକୁ ଭୟ କରିବା, ଅତ୍ୟଧିକ ପରିଶ୍ରମ ସହ୍ୟ କରି ନ ପାରିବା, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ହେଉଛି ଜଳାତଙ୍କର ପ୍ରମୁଖ ଲକ୍ଷଣ।

ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟକୁ ଏକ ବୁଲା କୁକୁର କାମୁଡ଼ିଦେଲା, ତେବେ ଡାକ୍ତରୀ ପରାମର୍ଶ କରି ଟିକା ନେବା ପୂର୍ବରୁ ଉକ୍ତ କାମୁଡ଼ା ଜାଗାଟିକୁ ଭଲ ଭାବରେ ସାବୁନ୍‌ରେ ଅତିକମ୍‌ରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ଧୋଇ ସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣି ସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନଟିରେ ଆଣ୍ଟିସେପ୍ଟିକ ମଲମ କିମ୍ବା ଲୋଶନ ଲଗାନ୍ତୁ। କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା କରିସାରିବା ପରେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନିଅନ୍ତୁ।

– ଡା. ଅନନ୍ତ ଆଚାର୍ଯ୍ୟ


**ପୂର୍ବ ତଟ ରେଳପଥ**

**ବହୁମୁଖୀ ଏବଂ ଖାଦ୍ୟ ସରବରାହ ଷ୍ଟଲର ଇ-ନିଲାମ**

କ୍ରମ ସଂ.1: ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-6/7, କ୍ରମ ସଂ.2 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପିଲର ନଂ.11 ଏବଂ 12 ମଧ୍ୟରେ ପ୍ଲାଟଫର୍ମ ନଂ.-4, କ୍ରମ ସଂ.3 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପ୍ଲାଟଫର୍ମ ନଂ.-2&3, କ୍ରମ ସଂ.4 : ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-3।

ସଂରକ୍ଷଣ ବର୍ଗ : ବହୁମୁଖୀ ଷ୍ଟଲ(GMU) (କ୍ରମ ସଂ.1 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଅନୁସୂଚିତ ଜାତି)(କ୍ରମ ସଂ.2 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଶାରୀରିକ/ ମାନସିକ ବିକଳାଙ୍ଗ) (କ୍ରମ ସଂ.3 ପାଇଁ) ଏବଂ ତାଜା ଫଳ ଏବଂ ଜୁସ୍ ଷ୍ଟଲ SMU(ଅନୁସୂଚିତ ଜନଜାତି) (କ୍ରମ ସଂ.4 ପାଇଁ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.07.10.2025 ରିଖ 1530 ଘଟିକା ଠାରୁ (କ୍ରମ ସଂ.1 ପାଇଁ) ଏବଂ ତା.07.10.2025 ରିଖ 1100 ଘଟିକା ଠାରୁ (କ୍ରମ ସଂ.2 ରୁ 4 ପାଇଁ)।

ଦ୍ରଷ୍ଟବ୍ୟ: ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍‌ର ବିବରଣୀ ଓ ଅନ୍ୟାନ୍ୟ ସବିଶେଷ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-641/Q/25-26


# କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସ ଦୋହରାଇଛି: ଭାଜପା

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଦେଶର ଯେକୌଣସି ରାଜ୍ୟକୁ ଯେତେବେଳେ ବି ଯାଇପାରିବେ। ଏଥିପାଇଁ କାହାର ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ ପଚାରି କଂଗ୍ରେସ ନିଜ ନିର୍ବୋଧତାର ପରିଚୟ ଦେଇଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ଗାଳିଦେବା, କଟାକ୍ଷ କରିବା, ନିଚା ଦେଖାଇବା କଂଗ୍ରେସ ବରିଷ୍ଠ ନେତାମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ଶନିବାର ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମ୍ନସ୍ତରର ବକ୍ତବ୍ୟ ଦେଇ କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସକୁ ଦୋହରାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, କଥାରେ ଅଛି କୋଇଲାକୁ ଯେତେ ଧୋଇଲେ ବି ରଙ୍ଗ ବଦଳିବ ନାହିଁ। ସମାନ ଭାବେ ଯେତେ ପରାମର୍ଶ ଦେଲେ ବି କଂଗ୍ରେସର ଚରିତ୍ର ଓ ସ୍ୱଭାବ ବଦଳିବ ନାହିଁ। କଂଗ୍ରେସ ଭଳି ରାଷ୍ଟ୍ରୀୟ ଦଳର ନେତାମାନେ ଜଣେ ମହିଳା ଏମ୍‌ପିଙ୍କ ଚରିତ୍ର ସଂହାରକରି ବକ୍ତବ୍ୟ ଦେବା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଶାଳିନତା ଉଲ୍ଲଂଘନକରି ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ଚିରାଚରିତ ସ୍ୱଭାବ। କଂଗ୍ରେସ ମୁଖପାତ୍ରଙ୍କ ବକ୍ତବ୍ୟ ନିଜର ବ୍ୟକ୍ତିଗତ ନା ଦଳୀୟ ତାହା ସ୍ପଷ୍ଟ କରିବା ଉଚିତ। ଆଜିର ଏଭଳି ହୀନ ବକ୍ତବ୍ୟ ପାଇଁ ଓଡ଼ିଶା ତଥା ଭାରତବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ

(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।

(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ

ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପାରାଦ୍ୱୀପ ଠାରେ ଗ୍ରୀଡ୍ ପୃଥକୀକରଣ କାର୍ଯ୍ୟ" ସମ୍ବନ୍ଧୀୟ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking) କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-647/Q/25-26


# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ବେପାରୀ ଗିରଫ

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସକୁ ଅପରେଶନ ଚକ୍ର ମାଧ୍ୟମରେ ଏକ ବଡ଼ ସଫଳତା ମିଳିଛି। ସଦର ଥାନା ପକ୍ଷରୁ ଶନିବାର ନୀଳଚକ୍ରନଗରରେ ଚଢ଼ାଉ କରାଯାଇ ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ଥାନା ଅଞ୍ଚଳର ମହମ୍ମଦ ସାଜଦ(୩୦) ଓରଫ ରାଜା ଏବଂ ପୁରୀ ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରର ସୁକାନ୍ତି ପଣ୍ଡା(୬୦)ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ପ୍ରଦାନ କରି କହିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୨୦୦ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।


**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska) - 761111, Dist.: Ganjam, State: Odisha
Email id: askasugar@yahoo.co.in
GSTIN: 21AAAAT5989L1ZO

Letter No. GAD/F-200/1450 Date: 26.09.2025

**ADVERTISEMENT FOR CONTRACTUAL APPOINTMENT**

Fresh applications are invited from eligible candidates for filling of the post of "Cane Manager" on Contractual Basis for a period of one year and likely to be extended after satisfactory performance. The eligible candidates may apply in prescribed application form duly filled in and send through Speed Post/ Registered Post only on or before 28.10.2025. For details, please visit our website (www.askasugar.com).

Sd./- Managing Director



**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 24.09.2025

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division : S. No. 1 to 2 Jashpur & S. No. 3 Manendragarh Division
03. S. No. 1 to 3 - 'D' Class and above Contractor
04. Bid submission due date - 15.10.2025

| S. No. | N.I.T. No. | Name of Work | P.A.C. in Lacks |
|---|---|---|---|
| 1 | 2 | 3 | 4 |
| 1 | 189 | Construction of Kandadhora to Ghumra Road Length 0.80 Km of District Jashpur (First Call) | 74.07 |
| 2 | 190 | Construction of First Floor at ITI Building duldula Distt. Jashpur (First Call) | 97.66 |
| 3 | 191 | Renovation of ITI Building at Lalpur Distt. MCB (C.G.) (First Call) | 46.35 |

G-252603772/1

Sd./- Superintending Engineer
P.W.D. Ambikapur Circle, Ambikapur



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**Advertisement (In-House)**

**No.E-414** : Interested **In-house candidates presently working** in other districts under NHM desiring to be posted in Dhenkanal district under NHM of OSH & FWS may log on to **www.dhenkanal.odisha.gov.in** for details (advertisement, terms and conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd./- Chief District Medical & PH Officer, Dhenkanal

OIPR-10059/11/0026/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**M.I.DIVISION, GANJAM NO-II, BERHAMPUR**

No.A-687

**QUOTATION/TENDER**
**CALL NOTICE I.D. NO./06/GMID-II/2025-26**

| | |
|---|---|
| Name of Work | : Hiring of private vehicle on monthly rent basis for official use under M.I. Division Ganjam No-II, Berhampur. |
| No. of Work | : 2 No. (Two) |
| Quotation/Tender Paper Cost | : NIL |
| Date, Time and place of availability of Quotation/ tender Paper | : From 10.00 A.M. of 03.10.2025 to 08.10.2025 up to 3.00 P.M. (During Office Hours) at M.I. Division, Ganjam No-II, Berhampur |
| Date, Time and Place of Opening of Quotation/ Tender | : At 04.00 P.M. on 08.10.2025 in the office of the Superintend Engineer, M.I. Division, Ganjam No-II, Berhampur |
| Name & Adderss of the Officer inviting Tender | : Superintending Engineer, M.I.Division Ganjam-II, Berhampur, Email : mi2_exe.engr@yahoo.co.in |

Sd./- Superintending Engineer
M.I. Divn., Ganjam-II, Berhampur

OIPR-32043/11/0033/2526



**ZILLA SWASTHYA SAMITI, JAJPUR**
**TENDER CALL NOTICE FOR HIRING OF VEHICLES**

No. 530 Date : 26.09.2025

**No.E-415** : Sealed tenders are invited from Registered Agencies, Tour Operators, Individuals for hiring of commercial light diesel/petrol A/C vehicles towards engagement under DPMU, NHM, Jajpur, on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.jajpur.odisha.gov.in. The bidders have to superscribe on the top left hand corner of the envelope "Quotation for hiring of vehicle under NHM, Jajpur" without which their quotations shall be rejected. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR-10042/11/0019/2526

Sd./- CDM & PHO, Jajpur



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

**लापता: आवश्यक सूचना**



गुमशुदा भावना राज मरवा
उम्र–करीब 20 वर्ष।

सर्व साधारण को सूचित किया जाता है कि आवेदक रमेश राज मरवा के द्वारा अपनी बेटी **भावना राज मरवा उम्र–करीब 20 वर्ष की गुमशुदगी** के संबंध में संबंधित थाना जादुगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा भावना राज मरवा उम्र–करीब 20 वर्ष, पिता–रमेश राज मरवा, सा0–राखा कॉलोनी, थाना–जादुगोड़ा, जिला –पूर्वी सिंहभूम, जमशेदपुर** जो दिनांक–17.09.2025 को समय करीब 06:30 बजे घर से पानी लाने के लिए निकली थी एवं बहुत समय तक जब घर वापस नहीं आई तो परिवारवालों ने रिस्तेदार एवं पड़ोसियों से पुछताछ किया लेकिन कुछ पता नहीं चल सका।

**गुमशुदा महिला का हुलिया निम्न प्रकार है** :–कद–05 फीट 07 इंच, रंग–गोरी, बाल–काला, पहनावा–भगवा रंग की कुर्ती एवं काला रंग का पैजामा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, मुसाबनी | : 9431706492 |
| थाना प्रभारी, जादुगोड़ा | : 9431706523 |

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.363129 Police(25-26):D



**DEPUTY DIRECTOR,**
**NANDANKANAN ZOOLOGICAL PARK**
P.O. - BARANG, DIST. - KHURDA, PIN - 754005
PHONE/FA NO-0674-2466075, 9437022023 (M)
Email : deputydirector.kanan@gmail.com
NANDANKANAN — Web : www.nandankanan.org

**e-PROCUREMENT NOTICE**

No.MM- Tender No. DD-NKN-21_/PMU/NKZP-2025-26 Dt. 24.09.2025

| | | | |
|---|---|---|---|
| 1 | Name of the work | : | Tender for construction of Entry Date Complex (RIGHT SIDE) at Gate no.2 inside Nandankanan Zoological Park for the year 2025-2026 |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 26.09.2025 |
| 4 | Last date for receipt of bids in the portal | : | 08.10.2025 up to 5.00 P.M. |
| 5 | Date of pre-Bid meeting | : | 06.10.2025 at 11.00 A.M. |
| 6 | Date of opening of Technical Bid (Cover-I) | : | 09.10.2025 at 11.00 A.M. |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0109/2526



**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, PO-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.2896/NACP Dt.25.09.2025

National Competitive Bidding through e-procurement
Bid Identification No. **NAC-PDP-04/2025-26**

**No.C-1191** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of works : 4 (Four Nos.)
3. Estimate Cost : Rs.2,65,562/- to Rs.9,62,188/-
4. Class of Contractor : "C" or "D" Class
5. Date & Time of availability of Bid Documents in the portal : **9.00 A.M. on dt.26.09.2025 up to 05.00 P.M. on dt.17.10.2025**
6. Last date & time for receipt of Bids in the portal : **17.10.2025 at 05.00 P.M.**
7. Bid opening Date : **Dt.18.10.2025 at 11.00 A.M.**

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer
N.A.C. Padampur

OIPR-13118/11/0041/2526



**बैंक ऑफ़ बड़ौदा Bank of Baroda**

ବ୍ୟାଙ୍କ ଅଫ୍ ବରୋଦା, ଆର୍‌ଓଏସ୍‌ଏଆର୍‌ବି ରାଞ୍ଚି, ୩ୟ ମହଲା, ଏଲ୍ ଏମ୍ ସ୍କୋୟାର୍, ସୁଜାତା ଚୌକ, ମେନ୍ ରୋଡ୍, ରାଞ୍ଚି-୮୩୪୦୦୧, ଝାଡ଼ଖଣ୍ଡ

**ସଂଲଗ୍ନକ - ଗ**

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି, ପରିଶିଷ୍ଟ - IV-କ [ନିୟମ ୬ (୨) ଏବଂ ୮ (୬)ର ବ୍ୟବସ୍ଥାବଳୀ ଦେଖନ୍ତୁ]**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅଧୀନରେ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ। ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ), ବନ୍ଧକଦାତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ସ୍ଥାବର/ଅସ୍ଥାବର ସମ୍ପତ୍ତି, ଯାହାର ଦଖଲ ବ୍ୟାଙ୍କ ଅଫ୍ ବରୋଦାର ପ୍ରାଧିକୃତ ଅଧିକାରୀ, ବନ୍ଧକ ଋଣଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଖାତା/ଗୁଡ଼ିକରୁ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ। ଋଣଗ୍ରହୀତା/ଗଣ / ବନ୍ଧକଦାତା/ଗଣ ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକ ପରିସମ୍ପତ୍ତି/ଗୁଡ଼ିକ / ବକେୟା ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଓ ସମୟ, ଇଏମ୍‌ଡି ଏବଂ ବିଡ୍ ବୃଦ୍ଧି ପରିମାଣ ତଳେ ଦର୍ଶାଯାଇଛି:-

| କ୍ର. ସଂ. | ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାଗଣଙ୍କ ନାମ ଓ ଠିକଣା | ସୁରକ୍ଷିତ ପରିସମ୍ପତ୍ତି / ବନ୍ଧକ ସମ୍ପତ୍ତିର ବିବରଣୀ | ମୋଟ ବକେୟା ଦେୟ / ଇ-ନିଲାମର ତାରିଖ / ଇ-ନିଲାମର ସମୟ / ଆରମ୍ଭ ସମୟ ଓ ସମାପ୍ତି ସମୟ | ସଂରକ୍ଷିତ ମୂଲ୍ୟ / ଇଏମ୍‌ଡି ଜମା / ବିଡ୍ ବୃଦ୍ଧି ପରିମାଣ | ଦଖଲର ସ୍ଥିତି (ଗଠନମୂଳକ/ ବାସ୍ତବିକ) ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ |
|---|---|---|---|---|---|
| ୧. | **ଋଣଗ୍ରହୀତା:** ମେସର୍ସ ଆରିଆନା ପାୱାର ଇନ୍‌ଫ୍ରା **ପଞ୍ଜୀକୃତ କାର୍ଯ୍ୟାଳୟ:** ୧୧୯, ଆଶିୟାନା ଟ୍ରେଡ୍ ସେଣ୍ଟର, ୧ମ ମହଲା, ଆଦିତ୍ୟପୁର, ଜାମସେଦପୁର, ଜିଲ୍ଲା-ପୂର୍ବ ସିଂହଭୂମ୍-୮୩୧୦୧୩, ଝାଡ଼ଖଣ୍ଡ। **କାରଖାନା ଠିକଣା:** ପ୍ଲଟ୍ ନଂ.୭୮୦ ଓ ୭୮୧, ଗ୍ରାମ-ସାତପୁରି, ପୋଷ୍ଟ/ଥାନା - ତିରିଙ୍ଗ, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୫୩, ଓଡ଼ିଶା। | ମେସର୍ସ ଆରିଆନା ପାୱାର ଇନ୍‌ଫ୍ରାର କାରଖାନା ଜମି ଓ ବିଲ୍ଡିଂର ନ୍ୟାୟୋଚିତ ବନ୍ଧକ, ଅବସ୍ଥିତ ସ୍ଥାନ: ମୌଜା- ସାତପୁରି, ଥାନା- ତିରିଙ୍ଗ, ଥାନା ନଂ.୨୭, ତହସିଲ - ତିରିଙ୍ଗ, ତହସିଲ ନଂ.୨୭, ଜିଲ୍ଲା ଉପ ନିବନ୍ଧନ କାର୍ଯ୍ୟାଳୟ ଅଧୀନରେ ସ୍ଥାନ ବହଲଦା, ଜିଲ୍ଲା- ମୟୂରଭଞ୍ଜ ଓ ରାଜ୍ୟ - ଓଡ଼ିଶା, ଖାତା ନଂ. ୫୫, ପ୍ଲଟ୍ ନଂ.୭୮୦ ଅଧୀନରେ ରେକର୍ଡଭୁକ୍ତ, ରକବା ୪୪ ଡେସିମିଲ ଓ ୭୮୧, ରକବା- ୪୪ ଡେସିମିଲ, ମୋଟ ରକବା- ୮୮ ଡେସିମିଲ। **ଚଉହଦୀ ନିମ୍ନ ଅନୁଯାୟୀ:** ଉତ୍ତର - ସଡ଼କ, ଦକ୍ଷିଣ - ସଡ଼କ, ପୂର୍ବ - ସଡ଼କ, ପଶ୍ଚିମ - ନାଳ | ଟ.୧,୫୯,୯୩,୧୨୫.୨୧/- + ଡିମାଣ୍ଡ ନୋଟିସ୍ ଅନୁଯାୟୀ ୦୧।୦୪।୨୦୨୧ଠାରୁ ଲାଗୁ ସୁଧ ଏବଂ ଶୁଳ୍କ ଏବଂ ଚୁକ୍ତିମୂଳକ ବକେୟା ଟ.୩,୨୯,୩୨,୬୦୧.୨୨/- ତା୩୧।୦୮।୨୦୨୫ରିଖ ସୁଦ୍ଧା ଯୁକ୍ତ ଖର୍ଚ୍ଚ ଓ ସୁଧ / ୨୯।୧୦।୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ୬.୦୦ ଘଟିକା | ଟ.୯୬,୩୦,୦୦୦.୦୦ / ଟ.୯,୬୩,୦୦୦.୦୦ / ଟ.୯୮,୦୦୦.୦୦ | ସାଙ୍କେତିକ / ୧୩।୧୦।୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା |

**ଭାଗୀଦାର:**
୧) ଶ୍ରୀ ସୁଶୀଳ କୁମାର ଅଗରୱାଲ, ପିତା- ବୁଧ ଲାଲ ଅଗରୱାଲ, ଡୁପ୍ଲେକ୍ସ ନଂ. ୨୬, ଫେଜ୍-୧, ବିଜୟା ହେରିଟେଜ୍, ଅନିଲ ସୁର ପଥ, ଉଲିୟାନ, କାଦମା, ଜାମସେଦପୁର, ଜିଲ୍ଲା- ପୂର୍ବ ସିଂହଭୂମ୍ - ୮୩୧୦୦୫, ଝାଡ଼ଖଣ୍ଡ।
୨) ଶ୍ରୀ ଚନ୍ଦନ କୁମାର ସାହୁ, ପିତା- ନେପାଳ ଚନ୍ଦ୍ର ସାହୁ, ଟିଏରା-ଏଫ୍-୧୬୦୪, ଲୋଧା ସ୍ପ୍ଲେଣ୍ଡୋରା ଘୋଡ, ବନ୍ଦର ରୋଡ୍, ଭୟଣ୍ଡରପଡ଼ା, ଜିଲ୍ଲା- ଠାଣେ (ପଶ୍ଚିମ)- ୪୦୦୬୧୫, ମହାରାଷ୍ଟ୍ର।
୩) ଶ୍ରୀ ରାଜେଶ କୁମାର ଯାଦବ, ପିତା- ରଙ୍ଗିଲାଲ ଯାଦବ, ବଜାରସାହି, ପୋଷ୍ଟ- ବହଲଦା, ଜିଲ୍ଲା: ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।
୪) ଶ୍ରୀ ସର୍ବେଶ୍ୱର ମହାନ୍ତ, ପିତା- ଶ୍ରୀ ଲକ୍ଷ୍ମୀଧର ମହାନ୍ତ, ସ୍ଥାନ- ବାନ୍‌କାଟି, ପୋଷ୍ଟ- ଉକମ, କୁମୁଡାସୋଲ, ବାଦାମପାହାଡ଼, ଜିଲ୍ଲା- ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।
୫) ଶ୍ରୀ ହରିଲାଲ ସାହୁ, ପିତା- ସ୍ୱର୍ଗତ ଗଦାଧର ସାହୁ, ବଜାରସାହି, ପୋଷ୍ଟ- ବହଲଦା, ଜିଲ୍ଲା- ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।
୬) ଶ୍ରୀ ନେପାଳ ଚନ୍ଦ୍ର ସାହୁ, ପିତା- ସ୍ୱର୍ଗତ ଗଦାଧର ସାହୁ, ବଜାର ସାହି, ବହଲଦା, ଜିଲ୍ଲା- ମୟୂରଭଞ୍ଜ-୭୫୭୦୪୬, ଓଡ଼ିଶା।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍ ଲିଙ୍କ୍ https://www.bankofbaroda.in/e-auction ଏବଂ ଇ-ନିଲାମ ଏବଂ ଅନ୍‌ଲାଇନ ନିଲାମ ପୋର୍ଟାଲ https://baanknet.com ପରିଦର୍ଶନ କରନ୍ତୁ। ଆହୁରି ମଧ୍ୟ, ସମ୍ଭାବ୍ୟ ବିଡରମାନେ ପ୍ରାଧିକୃତ ଅଧିକାରୀଙ୍କ ସହିତ ମୋବାଇଲ ନଂ. ୭୫୪୨୦୩୨୧୨୪ରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୨୩।୦୯।୨୦୨୫, ସ୍ଥାନ: ରାଞ୍ଚି — ସ୍ୱା./- ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ପରମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରେମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୦୬.୦୧.୨୦୨୫ ସୁଦ୍ଧା ଟ.୩,୨୬,୩୨୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ପରମାନନ୍ଦ ସାହୁ ଏବଂ ଶ୍ରୀ ପ୍ରେମାନନ୍ଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୬୦/୧୬୩୪ ଏବଂ ୫୯/୧୬୩୫, କ୍ଷେତ୍ର: ଏକର୦.୦୪½ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଧୋବା ସାହୁ, ପୂର୍ବ: ପ୍ରଶାନ୍ତ ମହାରଣା, ପଶ୍ଚିମ: ସୁଦର୍ଶନ ପାତ୍ର |
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ହୃଷିକେଶ ରାଉତ,** ପିତା: ଧ୍ରୁବ ଚରଣ ରାଉତ, ସା/ପୋ.: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ସିଂ,** ପିତା: ଦୟାନିଧି ସିଂ, ସା: ରାମଚନ୍ଦ୍ରପୁର, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୩୦.୦୧.୨୦୨୫ ସୁଦ୍ଧା ଟ.୪,୬୪,୯୮୧.୦୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ହୃଷିକେଶ ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେରବୋଇ, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୭୯୬, ପ୍ଲଟ୍ ନଂ.: ୧୮୯୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୯୨, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୪, ପୂର୍ବ: ପ୍ଲଟ୍ ନଂ.: ୧୮୯୫, ପଶ୍ଚିମ: କେନାଲ |
| **ମୈତ୍ରୀ ବିହାର ଶାଖା /** **ଋଣଗ୍ରହୀତା: ମେସର୍ସ ମା ତାରିଣୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀଧର ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲକ୍ଷ୍ମୀଧର ସାହୁ,** ପିତା: ୰ ନେତ୍ରାନନ୍ଦ ସାହୁ, **୨) ଶ୍ରୀ ଶିବ ପ୍ରସାଦ ସାହୁ,** ପିତା: ୰ ନେତ୍ରାନନ୍ଦ ସାହୁ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୪୬/୬୮୩, ସା: ଦାଢ଼ାପାଟଣା, ବାରଙ୍ଗ ରେଲୱେ ଷ୍ଟେସନ୍ ନିକଟ, ଥାନା: ବାରଙ୍ଗ, ଜିଲ୍ଲା: କଟକ-୭୫୪୦୦୫ | ୦୯.୦୬.୨୦୨୫ ସୁଦ୍ଧା ଟ.୧୯,୭୫,୨୦୯.୨୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୭.୨୦୨୫ / ୨୫.୦୯.୨୦୨୫ | ଶ୍ରୀ ଲକ୍ଷ୍ମୀଧର ସାହୁ ଏବଂ ଶ୍ରୀ ଶିବ ପ୍ରସାଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦାଢ଼ାପାଟଣା, ଥାନା: ବାରଙ୍ଗ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଖାତା ନଂ.: ୮୧/୨୧, ପ୍ଲଟ୍ ନଂ.: ୧୪୬/୬୮୩, କ୍ଷେତ୍ର: ୩୪୮୪.୮ ବର୍ଗଫୁଟ, କିସମ: ଜମି ସହିତ ବାସୋପଯୋଗୀ ବିଲ୍ଡିଂ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାମାନଙ୍କ ପ୍ଲଟ୍, ଦକ୍ଷିଣ: ଦିପାମଣୀ ହେମ୍ବ୍ରମ୍, ପୂର୍ବ: ବିକ୍ରେତାମାନଙ୍କ ପ୍ଲଟ୍, ପଶ୍ଚିମ: ଘରୋଇ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୦୯.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସହିଦ ଭଗତସିଂ ବିଚାର ମଞ୍ଚ ପକ୍ଷରୁ ଆଲୋଚନା 'ବିପଦ ଗ୍ରସ୍ତ ଭାରତ ଓ ଆମ ପାଇଁ ଆହ୍ୱାନ', ସ୍ଥାନ: ନାଗଭୂଷଣ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଅନ୍‌ଭେସନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ 'ଆରମ୍ଭ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଦେବଯୁଗ୍ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କେଦାରଗୌରୀ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା ।
- ହେ ଅପୂର୍ବା ସମ୍ଭ୍ରାନ୍ତ ପ୍ରକାଶନୀ ପକ୍ଷରୁ ୨୭ତମ ଜନ୍ମ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ।

## ପୁରୀ
- ବ୍ଲକସ୍ତରୀୟ ଶ୍ରମିକ କଲ୍ୟାଣ ସହାୟତା ମେଳା, ସ୍ଥାନ: ସ୍ୱର୍ଣ୍ଣ ମଣ୍ଡପ, ସତ୍ୟବାଦୀ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା ।

## ଖୋର୍ଦ୍ଧା
- ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲାର ବନ୍ଧୁମିଳନ, ସ୍ଥାନ: ବାଉତି ମନ୍ଦିର, କୁମାରବସ୍ତ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ।
- ପରିଚ୍ଛଳ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପରିଚ୍ଛଳ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ।

## ବାଲେଶ୍ୱର
- ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ, ସ୍ଥାନ: ସହଦେବଖୁଣ୍ଟା ଉପସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ସାଗରିକାର ଶୁଭ ଉନ୍ମୋଚନ ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଆଧ୍ୟାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: ଖୁଣ୍ଟା ମଠ ପ୍ରାଙ୍ଗଣ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା ।
- କବିବର ରାଧାନାଥ ରାୟଙ୍କ ୧୭୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ଅପରାହ୍ନ ୨ଟା ୩୦ ।

## ଭଦ୍ରକ
- ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ, ବାସୁଦେବପୁର, ସମୟ: ସକାଳ ୮ଟା ।
- ଭାଜପା ପକ୍ଷରୁ ଶତାବ୍ଦୀ ଉଦ୍‌ଘାଟନ ଦିବସ ପାଳନ, ସ୍ଥାନ: ମହିଷାପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ମଞ୍ଜୁରୀରୋଡ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା ।

## କେନ୍ଦୁଝର
- ମା' ଦୁର୍ଗାଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୮ ଟା ।

## ବ୍ରହ୍ମପୁର
- ଅନ୍ୱେଷା କଳାକେନ୍ଦ୍ରର ଯା'ଦେବୀ ସର୍ବଭୂତେଷୁ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା ୧୦ ।

## ଗଞ୍ଜାମ
- ଦୁର୍ଗା ପୂଜା, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଭା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- କବି ସମ୍ରାଟ ସାହିତ୍ୟ ସଂସଦର ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା ।

## ଜଗତ୍‌ସିଂହପୁର
- ଉତ୍ତରେଶ୍ୱରୀ ପୀଠରେ ମହାସପ୍ତମୀ ପୂଜା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ପ୍ରାତଃ ୪ଟା ।
- ଜାତୀୟସ୍ତରରେ ଜୁଡୋ ଖେଳିବା ପାଇଁ ଚୟନ, ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ଇନଡୋର୍ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା ।

## କେନ୍ଦ୍ରାପଡ଼ା
- ମହାସପ୍ତମୀ ଅବସରରେ ମା' ଦୁର୍ଗାଙ୍କ ବଗଳାମୁଖୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା ।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ଜିଲା ଭାଜପା ପକ୍ଷରୁ ଜିଏସ୍‌ଟି ସୁଧାର ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୩ଟା ।

## ଯାଜପୁର
- ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ କନକ ଦୁର୍ଗା ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଅଖିଳ ଚକ୍ର ଓ ଉଦୟଭାନୁ କ୍ଲବ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ବିଞ୍ଝାରପୁର ମଇନ୍ଦା ଲେଙ୍କାସାହି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା ।
- ନାରାୟଣୀଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ସତ୍ୟସାଇ ବାବାଙ୍କର ଦବ୍ୟ ପାଦୁକା ଯାତ୍ରା, ସ୍ଥାନ:ନୟାଗଡ ବ୍ଲକ କେଶରପୁର, ଓଡଗାଁ ବ୍ଲକ ବାଉଁଶିଆ, ଗୁଞ୍ଜୁବାରଣ, ପାଟୁଲିସାହି ଛକ ସମେତ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦ ।
- ଦୁର୍ଗାପୂଜା ଅବସର ମହାସପ୍ତମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଶୁଣୀ ପୀଠ ; ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ ; କଣ୍ଟିଲୋ ଶ୍ମଶାନଚଣ୍ଡୀ ; ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ବିମଳାଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ଷଷ୍ଠୀରେ ବିଲ୍ୱବରଣ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ରାତି ୮ଟା ।

## ରାୟଗଡ଼ା
- ବିଲ୍ ପୂଜା ଓ ଗଙ୍ଗା ଆବାହନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର
- ମାଁ ଦୁର୍ଗାଙ୍କ ଷଷ୍ଠୀ ପୂଜା ପାଇଁ କଳସୀ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ଦଶହରା ପୂଜା ପାଇଁ ବିଲ୍ ବରଣ ଓ କଳସ ଅଧିବାସ, ସ୍ଥାନ: ବତ୍ରୀଶ ସିଂହାସନ ପରିସର ଓ ଗଙ୍ଗେଇଶୁଣି ନଦୀ ତୁଠ, ସମୟ: ସକାଳ ୮ଟା ।

## ସମ୍ବଲପୁର
- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା ।
- ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ସକାଳ ୮ଟା ।
- ଶାରଦୀୟ ଦଶହରା ପୂଜା ସକାଶେ ପୀଠରେ ସପ୍ତମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ।
- ମାଲାବାର ସୁନା ଓ ହୀରା ଶୋରୁମର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଲବକୁଶ ଅନୁଷ୍ଠାନ କଳାକାରଙ୍କ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଦୁର୍ଗାପୀଠରେ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡ଼ା, ପିପି ଏକାଡେମୀ, ପେଲେସଲାଇନ୍, ଗାନ୍ଧୀନଗରପଡା, ଟିକ୍ରାପଡା, କନ୍ଧପାଲିପଡା, ଠିକାଦାରପଡା, ବଲାଙ୍ଗୀର ସମୟ: ସକାଳ ୭ଟା ।

## ରାଉରକେଲା
- ନବରାତ୍ରି ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା ।
- ଭାରତୀୟ ଆଇନଜୀବୀ ସଂଘ ସମ୍ମିଳନୀ, ସ୍ଥାନ: ଆଇଟିଡିଏ ହଲ୍, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଲୁଣିଆ ଓ ଇରମ ଶହୀଦ ସ୍ମୃତି ଦିବସ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପ୍ରାଣୀ ସମ୍ପଦ ବିଭାଗର ସମ୍ମିଳନୀ, ସ୍ଥାନ: ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଛେଣ୍ଡରେ ସତ୍‌ସଙ୍ଗ, ସ୍ଥାନ: ଅନୁକୁଳଚନ୍ଦ୍ର ସେବାଶ୍ରମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦ ।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦ ।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।
- ରାସ୍ତା ପାର୍ଶ୍ୱ ଆଲୋକୀକରଣର ଶୁଭାରମ୍ଭ, ସ୍ଥାନ:ଆଶା କିରଣ ଛକ, ବରଗଡ଼,ସମୟ: ସନ୍ଧ୍ୟା ୫ଟା ୩୦ ।
- ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ,ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦ ।

## କଳାହାଣ୍ଡି
- ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭାବାର୍ପଣ ସଭା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା ।
- ଦୁର୍ଗାପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ସହ ପ୍ରଶଂସିତ ହେବେ । ଆଜି ଆପଣ ଯାହାକୁ ଯାହା କହିବେ ସେ କଦାପି ନାହିଁ କରିବ ନାହିଁ । ମାତ୍ର ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ । ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ ।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁ ଚିନ୍ତା ପ୍ରକଟ କରିପାରନ୍ତି । ଦୀର୍ଘଦିନର ଅପୂରଣୀୟ ଅଭିଳାଷ ମନରେ କ୍ରୋଧ ସୃଷ୍ଟି କରିପାରେ । ସଭାସମିତିର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ । ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ । ଶିଳ୍ପ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପ୍ରାପ୍ତି ହେବ । ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ କଳହକୁ ପ୍ରୋତ୍ସାହିତ କରିପାରେ । କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତି ପାଇଁ ବିବାଦ ବଢ଼ିବାର ଆଶଙ୍କା ରହିଛି ।

**କର୍କଟ** ଆଜି ଦିନଟିରେ ଯାହା ପାଇବାକୁ ଇଚ୍ଛା କରିଛନ୍ତି, ତାହା ଶନିଙ୍କ ପ୍ରଭାବରୁ ବିଳମ୍ବରେ ପାଇବେ । କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି । ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି ।

**ସିଂହ** ଦୀର୍ଘ ଦିନର ଯୋଜନାକୁ ବାସ୍ତବରୂପ ଦେବାରେ ଆଜି ସଫଳତା ପାଇବେ । ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ । ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି । ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବା ସାଙ୍ଗକୁ ପ୍ରଶଂସାରେ ଶତମୁଖ ହୋଇପାରନ୍ତି ।

**କନ୍ୟା** ଆଜିର କର୍ମକ୍ଷେତ୍ର ପ୍ରଶସ୍ତ ରହିବ ଏବଂ ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ । ଆନୁଷ୍ଠାନିକ କାମରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି । ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବଢ଼ିଯିବ । ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି ।

**ତୁଳା** ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ । ସରକାରୀ କ୍ଷେତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ ।

**ବିଛା** କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ । ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ । ଆଜିର ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି । କ୍ରୟବିକ୍ରୟ ପରିପ୍ରେକ୍ଷୀରେ ଜମିଜମା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ ।

**ଧନୁ** ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କାର୍ଯ୍ୟରେ ସାମିଲ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ । ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବାରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ । ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଖୁସି ମନାଇପାରନ୍ତି ।

**ମକର** ପ୍ରତିକୂଳ ସମୟଜନିତ ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ । ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିବେଶ ସୃଷ୍ଟି ହେବ । ବନ୍ଧୁଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟିଯିବ । ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ ଅଘଟଣ ଘଟାଇପାରନ୍ତି ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭାବ ସୁଧାରିବାକୁ ଯାଇ ଧାରକରଜ କରିବାକୁ ବାଧ ହେବେ । ସମ୍ପର୍କୀୟଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ । ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି । ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବାର ସୁଯୋଗ ଲାଭ କରିବେ ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମାଧାନ ପାଇଁ ଚେଷ୍ଟା କରିବେ । ନିଜ ଲୋକଙ୍କ ଈର୍ଷାପରାୟଣତାରୁ ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇ ଉଠିବେ । ଅଜଣା ଅଶୁଣା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଯାନ୍ତ୍ରିକଦ୍ରବ୍ୟ କିମ୍ବା ବିଦ୍ୟୁତ୍, ଲୌହ, ତୈଳାଦି ବ୍ୟବସାୟରୁ ଲାଭବାନ୍ ହେବେ ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ,ଭଗତ ସିଂହ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ପୀଠେ ତ୍ରିଦିନାତ୍ମକ ଦୁର୍ଗାପୂଜା, ସାୟଂକାଳେ ମୃଣ୍ମୟୀ ବିଲ୍ୱାଧିବାସରେ ମହାସପ୍ତମୀ ପୂଜା, ମୃଣ୍ମୟୀଦେବୀଙ୍କର ଷଷ୍ଠୀବିହିତପୂଜା, ସବିମଳା ଦେବୀଙ୍କ ପରାପୂଜା, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୬ ଗତେ ଘ.୦୩।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୦୪ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ଭିଜିବ ଦଶହରା...

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି । ବର୍ଷା ସମୟରେ ୩୦ ରୁ ୪୦ କି.ମି ପବନ ବହିବାର ସମ୍ଭାବନା ରହିଛି । ଆସନ୍ତା ୨ ଦିନ ଯାଏ ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣର କିଛି ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି । ଅକ୍ଟୋବର ୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ । ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ବେଳେ ୨୪ଟି ଷ୍ଟେଶନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ବଲାଙ୍ଗୀର ସାଲେଭଟାରେ ସର୍ବାଧିକ ୧୨୩.୨ ମିମି ବର୍ଷା ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସତୀ ଲୋ, ସତେଇ ହେଉଛୁ କେତେ?
ତୋହ ଘର ନିଆଁ ଅଣ୍ଟିରେ ପୂରେଇ
ଖତେଇ ହଉଛୁ କେତେ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି । ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି । ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ସ୍ତିରୀ ହୋଇ ଯଦି ନ ଥିବ ଗୁଣ
ଧୋଇ କି ପିଇବ ସୁନ୍ଦର ପଣ?**

ଗୁଣ ନ ଥିଲେ ରୂପ ବ୍ୟର୍ଥ । ସ୍ତ୍ରୀ ରୂପବତୀ ହୋଇଥିଲେ ମଧ୍ୟ ଯଦି ତା' ଠାରେ ସ୍ନେହ, ଆଦର, ସେବା ତଥା ପତିବ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟା ହୋଇପାରି ନ ଥାଏ । ରୂପଠାରୁ ଗୁଣର ମହତ୍ତ୍ୱ ଖୁବ୍ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

### ଓଡ଼ିଶାରେ ଚିପ୍ରୁ ...

ଯୋଗଦେଇ ପ୍ରଧାନମନ୍ତ୍ରୀ ୬୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ କରିଥିଲେ । ସେ ବିଏସ୍‌ଏନ୍‌ଏଲ ସ୍ୱଦେଶୀ ୪-ଜି ସେବାର ଶୁଭାରମ୍ଭ କରିବା ସହ ସବୁଜ ପତାକା ଦେଖାଇ ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ୪-ଜି ସେବା ଏବେ ସାରା ଦେଶରେ ଆରମ୍ଭ ହେବା ସହିତ ଟେଲିକମ କ୍ଷେତ୍ରରେ ଭାରତ ବର୍ତ୍ତମାନ ପୃଥିବୀର ୫ଟି ଶ୍ରେଷ୍ଠ ରାଷ୍ଟ୍ର ମଧ୍ୟରେ ରହିଛି । ଓଡ଼ିଶାରେ ବିଏସ୍‌ଏନ୍‌ଏଲ୍ ୨,୪୭୨ଟି ଆଦିବାସୀ ତଥା ନେଟୱର୍କ ପହଞ୍ଚି ନ ଥିବା ଗ୍ରାମକୁ ଫୋନ୍ ସେବା ଯୋଗାଇ ପାରିଛି, ଯାହା ଆମ ପାଇଁ ଗୌରବର କଥା । ଦେଶରେ ବର୍ତ୍ତମାନ ୮୦ରୁ ଉର୍ଦ୍ଧ୍ୱ ଆଇଆଇଟି ତିଆରି ହେଉଥିବା ବେଳେ ଦେଶରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ । ଭାଜପା ସରକାର ଗରିବ, ଦଳିତ, ଆଦିବାସୀଙ୍କୁ ମୂଳସ୍ତରରୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ତିଆରି କରାଯାଇଛି ଓ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଆଦିବାସୀମାନେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବହୁ ଆଗରେ ରହିଛନ୍ତି । ୪ କୋଟିରୁ ଅଧିକ ପରିବାରକୁ ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀ ଆବାସ ମାଧ୍ୟମରେ ଘର ଦେଇ ଦେଶରେ ଇତିହାସ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ କର୍ମଠ ବ୍ୟକ୍ତି ବୋଲି ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିବା ସହିତ ଦେଶରେ ବର୍ତ୍ତମାନ ୪୦ ହଜାର ଆଦିବାସୀ ଗ୍ରାମ ଘୋଷଣା ହୋଇ ସାରିଲାଣି ଏବଂ ଆହୁରି କିଛି ଗ୍ରାମର ଉନ୍ନତି ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି ।

ଆୟୁଷ୍ମାନ ଯୋଜନା ଅନ୍ତର୍ଭୁକ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମହିଳାମାନେ ଉପକୃତ ହେଉଛନ୍ତି । ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ସୁଧାର ଆସିଛି । ବହୁ ଜିନିଷ ଶସ୍ତା ହୋଇସାରିଛି । ଫଳରେ ଗରିବ ଲୋକମାନେ ଉପକୃତ ହେବା ସହିତ କୃଷକମାନେ ଏକ ଟ୍ରାକ୍ଟର କିଣିଲେ ଜିଏସ୍‌ଟିରୁ ୪୦ ହଜାର ଟଙ୍କା ଲାଭ ପାଇବା ସହିତ ବିଭିନ୍ନ କୃଷି ଉପକରଣ କିଣିଲେ ଲାଭବାନ ହେବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ନବରାତ୍ରର ଏହି ପବିତ୍ର ପର୍ବ ଚାଲିଥିବା ବେଳେ ମା' ସମଲେଶ୍ୱରୀ ଓ ରାମଚଣ୍ଡୀଙ୍କ ପାବନ ଭୂମିକୁ ପ୍ରଧାନମନ୍ତ୍ରୀ ପ୍ରଣାମ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଜୟ ଜଗନ୍ନାଥ, ଜୟ ମା' ସମଲେଇ, ଜୟ ଜୟ ମା' ରାମଚଣ୍ଡୀଙ୍କ ଜୟ ଧ୍ୱନି କରି ଭାଷଣ ଆରମ୍ଭ କରିଥିଲେ । ଜୟ ଜଗନ୍ନାଥ, ଭାରତ ମାତା କୀ ଜୟ ସ୍ଲୋଗନ ଦେଇ ମୋଦି ଭାଷଣ ସାରିଥିଲେ । ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଭାରତର ଯୁବ ସମାଜ ପାଇଁ ଏକ ଆଦର୍ଶ ବୋଲି କହିବା ସହ 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମରେ ଓଡ଼ିଶାରେ ୧ କୋଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଗଛ ଲଗା ଯାଇଛି ବୋଲି କହିଛନ୍ତି । ଆଜିର ଏହି ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଓ ଏହି ଦିନଟି ସବୁଦିନ ପାଇଁ ମନେ ରହିବ କାରଣ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆମ ସହିତ ଉପସ୍ଥିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱାଗତ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସଭାସ୍ଥଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସିଥିବା ବେଳେ ବ୍ୟାରିକେଡ୍‌ରେ ଦେଖିବା ପାଇଁ ଥିବା ଲୋକଙ୍କୁ ଅଭିବାଦନ କରି ଝାରସୁଗୁଡ଼ା ଓଏମ୍‌ପି ଛକ ଦେଇ ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ପହଞ୍ଚିଥିଲେ । ମୋଦି ସଭା ମଞ୍ଚରେ ପହଞ୍ଚିଲା ପରେ 'ମୋଦି ମୋଦି' ସ୍ଲୋଗାନରେ ସଭାସ୍ଥଳ କମ୍ପି ଉଠିଥିଲା । ପ୍ରଧାନମନ୍ତ୍ରୀ ପ୍ରଥମେ ସଭାସ୍ଥଳରେ ଥିବା ଲୋକମାନଙ୍କୁ ଶୁଭେଚ୍ଛା ଓ ନମସ୍କାର ଜଣାଇବା ପରେ ଉପସ୍ଥିତ ଥିବା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆଦିବାସୀ ଛାତ୍ରୀ ବର୍ଷା ଓ କମଳା ପ୍ରଧାନମନ୍ତ୍ରୀଙ୍କୁ ଏକ ସମ୍ବଲପୁରୀ ଲୋଗୋ ଦେଇ ଏବଂ ମୁଖ୍ୟମନ୍ତ୍ରୀ ସମଲେଶ୍ୱରୀଙ୍କ ଏକ ଫଟୋ ଦେଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

### ଯୁବବର୍ଗଙ୍କ ପାଇଁ ...

ସେପ୍ଟେମ୍ବର ୨୨ରେ ଆପଣଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ଏହି ବିମାନବନ୍ଦର ବିଶେଷ ଭାବେ ପଶ୍ଚିମ ଓଡ଼ିଶା ବିକାଶର ଗତିକୁ ତ୍ୱରାନ୍ୱିତ କରିଛି । କିଛିଦିନ ପୂର୍ବେ ସମଗ୍ର ଦେଶ ହର୍ଷଉଲ୍ଲାସର ସହ ଆପଣଙ୍କ ଜନ୍ମଦିବସ ପାଳନ କରିଥିଲା । ସେପ୍ଟେମ୍ବର ୧୭ରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ । ଏହା ଆମ ପାଇଁ 'ସେବା ପର୍ବ' । ଏହି ସମାବେଶ ଯୁବବର୍ଗଙ୍କ ପାଇଁ ସମର୍ପିତ । ବିଶେଷକରି ୨୦୧୪ ପରେ ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍' । ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ଅପରେଶନ ସିନ୍ଦୂର' ସହ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କ ମନପ୍ରାଣରେ ଏକ ନୂତନ ଉତ୍ସାହ ଭରିଦେଇଛି । ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦୀ ଲୋକକଥା ଅଛି - 'ଛୋଡେଙ୍ଗେ ନେହିଁ, ଅଗର କୋଇ ଛୋଡେଗା, ତୋ ଛୋଡେଙ୍ଗେ ନେହିଁ' । ପହଲଗାମ୍ ନରସଂହାର ପରେ ଶତ୍ରୁ ଦେଶରେ ପ୍ରବେଶକରି ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି । ଦେଶକୁ ସୁରକ୍ଷିତ ରଖିଥିବାରୁ ସମଗ୍ର ଦେଶ ପକ୍ଷରୁ ଧନ୍ୟବାଦ । ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ୭ ଥର ଓଡ଼ିଶା ଗସ୍ତ କରିଛନ୍ତି । ଗତବର୍ଷ ତାଙ୍କ ଜନ୍ମଦିନରେ ସେ ଓଡ଼ିଶା ଆସି 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ । ଆଜି ଏହି ଯୋଜନା ଅଧୀନରେ ୧ କୋଟିରୁ ଅଧିକ ମା'ଙ୍କୁ ପ୍ରତିବର୍ଷ ୧୦,୦୦୦ ଟଙ୍କାର ସହାୟତା ମିଳୁଛି । ପରିବେଶ ସୁରକ୍ଷା ପ୍ରତି ଆପଣଙ୍କ ଚିନ୍ତା ବିଷୟରେ ସମଗ୍ର ଦେଶ ଜାଣିଛି । ଗତବର୍ଷ ଆପଣ ଯେଉଁ ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ବର୍ତ୍ତମାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବେ ଦ୍ରୁତଗତିରେ ବିକାଶପଥରେ ଅଗ୍ରସର ହେଉଛି । ଆପଣ ଯେତେବେଳେ ଓଡ଼ିଶା ଆସନ୍ତି ରାଜ୍ୟବାସୀଙ୍କ ପାଇଁ ଅନେକ ଉପହାର ନେଇଆସନ୍ତି । ଚଳିତ ବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଉଦ୍ୟୋଗପତିମାନଙ୍କୁ ରାଜ୍ୟରେ ନିବେଶ କରିବା ପାଇଁ ଆହ୍ୱାନ ଦେଇ କହିଛନ୍ତି, ଏହି ସାଢେ ୭ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହ ଓଡ଼ିଶାରେ ୮୪ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି । ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗତ ୧୧ ବର୍ଷରେ ତାଙ୍କ ନେତୃତ୍ୱରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ନୂଆ ଶିଖରରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ଶିଶୁ ସେବିକାମାନେ ...

ଖୋଲାଯାଇଛି । ଏଠାରେ କୁନି କୁନି ପିଲାଙ୍କୁ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯିବ । ପିଲାଙ୍କ ଯତ୍ନ ନେବା ପାଇଁ ପ୍ରତି ଶିଶୁ ବାଟିକାରେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇଛି । ତେଣୁ ଶିଶୁ ସେବିକାଙ୍କ କାର୍ଯ୍ୟକୁ ନେଇ ଓସେପା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ସେମାନେ ଶିଶୁ ବାଟିକାରେ କ'ଣ କାମ କରିବେ ଓ କ'ଣ କରିବେ ନାହିଁ ସେନେଇ ସମସ୍ତ ଡିଇଓ ଏବଂ ଡିପିସି ସମଗ୍ର ଶିକ୍ଷାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁ ସେବିକାମାନେ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କୁ ସହଯୋଗ କରିବେ ନାହିଁ ବରଂ ଶିଶୁମାନଙ୍କ ସୁରକ୍ଷାରେ ସହାୟକ ଭାବେ କାମ କରିବେ । ଶିଶୁମାନେ ଶ୍ରେଣୀ ଗୃହରେ ହେଉ କି ଖେଳପଡ଼ିଆରେ ଯେପରି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବେ । ପିଲାମାନେ ତାଙ୍କର ନିୟମିତ କାର୍ଯ୍ୟ ତଥା ହାତ ଧୋଇବା, ଖାଇବା, ବହି, ଖେଳନା ସାମଗ୍ରୀ ଦେବାରେ ଶିଶୁ ସେବିକାମାନେ ସହଯୋଗ କରିବେ । ପିଲାମାନେ ଶୌଚ କିମ୍ବା ବାହାରକୁ ଗଲେ ତାଙ୍କ ସହିତ ସେମାନେ ଯିବେ । ଯଦି କୌଣସି ଶିଶୁଙ୍କର ସ୍ୱାସ୍ଥ୍ୟ ଅସୁସ୍ଥ ଲାଗେ କିମ୍ବା କୌଣସି ଭିନ୍ନ ଆଚରଣ କରନ୍ତି, ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଜଣାଇବା ଭଳି କାର୍ଯ୍ୟ ଶିଶୁ ସେବିକାଙ୍କୁ କରିବାକୁ ପଡ଼ିବ । ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ରାସ୍ତାରେ ଜମୁଛି ପାଣି, କଳବଳ ସାହି ବାସିନ୍ଦା

**ପରଜଙ୍ଗ,୨୭।୯(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଖଇରାମୁଣ୍ଡା କମାରସାହି ରାସ୍ତାରେ ବର୍ଷା ଜଳ ଜମି ରହୁଥିବାରୁ ଯାତାୟାତରେ ଲୋକେ ହଇରାଣ ହେଉଛନ୍ତି। ପୂର୍ବରୁ ଡ୍ରେନ୍ ନିର୍ମାଣ ପାଇଁ ସାହି ବାସିନ୍ଦା ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରାଯାଉ ନାହିଁ। ସୂଚନା ଅନୁଯାୟୀ, ପୂର୍ବରୁ କମାରସାହିରୁ ବର୍ଷା ଜଳ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିଲା। ୪ ଲେନ୍ ବିଶିଷ୍ଟ ନୂତନ ରାସ୍ତା ନିର୍ମାଣ ହେବାପରେ ଡ୍ରେନ୍ ନିର୍ମାଣ ହେଲାନାହିଁ। ସେତେବେଳେ ଡ୍ରେନ୍ ନିର୍ମାଣ ପାଇଁ ସାହିବାସୀ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ସୁଦ୍ଧା ପଦକ୍ଷେପ ନିଆଗଲା ନାହିଁ। ବର୍ତ୍ତମାନ ବର୍ଷା ହେଲେ ସାହିକୁ ଯିବାପାଇଁ ଥିବା ରାସ୍ତାରେ ପାଣି ଜମି ରହୁଛି। ଘର ଭିତରକୁ ବିଭିନ୍ନ ସରୀସୃପ ପଶୁଥିବାବେଳେ ଚଟାଣ ଓଦା ରହୁଥିବାରୁ ଶୋଇହେଉ ନାହିଁ। ଏଥିପ୍ରତି ପ୍ରଶାସନ ଓ ଜାତୀୟ ରାଜପଥ କାର୍ଯ୍ୟାଳୟ ଅଧିକାରୀ ଦୃଷ୍ଟିଦେବାକୁ ସାହିର ବିଟ ମହାରଣା, ବିକାଶ ମହାରଣା, ବିରଞ୍ଚି ମହାରଣା, ସତ୍ୟଜିତ ମହାରଣା, ବିଦ୍ୟାଧର ସ୍ୱାଇଁ, ଚରଣ ବିଶ୍ୱାଳ ପ୍ରମୁଖ ନିବେଦନ କରିଛନ୍ତି।



# ସବୁଜ ଶକ୍ତିର ସ୍ଥିତି ଉପରେ ଆଲୋକପାତ



ସିନର୍ଜୀ କଲେଜରେ ଗ୍ରୀନ ଏନର୍ଜୀ ସମ୍ପର୍କିତ ପାଠଚକ୍ରରେ ଅତିଥିମାନେ।

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜ ବିଦ୍ୟୁତ୍ ବିଭାଗର ଏକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ସସ୍‌ଟେନେବିଲିଟି ଅଫ୍ ଗ୍ରୀନ ଏନର୍ଜୀ ଇନ୍ ଓଡିଶା ଷ୍ଟେଟ୍-ଦି ପ୍ରେଜେଣ୍ଟ ସିନେରିଓ' ସମ୍ପର୍କିତ ଏହି ପାଠଚକ୍ରରେ ଏନ୍‌ଟିପିଆଇ ଦୁର୍ଗାପୁରର ଉପନିର୍ଦ୍ଦେଶକ ମୋତିଲାଲ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶରେ ସବୁଜ ଶକ୍ତିର ସ୍ଥିତି ଓ ଉନ୍ନତିର ମାର୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୨୫ ମସିହାରେ ସବୁଜ ଶକ୍ତି କ୍ଷେତ୍ରରେ ଆଧୁନିକୀକରଣ ପାଇଁ ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ସିଟିସି ଭୁବନେଶ୍ୱରର ବରିଷ୍ଠ ପ୍ରଶିକ୍ଷକ ଏସ୍.ପି. ରୋସନ ରାଉତ ଓଡ଼ିଶା ପାଇଁ ସବୁଜ ଶକ୍ତିର ଆଧୁନିକୀକରଣ ଉପରେ ଆଲୋଚନା କରିଥିଲେ। ଏଏନ୍‌ଭିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ଚନ୍ଦନ କୁମାର ବାରିକ, ସବୁଜଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ପ୍ରମୁଖ ଭୂମିକାକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ ସବୁଜ ଶକ୍ତିର ଉତ୍ପାଦନ ବୃଦ୍ଧି କରି ଓଡ଼ିଶା ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ କହିଥିଲେ। ନିର୍ଦ୍ଦେଶିକା(ପ୍ରଶାସନ) ଡ. ଇତିଶ୍ରୀ ମହାନ୍ତି, ଚିରାଚରିତ ଶକ୍ତି ତୁଳନାରେ ସବୁଜଶକ୍ତିର ବହୁଳ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଶକ୍ତି ଶଙ୍କର ପତି, ଛାତ୍ରୀଛାତ୍ରଙ୍କ ଜ୍ଞାନକୌଶଳ ବଳରେ ନିଜସ୍ୱ ପ୍ରସ୍ତୁତ ସବୁଜ ପ୍ରକଳ୍ପର ମାନ ଓ ଗୁଣାବତ୍ତାକୁ ପ୍ରଶଂସା କରିବା ସହିତ ଏହାରୁ ରାଜ୍ୟସ୍ତରରେ ବିଭିନ୍ନ କାର୍ଯ୍ୟରେ ପ୍ରୟୋଗ କରିବାକୁ କହିଥିଲେ। ସଂଯୋଜକ ଡ. ଲୋକନାଥ ଧଳସାମନ୍ତ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ସଂଯୋଜକ ସଞ୍ଜୟ ସାଥୁଆ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପାଠଚକ୍ରରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ମହିଳା, କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ପରଜଙ୍ଗ,୨୭।୯(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ଡମୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରକାରଙ୍କ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସ୍ମୃତି ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ବିଶେଷଜ୍ଞ ଟିମ୍‌କୁ ନେଇ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପରେ ଡମୋଳ, ସରାଙ୍ଗ ଓ ପରଜଙ୍ଗ ପଞ୍ଚାୟତର ବିଭିନ୍ନ ବର୍ଗର ମହିଳା, କିଶୋରୀ, ଶିଶୁ ଓ ବୃଦ୍ଧା ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବିଶେଷଜ୍ଞ ଟିମ୍‌ରେ ଭେଷଜ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ, ଦନ୍ତ ବିଭାଗ, ଯକ୍ଷ୍ମା ବିଭାଗ ଆଦିର ଡାକ୍ତର ଚିକିତ୍ସା କରିବା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡମୋଳ ସରପଞ୍ଚ ସୁନୀଲ ଧଳ ଉପସ୍ଥିତ ଥିଲେ। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରୋଗ୍ରାମ ପରିଚାଳକ ଲିଙ୍ଗରାଜ ମହାପାତ୍ର, ବ୍ଲକ ଆକାଉଣ୍ଟ ମ୍ୟାନେଜର ଅଶ୍ୱିନୀ ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।



# ଫସଲ ନଷ୍ଟ କଲେ ହାତୀ

**ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଧଣ୍ଡାତୋପା ରେଞ୍ଜ କନ୍ତପଡା ପଞ୍ଚାୟତ କେଞ୍ଜୁଆନାଳି ଗ୍ରାମରେ ଶନିବାର ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଚି। ଗ୍ରାମର ରଞ୍ଜି ବେହେରା ଓ ବାବାଜୀ ବେହେରାଙ୍କ ୩ ଏକର ଧାନ ବିଲରେ ପଶି ହାତୀ ଫସଲ ନଷ୍ଟ କରିଛନ୍ତି। ଏ ନେଇ ଉଭୟ ଚାଷୀ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ତୁରନ୍ତ ହାତୀ ଘଉଡ଼ାଇବା ସହ କ୍ଷତିପୂରଣ ଦେବାକୁ ଦାବି ହୋଇଛି।



# ମଦ ଜବତ, ୨ ଗିରଫ

**ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ବଇଣ୍ଡା ଅଞ୍ଚଳରେ ହଣ୍ଡପା ଓ ବଇଣ୍ଡା ପୋଲିସ ଚଢ଼ାଉ କରି ଚୋରା ବିଦେଶୀ ମଦ ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ବଇଣ୍ଡା ଅଞ୍ଚଳରେ ଦୋକାନ ଦେଇଥିବା ଏମ୍. ମାଲୁଆଙ୍କ ଦୋକାନରୁ ୨୦ ଲିଟର ବିଦେଶୀ ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। କେ.ସାହୁଙ୍କ ଦୋକାନରୁ ୫୭ ଲିଟର ବିଦେଶୀ ମଦ ଜବତ କରାଯିବା ପରେ ତାଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନମ୍ବର ୩୬୦/୨୫ ଓ ୩୬୧/୨୫ରେ ୨ଟି ମାମଲା ରୁଜୁ ହୋଇଛି।

# ଚାଳକ ଗିରଫ, ବାଇକ୍ ଜବତ

**ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ପୋଲିସ ଶୁକ୍ରବାର ଗାଡି ଯାଞ୍ଚ ବେଳେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ ରେଢାଖୋଲ ବ୍ଲକ ଲୁହାପଙ୍କ ଅଞ୍ଚଳର ମଧୁସୂଦନ ଦେହୁରୀଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଢେଙ୍କାନାଳ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ରାଜ୍ୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ହିନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ମହିଳା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ନିରାକରଣ ପାଇଁ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏଥିସହିତ ସେମାନଙ୍କୁ ଉପାଦେୟ ପରାମର୍ଶ ଦିଆଯିବା ସହିତ ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା। ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ପରୀକ୍ଷା କରିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଇଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ।

# ସାଇବର ଅପରାଧ ସଚେତନତା କର୍ମଶାଳା


କର୍ମଶାଳାରେ ଉପସ୍ଥିତ ପ୍ରଶିକ୍ଷକ ଓ ପୋଲସ ଅଧିକାରୀ।

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ସାଇବର ଅପରାଧ ସମ୍ପର୍କିତ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ଲିଙ୍ଗରାଜ ସେଠୀ, ସତ୍ୟ ସ୍ୱରୂପ ଦାସ, ଦିଲୀପ ରଞ୍ଜନ ପରିଡ଼ା ଓ ଅଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ପୋଲିସ ଅଧିକାରୀମାନଙ୍କୁ ସାଇବର ସମ୍ପର୍କିତ ଅପରାଧ ଓ ତଦନ୍ତର ଦିଗ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏସ୍‌ପି ଅଭିନବ ସୋକନର କର୍ମଶାଳାର ପ୍ରଶିକ୍ଷଣ ପ୍ରଦାନ କରିଥିବା ପ୍ରଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଇବର ଅପରାଧକୁ ପରିଚାଳନା କରିବାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି କର୍ମଶାଳାରେ ଜିଲା ପୋଲିସର ଏସ୍‌ଆଇ, ଏଏସ୍‌ଆଇ ଓ କନଷ୍ଟେବଲମାନେ ଅଂଶଗ୍ରହଣ କରିଥିଲେ।

# ଆଇଆଇଏମ୍‌ସି ଶିକ୍ଷାର୍ଥୀଙ୍କ ୱେଲଥ୍ କେନ୍ଦ୍ର ପରିଦର୍ଶନ



ଆଇଆଇଏମ୍‌ସି ଶିକ୍ଷାର୍ଥୀ ୱେଲଥ୍ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଭାରତୀୟ ଜନ ସଞ୍ଚାର ସଂସ୍ଥାନର ବିଦ୍ୟାର୍ଥୀମାନେ ଶୁକ୍ରବାର ଢେଙ୍କାନାଳ ମହିଷାପଟଠାରେ ଥିବା ୱେଲଥ୍ କେନ୍ଦ୍ର ପରିଦର୍ଶନ କରି ଅଳିଆ ଆବର୍ଜନାରୁ ତିଆରି ହେଉଥିବା ସାର ସମ୍ପର୍କରେ ଜାଣିଥିଲେ। ଢେଙ୍କାନାଳ ପୌରସଂସ୍ଥା ଅଧୀନରେ ଥିବା ୨ଟି କେନ୍ଦ୍ରକୁ ଯାଇ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଅଳିଆରୁ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରାଯାଇ ସାର କିପରି ତିଆରି ହେଉଛି ତାହା ବୁଝିଥିଲେ। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଶିକ୍ଷାର୍ଥୀମାନଙ୍କୁ ଆବର୍ଜନାର ସମ୍ପୂର୍ଣ୍ଣ ପରିଚାଳନା ବିଷୟରେ ସୂଚନା ଦେଇଥିଲେ। ଏହାଦ୍ୱାରା ମହିଳାମାନେ ନିଯୁକ୍ତି ପାଇପାରୁଛନ୍ତି। ଦାୟିତ୍ୱ ସହ ପରିଚାଳନା କରୁଛନ୍ତି ବୋଲି କହିଥିଲେ। ସହକାରୀ ପ୍ରଫେସର ବିରଞ୍ଚି ନାରାୟଣ ସେଠଙ୍କ ନେତୃତ୍ୱରେ ବିଦ୍ୟାର୍ଥୀମାନେ ଏହି ୱେଲଥ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ପୌରସଂସ୍ଥା ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଥିଲା।

# ସିଭିଲ୍ ସର୍ଭିସ୍ ପରୀକ୍ଷାରେ ପ୍ରଗତିଙ୍କ ସଫଳତା

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଢେଙ୍କାନାଳର ପ୍ରଗତି ଶତପଥୀ ୧୩୧ତମ ର୍‍ୟାଙ୍କରେ ରହି ସଫଳତା ଅର୍ଜନ କରିଛନ୍ତି। ପ୍ରଗତି ଏବେ କେନ୍ଦୁଝର ଲୋକାଲ୍ ଫଣ୍ଡ ଅଡିଟ୍‌ରେ ଅଡିଟର ଭାବେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କର ଦ୍ୱିତୀୟ ଚେଷ୍ଟାରେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ୧୩୧ତମ ସ୍ଥାନରେ ରହିଛନ୍ତି। ପ୍ରଗତି ଚାକିରି ସହ ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ ଶଙ୍କରପୁର ଗ୍ରାମର ସଞ୍ଜୟ କୁମାର ଶତପଥୀ ଏବଂ ଜୟଶ୍ରୀ ଶତପଥୀଙ୍କ କନ୍ୟା ପ୍ରଗତି ଜଣେ ମେଧାବୀ ଛାତ୍ରୀ। ଏହି ସଫଳତାର ଶ୍ରେୟ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି। ସେ ଗରିବ ଲୋକମାନଙ୍କ ପାଇଁ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିବାକୁ ବଦ୍ଧପରିକର ବୋଲି କହିଛନ୍ତି।



# ଧର୍ମପରାୟଣ ମହିଳାଙ୍କ ସ୍ମୃତିଚାରଣ


ସ୍ମୃତି ଚାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ଧର୍ମପରାୟଣ ମହିଳା କୁମୁଦିନୀ ରାଉତଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ସଂସଦ ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଡାଳସିଂହା ମାର୍ଥାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ମିଶ୍ର, ସଂସଦର ମୁଖ୍ୟ ଡ. ସମୀର ସାହୁ, ଉପସଭାପତି ଡମ୍ବରୁଧର ସେଠୀ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ହରିହର ସାହୁ ଓ ପ୍ରହଲାଦ ମିଶ୍ରଙ୍କ ଦ୍ୱାର ଗୀତାପାଠ, କବୟିତ୍ରୀ ଉପମା ସାମଲଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ



ମୁଖ୍ୟଅତିଥି ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ସହଯୋଗ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରୁଛନ୍ତି।

**ଓଡ଼ାପଡ଼ା,୨୭।୯(ରଞ୍ଜିତ୍ ନାୟକ)**

ଓଡ଼ାପଡ଼ା ବ୍ଲକ କୁଶପଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା, କୁଶପଙ୍ଗା ସରପଞ୍ଚ ଅନିତା ନାୟକ, ସମିତି ସଭ୍ୟା ସ୍ନିଗ୍ଧା ରାଣୀ ଭଞ୍ଜ, ଟାଟା ଷ୍ଟିଲ୍ ମେରାମଣ୍ଡଳି ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଅତିରିକ୍ତ ଅଧିକାରୀ କୁମାର ସୌରଭ, ବିଦ୍ୟାଳୟ ପ୍ରତିଷ୍ଠାତା ନିତ୍ୟାନନ୍ଦ ବେହେରା, ଭାଜପା ନେତ୍ରୀ ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜେନା ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟ ପ୍ରତିଷ୍ଠାରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

# ଯୁବକଙ୍କୁ ଆକ୍ରମଣ କରି ଲୁଟ୍

**ତାଳଚେର,୨୭।୯ (ମନୋଜ ନନ୍ଦ)**

ତାଳଚେର ବ୍ଲକ କଳିୟାରୀ ଥାନା ଲଣ୍ଡା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଜଣେ ଯୁବକଙ୍କୁ ଆକ୍ରମଣ କରି ସୁନା ଚେନ, ମୁଦି, ମୋବାଇଲ ଫୋନ ଲୁଟି ନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଅନନ୍ତ ବିହାର କଲୋନୀର ରମନ କୁମାର ସିଠ (୩୦) ମାର୍କେଟକୁ ଯାଇଥିବା ବେଳେ ସେଠାରେ ଘଣ୍ଟପଡା ଗ୍ରାମର ଦେବାଶିଷ ସାହୁ, ବିକାଶ ସେଠୀ, ଜିତେନ୍ଦ୍ର ପଟ୍ଟନାୟକ ମାରପିଟ କରିବାରୁ ସେ ବେହୋସ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ସେ ଦେହରେ ଥିବା ସୁନା ଚେନ, ମୁଦି, ବ୍ରେସଲେଟ ଓ ପକେଟରେ ଥିବା ମୋବାଇଲ ଆଦି ଲୁଟି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଲଣ୍ଡା ଫାଣ୍ଡି ଅଧିକାରୀ ତଦନ୍ତ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି।

# ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପ୍ରତିଯୋଗିତା



ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଢେଙ୍କାନାଳ,୨୭।୯(ରତନ ନାୟାର)**

ଢେଙ୍କାନାଳ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜଗଦୀଶ ରାୟଙ୍କ ନେତୃତ୍ୱରେ ବିଚାରକ ଭାବେ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ଓ ଉଚ୍ଚ ବିଦ୍ୟାଳୟର ସୁଜିତ୍ କୁମାର ଦାଶ, କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଢେଙ୍କାନାଳ ଜିଲାର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟସ୍ତରର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ସୌମ୍ୟ ପ୍ରିୟଦର୍ଶନ ପ୍ରଥମ, ଦ୍ୱିତୀୟ ବର୍ଷର ଛାତ୍ର ଦୁର୍ଗା ପ୍ରସାଦ ମିଶ୍ର ଦ୍ୱିତୀୟ ଓ ପ୍ରଥମ ବର୍ଷର ଛାତ୍ର ରାହୁଲ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଉଚ୍ଚ ବିଦ୍ୟାଳୟସ୍ତରରେ ଆୟୋଜିତ ସାଧାରଣଜ୍ଞାନ ପ୍ରତିଯୋଗିତାରେ ପିଏମଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଭାର୍ଗବ ପୃଷ୍ଟି ପ୍ରଥମ ଓ ପ୍ରିୟାଂଶୁ ସାମଲ ତୃତୀୟ ଏବଂ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ସୁଶ୍ରୀ ସ୍ନେହାଶ୍ରୀ ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜଗଦୀଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଶନିବାର ଆୟୋଜିତ ସେବା ପର୍ବ-୨୦୨୫ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଇଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ।




ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟବର୍ଗଙ୍କୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଶନିବାର ୫୦,୦୦୦ ହିତାଧିକାରୀଙ୍କୁ ଏକକାଳୀନ କାର୍ଯ୍ୟାଦେଶ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।




ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସେବା ପର୍ବ-୨୦୨୫ରେ ଯୋଗଦେବାକୁ କାରକେଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି।



କାର୍ଯ୍ୟକ୍ରମସ୍ଥଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଏବଂ ସୁରଟ୍ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



କର୍ଣାଟକ ଉଡୁପିରୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି କାର୍ଯ୍ୟକ୍ରମସ୍ଥଳରେ ଉତ୍ସାହ ଭରିଦେଇଛନ୍ତି।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

# ସ୍ପେଶାଲ କ୍ରାଇମ୍ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ



ଗିରଫ ବନ୍ଧୁକ ବେପାରୀ ସେଖ୍ ନଦିମ



ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

**ଭୁବନେଶ୍ୱର, ୨୭।୯(ସତ୍ୟଜିତ ରାଉତ)**

## ୧୦ ବନ୍ଧୁକ, ୧୮ ଗୁଳି, ୧୦ ମାଗ୍‌ଜିନ ଜବତ

### ୭ ବର୍ଷ ତଳେ କେନ୍ଦ୍ରାପଡ଼ାରେ ଏନ୍‌କାଉଣ୍ଟର ହୋଇଥିଲେ

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ପଞ୍ଝାରେ ଫସିଲେ କୁଖ୍ୟାତ ବନ୍ଧୁକ ବେପାରୀ। ସେ ହେଲେ ଜଗତ୍‌ସିଂହପୁର ଜିଲା କୃଷ୍ଣନନ୍ଦପୁର ଥାନା ଅନ୍ତର୍ଗତ ଇଟାଟିକିରି ଗ୍ରାମର ସେଖ୍ ନଦିମ (୩୧)। ଶନିବାର ଭୋର ପ୍ରାୟ ୫ଟା ଧଉଳି ଜଙ୍କ୍‌ଶନ ନିକଟରେ ଏସ୍‌ସିୟୁ ଟିମ୍ ତାଙ୍କୁ ଗିରଫ କରିଛି। ନଦିମଙ୍କ ପାଖରୁ ୧୦ଟି ସେମି ଅଟୋମେଟିକ ପିସ୍ତଲ, ୧୮ ଗୁଳି, ୧୦ ମାଗାଜିନ, ବାଇକ ଓ ମୋବାଇଲ ଜବତ ହୋଇଛି। ଏ ସମ୍ପର୍କରେ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନଦିମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଦିମ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ଡିଲରଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ଏସ୍‌ସିୟୁ ଟିମ୍ ଯୋଜନାବଦ୍ଧ ଭାବେ ତାଙ୍କୁ ଧରିଥିଲା। ତେବେ ତାଙ୍କର ଏହି ବନ୍ଧୁକ ରାକେଟକୁ ନେଇ ଅଧିକ ଛାନଭିନ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ନଦିମଙ୍କ ନାମରେ ବିଭିନ୍ନ ଥାନାରେ ବହୁ ସଙ୍ଗିନ ମାମଲା ରହିଛି। ଏପଜିକି ସେ ଏହାପୂର୍ବରୁ ଏକାଧିକଥର ଜେଲ ଯାଇ ମଧ୍ୟ ଫେରିଛନ୍ତି। ଗତ ମାସେ ହେବ ଏସ୍‌ସିୟୁ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ସେ ପୁରୀ ପାର୍ଶ୍ୱରୁ ପଲସର ବାଇକରେ ଆସୁଥିବା ବେଳେ ଏସ୍‌ସିୟୁ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତାଙ୍କୁ ଧଉଳି ଜଙ୍କ୍‌ଶନଠାରେ ମାଡିବସିଥିଲା। ତେବେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି କୁଖ୍ୟାତ ବନ୍ଧୁକ ବେପାରୀଙ୍କ ସହ ନଦିମଙ୍କ ଲିଙ୍କ ରହିଥିବା ପୋଲିସ ଜାଣିବାକୁ ପାଇଛି।

### ପୋଲିସ ଉପରକୁ ଗୁଳି ଚଳାଇ ନିଜେ ଗୁଳି ଖାଇଥିଲେ

୭ବର୍ଷ ତଳେ ପୋଲିସ ଉପରକୁ ଗୁଳି ଚଳାଇ ନଦିମ ଗୁଳିମାଡ଼ ଖାଇଥିଲେ। ୨୦୧୯ ଏପ୍ରିଲ ୧୨ ବିଳମ୍ବିତ ରାତିରେ ନଦିମ ତାଙ୍କ ସହଯୋଗୀଙ୍କୁ ବନ୍ଧୁକ ଯୋଗାଇବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା କେନ୍ଦ୍ରାପଡ଼ା ଜିଲା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ଅର୍ଜ୍ଜୁନପୁର ଛକରେ ଛକି ରହିଥିଲା। ପୋଲିସକୁ ଦେଖି ନଦିମ ଖସି ପଳାଇବାକୁ ଚେଷ୍ଟା କରି ପ୍ରଥମେ ଗୁଳି ଚଳାଇଥିଲେ। ସେପଟୁ ପୋଲିସ ଗୁଳିମାଡ଼ କରିବାରୁ ନଦିମଙ୍କ ବାମ ଗୋଡ଼ରେ ଲାଗିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ମା' ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

**ଡେଙ୍କିକୋଟ,୨୭।୯ (ନାଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ପୋଇପାଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନାବାଳକ ପୁଅକୁ ମା' ମୋବାଇଲ ଦେବାକୁ ମନା କରିବାରୁ ପୁଅ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ପୋଇପାଣି ଗ୍ରାମର ଶିଶୁବିଦ୍ୟାମନ୍ଦିରର ଗୁରୁଜୀ ଅର୍ଜୁନ ଚରଣ ମହାନ୍ତଙ୍କ ଏକମାତ୍ର ପୁଅ ଗୁଲୁଲି ଗଣେଶ ପ୍ରସାଦ ମହାନ୍ତ (୧୧)। ସେ କେନ୍ଦୁଝର ଟାଉନ ନିର୍ମଳ କନ୍‌ଭେଣ୍ଟ ଇଂଲିଶ ମିଡିୟମରେ ପଢୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଗୁଲୁଲି ମାଆଙ୍କୁ ମୋବାଇଲ ଦେଖିବାକୁ ମାଗିଥିଲେ। ମା'ଇଚ୍ଛାମୀ ମହାନ୍ତ ମୋବାଇଲ ଦେବାକୁ ବାରଣ କରି ଜଙ୍ଗଲକୁ ଛତୁ ତୋଳିବାକୁ ପଳାଇଥିଲେ। ଅପରାହ୍ନ ୪ଟା ୩୦ ସମୟରେ ଜେଜେ ମା' ବାସନ ମାଜୁଥିବା ବେଳେ ଗୁଲୁଲି ଗଣେଶ ଏକ ରଶି ସାହାଯ୍ୟରେ ଘର ଭିତର ସଂଘାରେ ଝୁଲି ପଡ଼ିଥିଲେ। ଜେଜେ ମାଆ କିଛି ସମୟ ପରେ କବାଟ ଖୋଲି ଗୁଲୁଲି ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପାଟି କରିବାରୁ ପଡ଼ୋଶୀ ଆସି ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଥାନା ଆଇଆଇସି ଶୁଭ୍ରାଂଶୁ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣା ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି।

# ଚୋରି ସୁନା ସହ ୩ ଗିରଫ

**ଖଣ୍ଡପଡ଼ା, ୨୭।୯ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଖଣ୍ଡପଡ଼ା ପୋଲିସ ପକ୍ଷରୁ ୨ଟି ଘଟଣାରେ ତଦ୍ରାଖ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ ସହ ସେମାନଙ୍କଠାରୁ ଚୋରି ହୋଇଥିବା ସୁନା ଓ ୨ଟି ବାଇକ୍ ଜବତ କରାଯାଇଛି। ଥାନାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଗିରଫ ୨ ଲୁଟେରା ହେଲେ କୃଷ୍ଣ ସାହୁ ଓ କୈଳାସ ପ୍ରଧାନ। ଉଭୟଙ୍କ ଘର ନୟାଗଡ଼ ସଦରର ଜଙ୍ଗାଳି ସାହିରେ ବୋଲି ଜଣାପଡ଼ିଛି। ପ୍ରକାଶଥାଏ, ଖଣ୍ଡପଡ଼ା ସୌମ୍ୟବିହାର ପରିସରରୁ ଗତ ୨୫ ତାରିଖ ରାତିରେ ୨ଟି ମୋବାଇଲ ଫୋନ୍ ଓ ନଗଦ ୩ ହଜାର ଟଙ୍କା କେହି ଚୋରିକରି ନେଇଥିବା ଥୋଠାରେ ରହୁଥିବା ବଡ଼େଇସାହିର ହରିଶଙ୍କର ମହାରଣା ଥାନାରେ ୨୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ।

# ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ୨ ଗିରଫ



ଗିରଫ ୨ ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀ।

**ବଇଶା, ୨୭।୯ (ପରିକ୍ଷିତ ସାହୁ)**

ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁଡ଼ାସାହି ଗ୍ରାମର ମୁନା ବେହେରା, ଭଙ୍ଗାମୁଣ୍ଡା ଗ୍ରାମର ବିଜୟ ସିଂଙ୍କୁ ଶନିବାର କେନ୍ଦୁଝର ଓ ଧଣ୍ଡାତୋପା ବନ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ, ବର୍ଷେତଳେ ଧଣ୍ଡାତୋପା ଅଞ୍ଚଳରୁ ହାତୀ ଦାନ୍ତ କେନ୍ଦୁଝର ଚାଲାଣ କରାଯାଇଥିଲା। କେନ୍ଦୁଝର ଅଞ୍ଚଳରେ ହାତୀ ଦାନ୍ତ ଜବତ କରାଯାଇଥିବା ବେଳେ ୨ ଜଣ ଶିକାରୀ ପୂର୍ବରୁ ଗିରଫ ହୋଇଥିଲେ। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବିଜୟ ଓ ମୁନାଙ୍କୁ ଶନିବାର ଗିରଫ କରାଯାଇଛି।

# ହାଣ୍ଡିଆ ପିଇଦେବାରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

**ଉଦଳା, ୨୭।୯(ସନ୍ତୋଷ କୁମାର ବାଛିନୀ)**

ଘରେ ଥିବା ହାଣ୍ଡିଆ ପିଇଦେବାରୁ ସ୍ୱାମୀ ଉତ୍ତେଜିତ ହୋଇ ସ୍ତ୍ରୀଙ୍କୁ କାଠଫାଳିଆ ପିଟି ହତ୍ୟା କରିବା ଘଟଣା ମୟୂରଭଞ୍ଜ ଜିଲା ଉଦଳା ଥାନା ଉପର ତାଳଡିହା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ଏକ ମାମଲା(ନଂ. ୩୮୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠଫାଳିଆକୁ ଜବତ କରାଯାଇଛି। ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ ଶୁକ୍ରବାର ରାତି ୧୦ଟାରେ କାମ ସାରି ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଘରେ ତିଆରି ହୋଇଥିବା ହାଣ୍ଡିଆ ପିଇବାକୁ ଖୋଜିଥିଲେ। ହେଲେ ଏହି ସମୟରେ ସବୁତକ ହାଣ୍ଡିଆ ତାଙ୍କ ସ୍ତ୍ରୀ ସାତା ପିଇ ନିଶାସକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ ସ୍ୱାମୀ ଗୁରୁପ୍ରସାଦ। ହାଣ୍ଡିଆ ପିଇବାକୁ ମାଗିବାରୁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏତେ ଉଗ୍ରରୂପ ନେଇଥିଲା ଯେ, ସ୍ତ୍ରୀଙ୍କୁ କାଠଫାଳିଆରେ ପିଟି ପକାଇଥିଲେ ସ୍ୱାମୀ। ସ୍ତ୍ରୀଙ୍କୁ ବାଡେଇ ହତ୍ୟା କରିବା ବେଳେ ତାଙ୍କର ସାନ ପୁଅ ଦେଖିଦେବାରୁ ଏକ ଠାଙ୍ଗିଆ ଧରି ତାଙ୍କୁ ମଧ୍ୟ ମାରିବାକୁ ଗୋଡାଇଥିଲେ। ଛୋଟ ପିଲାଟି ଦୌଡି ଘରୁ ବାହାରି ପଡ଼ୋଶୀଙ୍କ ଘରକୁ ଚାଲିଯିବା ପରେ ପୁରା ଘଟଣା ବାବଦରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହାମଧ୍ୟରେ ହତ୍ୟାକାରୀ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଚାରିପାଖରେ ମଶାରୀ ଟାଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ଏହା ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି।

# ନାବାଳିକା ବଳାତ୍କାରୀଙ୍କୁ ଆଜୀବନ ଜେଲଦଣ୍ଡ

**ବାରିପଦା, ୨୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଞ୍ଚଳର ଅସୀତ ବେହେରା(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ବିବରଣୀ ଅନୁଯାୟୀ, ୪ ନଭେମ୍ବର ୨୦୨୪ରେ ସମ୍ପୃକ୍ତ ନାବାଳିକା ସନ୍ଧ୍ୟାରେ ଗ୍ରାମ ଦୋକାନରୁ ଘରକୁ ଫେରିବାବେଳେ ଅଭିଯୁକ୍ତ ବଳପୂର୍ବକ ନାବାଳିକାଙ୍କୁ ଟେକି ନେଇ ଦୁଇହାତ ବାନ୍ଧି ଓ ମୁହଁରେ କପଡ଼ା ଦେଇ ବଳାତ୍କାର କରିଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଘରଲୋକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA**
No.3527//RWDBLG, Date : 24.09.2025
**1st Corrigendum to the Bid Identification No. Online tender/02/EERWD BLG/2025-26**

**No.O-921** : The tender invited vide Bid Identification No. Online tender/02/EERWD BLG/2025-26 vide T.O. Office Letter No.1961 dt.09.05.2025. Due to unavoidable circumstances, the availability of tender online for bidding is from 14.05.2025 at 10.00 A.M. to 20.05.2025 upto 5.00 P.M. instead of 25.09.2025 at 10.00 A.M. to 09.10.2025 upto 5.00 P.M. Opening Dt.10.10.2025.
The other terms and conditions are remained unchanged.
Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"
Sd./- Executive Engineer R.W.Division, Balliguda
OIPR-25150/11/0007/2526

**GOVT. OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR**
**1st Corrigendum**
Letter No.3868, Dtd.25.09.2025

**No.O-890:** In continuation to this office tender identification No. SNPR/Online 02 of 2025-26 invited vide this office letter No.3804, dtd.22.09.2025, under unavoidable circumstances partial modification of TCN has been made as follows.

| Sl. No. | Tender Identification No. | Items | Time Schedule as per Original TCN | Time Schedule as per 1st Corrigendum Notice |
|---|---|---|---|---|
| 1 | 2 | 3 | 4 | 5 |
| 1 | Bid Identification SNPR/Online-02 of 2025-26 | Availability of Tender On-line for bidding | 25.09.2025 at 11.00 AM to 04.10.2025 upto 5.00 PM | 25.09.2025 at 11.00 AM to 13.10.2025 upto 5.00 PM |
| 2 | | Date & Time of seeking tender clarification | 03.10.2025 upto 4.00 PM | 10.10.2025 upto 4.00 PM |
| 3 | | Date & Time of opening of tender | 06.10.2025 at 11.00 AM | 14.10.2025 at 11.00 AM |

OIPR-25054/11/0036/2526 Sd./- Executive Engineer, Rural Works Division, Sonepur

**ODISHA SCHOOL EDUCATION PROGRAMME AUTHORITY**
ସମଗ୍ର ଶିକ୍ଷା Samagra Shiksha
**"SHIKSHA SOUDHA", UNIT-V, BHUBANESWAR-751001**
**No. 10600/CW/2025** **Date : 26/09/2025**
**NOTICE INVITING REQUEST FOR PROPOSAL (RFP)**

**No.n-** : Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an agency for providing Event Management Services for execution of different works relating to (i) State Level Childrens' Festival **"SURAVI 2025"** scheduled to be held from **12th - 14th November 2025** & (ii) **"NIJUKTI MELA"** for appointment of teachers in Secondary & Higher Secondary Schools on **15th November 2025** at **Capital High School, Unit-III, Bhubaneswar**. The duration of the programme is for 04 days starting from **12th November 2025 to 15th November 2025**.

The RFP document will be available on the OSEPA website i.e. https://osepa.odisha.gov.in. The bidders fulfilling the prescribed eligibility criteria of the RFP can access, download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified on the website mentioned above. Hence, the interested bidders are requested to be in continuous touch with the above website.

**The major events under the bid process are :**

| Sl. No. | List of Key Events | Dates |
|---|---|---|
| 1 | Date of availability of RFP document in OSEPA website | By 27/09/2025 |
| 2 | Last Date for Receipt of Bid | Up to 5.00 P.M. of 17/10/2025 |
| 3 | Date and Time of Opening of Technical Bid and Technical Evaluation followed by technical presentation | At 11.00 A.M. on 18/10/2025 onwards |
| 4 | Date of Opening of Financial Bid of technically qualified bidders | On 18/10/2025 (after technical evaluation & presentation) |

The proposal complete in all respects must reach the undersigned by **Speed Post/ Registered Post/ Courier only latest up to 5.00 P.M of 17/10/2025**. The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept/reject any/all BIDS / cancel the entire selection process at any stage without assigning any reason thereof.

**Address for Submission of Proposal :**
**To**
**The State Project Director,**
**Odisha School Education Programme Authority (OSEPA), "Shiksha Soudha", Unit-V, Bhubaneswar, Odisha-751001**
**OIPR-27068/11/0060/2526** **Sd./- State Project Director**

**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002**
**Tel-MD 0674-2340573, E-mail-mdosscltd456@gmail.com**
**TENDER CALL NOTICE**
**No.OSSC/Engg-128/2025**

**No.CAD-1891:** The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt. of Odisha www.tenderodisha.gov.in.
**Percentage Rate Tenders** from eligible Civil works contractors registered under Competent authority of Govt. of Odisha. **Amount in Rs.**

| Sl | Name of the Work | Estimated Amt | EMD | Cost of Tender document | Completion period | Eligibility class of contractors |
|---|---|---|---|---|---|---|
| 1 | Construction of Office Building at Seed Processing Plant Shyamakhunta, Mayurbhanja | 22,76,785.00 | 22,768.00 | 6720/- | 180 | C or above |

The details of location of work, estimated amount regarding construction work alongwith cost of Tender Document, EMD and other criteria alongwith critical dates for the above Tenders can be seen in the Detailed Tender Call Notice posted in website of Govt. of Odisha www.tenderodisha.gov.in.
The last date for uploading of tender to tender portal is **dt.08.10.2025.**
OIPR-01045/11/0104/2526 **Sd./- Managing Director, OSSC Ltd., BBSR**

**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT**
**GOVERNMENT OF ODISHA**
**Request for Proposal no 865/Date26/09/2025**

No.CAD-Sealed Request for Proposal (RFP) are requested from Interested Event Management Agencies to provide event management services during 4th National EMRS Sports Meet, 2025 to be organised at Sundargarh district from 11th to 15th November 2025.
For details of the Request for Proposal, please visit website-www.omtes.org and http://stsc.odisha.gov.in.
Last date for Tender submission is 23rd October 2025 5.00 PM
**OIPR-26009/11/0011/2526** **Sd./- Secretary, OMTES**

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ**
**Government of Odisha**
**Panchayati Raj & Drinking Water Department**
ଓଡ଼ିଶା ସଚିବାଳୟ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Secretariat, Sachibalaya Marg, Bhubaneswar-751 001
Fax:0674-2391413, e-mail: prsec.or@nic.in
No.PR-RH-ESTT-0001-2025- 27155/PR&DW Date:26.09.25
**CORRIGENDUM NOTICE**

No.i- In continuation to the Tender Notice No.PR-RH-ESTT-0001- 2025-25348/ PR&DW dated 13.09.2025, inviting sealed tenders from eligible organisations for selection of service providing agencies to provide manpower for the State Project Management Unit under Pradhan Mantri Awas Yojana (Gramin), it is hereby informed that certain modifications/clarifications have been issued.
The details of the corrigendum may be seen on the following websites:
- https://rhousing.odisha.gov.in/
- https://prh.odisha.gov.in/

All other terms and conditions of the tender shall remain unchanged.
**Sd./- Director Special Projects Panchayati Raj & Drinking Water Department**
OIPR-19001/11/0032/2526

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
**Tel.No.0674-2394873, Fax:2391255/2391024**
**Email:sdaorissa@od.gov.in, eic-epcei@od.gov.in**
**Indicative corrigendum advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**
**Advt.No.Tech-EC-1188/6385/ Dated 25 September, 2025**

No.AA-29: Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is extended upto **15.10.2025, 05.00 PM.**
For details advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept/ reject any application without assigning any reasons thereof.
**Sd./- EIC (E)-cum-PCEI & SDA (O)**
OIPR-04066/11/0042/2526 "Go Electric Go Green"

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା: 18819/ଭୁ.ଉ.କ., ଭୁବନେଶ୍ୱର ତା: 23.09.2025ରିଖ
AL-II-4/98
**ସୂଚନା**

No. CAD-1882: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ... Office Space, 3rd Floor ... (Death Certificate No. 1547/2024 dated 06.02.2024) ... Legal heir Certificate No. e-LHC/2024/38209 Dated: 30.03.2024 ... Office Space, 3rd Floor ...
ସ୍ୱା./- ଆବଣ୍ଟନ ଅଧିକାରୀ-୧ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0382/2526

Annexure-II
**Office of District Manager**
**Odisha State Civil Supplies Corporation Ltd. (OSCSC)**
**Nayagarh (District)**
**Phone : 06753252439**
**District Website : https://nayagarh.odisha.gov.in**
Tender No. : 4593, 4594, 4595, 4596, 4597, 4598, 4599 & 4600 Dt. 25.09.2025
District Manager, Odisha State Civil Supplies Corporation Ltd. Nayagarh (District) invites tenders in Double Cover System through
No.CAD-1880 ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of Paddy from Paddy Purchase Centres (PPCs) to Rice Mills and CMR from Rice Mills to Rice Receiving Centres (RRCs) for the KMS : 2025-26 (Kharif & Rabi) in the district of the State of Odisha |
| 2 | Availability of bid document in the portal | From 26.09.2025 onwards |
| 3 | Last Date / Time for Receipt of bids in the portal | Dt.15.10.2025 upto 05:00 (PM) |
| 4 | Date/Time of Opening of Technical Bid | Dt.17.10.2025 at 11:00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Nayagarh (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc if any shall be published only in above websites.
Sd./- District Manager OSCSC Ltd., Nayagarh
OIPR-07057/11/0011/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସଙ୍ଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗବେଷଣାରେ ଭାରତ ଜିଡିପିର ୧%ରୁ କମ୍ ଖର୍ଚ୍ଚ କରୁଛି

**ଭୁବନେଶ୍ୱର, ୨୭।୯**




ଯୁକ୍ତରାଷ୍ଟ୍ରରେ ୫୦ଟି ରାଜ୍ୟ ଥାଇ କେବଳ କାଲିଫର୍ନିଆର ଜନସଂଖ୍ୟା ୪ କୋଟି ଏବଂ ଏହାର ଜିଡିପି ୪ ଟ୍ରିଲିୟନ ଡଲାର। ୧୪୬ କୋଟି ଜନସଂଖ୍ୟା ଥାଇ ଭାରତକୁ ଏହାକୁ ଅନୁସରଣ କରିବାକୁ ହେବ। ଉନ୍ନତ ଦେଶଗୁଡ଼ିକ ସେମାନଙ୍କ ଜିଡିପିର ୨-୩% ଗବେଷଣା ଓ ବିକାଶରେ ବିନିଯୋଗ କରୁଛନ୍ତି, ମାତ୍ର ଭାରତ ୧%ରୁ କମ୍ ଖର୍ଚ୍ଚ କରୁଛି। ୨୦୪୭ ସୁଦ୍ଧା ଭାରତକୁ ଉନ୍ନତ ଦେଶ କରିବାକୁହେଲେ ଉଚ୍ଚଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି ଏବଂ ଗବେଷଣାକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଭେଲୋରରେ ଆରମ୍ଭ ହୋଇଥିବା ୩ଦିନିଆ ଟେକ୍ନୋ-ପରିଚାଳନା ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ଭିଆଇଟି ପ୍ରତିଷ୍ଠାତା ଓ କୁଳପତି ଡ. ଜି. ବିଶ୍ୱନାଥନ କହିଛନ୍ତି। କୁଳପତି ବିଶ୍ୱନାଥନ କହିଛନ୍ତି, ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ସମେତ ଶିକ୍ଷା ସମସ୍ତଙ୍କ ପାଇଁ ସୁଲଭ ହେବା ଉଚିତ । ଦେଶରେ ୧୮ରୁ ୨୩ ବୟସ ବର୍ଗର ୧୪ କୋଟି ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୪ କୋଟି ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି। ଅବଶିଷ୍ଟ ୧୦ କୋଟିଙ୍କ ଦୁର୍ଦ୍ଦଶାକୁ ସରକାରଙ୍କୁ ସମାଧାନ କରିବାକୁ ହେବ। ସେ ଆହୁରି କହିଲେ, ଆବୁଧାବି ଛୋଟ ହେଲେ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧ। ଏହାର ମୁଣ୍ଡ ପିଛା ଆୟ ୭୫,୦୦୦ଟଙ୍କା ଥିବାବେଳେ ଭାରତର ୨,୯୦୦। ଆବୁଧାବିର ମାତ୍ର ୨୦% ଜନସଂଖ୍ୟା ସ୍ଥାନୀୟ, ୮୦% ବିଦେଶୀ, ଯେଉଁଥିରେ ଅନେକ ଭାରତୀୟ ଅଛନ୍ତି। ୟୁଏଇର ୯୫% ତୈଳ ଓ ଗ୍ୟାସ ଭଣ୍ଡାର ସହ ଆବୁଧାବି ୧ ଟ୍ରିଲିୟନ ଡଲାରର ବିନିଯୋଗ ଆକର୍ଷଣ କରୁଛି। ଭାରତ ଏହାଠାରୁ ଶିକ୍ଷା ନେବା ଉଚିତ। ଆବୁଧାବି ମ୍ୟୁନିସିପାଲିଟି ଓ ପ୍ରଶାସନ ବିଭାଗର ମନ୍ତ୍ରୀ ମଜିଦ୍ ଅଲି ଅଲ୍ ମନ୍‌ସୁରୀ କହିଲେ, ଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତି, ମହାକାଶ ଅନୁସନ୍ଧାନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଚ୍ୟାଲେଞ୍ଜକୁ ସମାଧାନ କରିବା ଉଚିତ। ନ୍ୟୁଜ୍୧୮ର ମ୍ୟାନେଜିଂ ଏଡିଟର ଆନନ୍ଦ ନରସିଂହନ କହିଲେ, ଛାତ୍ରମାନେ ଆବିଷ୍କାରକ ଓ ଉଦ୍ୟୋଗୀ ହେବାକୁ ଲକ୍ଷ୍ୟ ରଖିବା ଉଚିତ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୭ଟି ଇଭେଣ୍ଟ, ୫୭ଟି କର୍ମଶାଳା, ୫୧ଟି ହାକାଥନ, ରୋବଟ୍ ଯୁଦ୍ଧ ଏବଂ ଡ୍ରୋନ୍ ଶୋ' ଆଦି ରହିଛି। ପ୍ରାୟ ୪୦ ହଜାର ଛାତ୍ର ଏଥିରେ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ଭିଆଇଟିର ଉପାଧ୍ୟକ୍ଷ ଡ. ଶେଖର ବିଶ୍ୱନାଥନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସନ୍ଧ୍ୟା ପେଣ୍ଟାରେଡ୍ଡୀ, ମ୍ୟାକ୍ସିମସ୍ ଇଣ୍ଡିଆର କଣ୍ଟ୍ରି ହେଡ୍ ଓ ସିନିୟର ଉପାଧ୍ୟକ୍ଷ ପ୍ରବୀଣା ଭୀମବରପୁ, ଡ. କାଞ୍ଚନା ଭାସ୍କରନ୍, ଡ. ପାର୍ଥସାରଥି ମଲ୍ଲିକ, ରେଜିଷ୍ଟ୍ରାର ଡ. ଜୟଭାରତୀ ଏବଂ ଗ୍ରାଭିଟାସ୍ ସଂଯୋଜିକା ଶର୍ମିଳା ଉପସ୍ଥିତ ଥିଲେ।

# ଗୌତମ ସୋଲାର ପକ୍ଷରୁ ଶ୍ୱେତପତ୍ର ଉନ୍ମୋଚିତ

**ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)**




ଭାରତର ଅନ୍ୟତମ ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ଗୌତମ ସୋଲାର ପକ୍ଷରୁ 'ଗ୍ଲାସ୍-ଟୁ-ଗ୍ଲାସ୍ (ଜି୨ଜି) ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ (ଜି୨ଟିବି) ସୋଲାର ମଡ୍ୟୁଲ୍ସ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ୱେତପତ୍ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ମାର୍କେଟିଂ ମ୍ୟାନେଜର(ଟେକ୍ନିକାଲ) ଅଭିନବ କୌଶିକ ଏହି ଶ୍ୱେତପତ୍ରର ଶୁଭାରମ୍ଭ କରିଛନ୍ତି। ଏଥିରେ ଦୁଇଟି ବାଇଫେସିଆଲ ପିଭି ମଡ୍ୟୁଲ ଟେକ୍ନୋଲୋଜିର ଏକ ବିସ୍ତୃତ ତୁଳନା ପ୍ରଦାନ କରାଯିବା ସହ ଏହି ଶିଳ୍ପରେ ରହିଥିବା ସାଧାରଣ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂରକରୁଛି । ଏହି ଅବସରରେ ଗୌତମ ସୋଲାରର ସିଇଓ ଗୌତମ ମୋହଙ୍କା କହିଛନ୍ତି, ସୋଲାର ଶିଳ୍ପରେ ବାଇଫେସିଆଲ ମଡ୍ୟୁଲଗୁଡ଼ିକର ଦ୍ରୁତ ଗ୍ରହଣୀୟତା ଦେଖିବାକୁ ମିଳୁଛି। ମାତ୍ର ଗ୍ଲାସ୍-ଟୁ-ଗ୍ଲାସ୍ ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ ମଡ୍ୟୁଲଗୁଡ଼ିକର ଅନୁକୂଳତା ଓ କାର୍ଯ୍ୟଦକ୍ଷତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଏହି ଶ୍ୱେତପତ୍ର ସହ ଆମେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରକଳ୍ପ ଆବଶ୍ୟକତା ଉପରେ ଆଧାରକରି ସୁଚିନ୍ତିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱଚ୍ଛ, ନିରପେକ୍ଷ ଓ ବୈଷୟିକ ତୁଳନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଶ୍ୱେତପତ୍ର ବିଭିନ୍ନ ଜଳବାୟୁ, ପ୍ରଯୁଜ୍ୟ ଖର୍ଚ୍ଚ ଓ ପ୍ରୟୋଗ ପରିଦୃଶ୍ୟରେ ଉଭୟ ଜି୨ଜି ଓ ଜି୨ଟିବି ବାଇଫେସିଆଲ ମଡ୍ୟୁଲଗୁଡ଼ିକର ବୈଷୟିକ ବିଶେଷତା, ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତାକୁ ଆବିଷ୍କାର କରିଛି। ଏହା ଗୁରୁତ୍ୱ ଦେଉଛି ଯେ, ଉଭୟ ଟେକ୍ନୋଲୋଜି ଉନ୍ନତ ମୂଲ୍ୟ ପ୍ରଦାନ କରୁଛନ୍ତି, ସେମାନଙ୍କ ଅନୁକୂଳତା ସ୍ଥାନ-ନିର୍ଦ୍ଦିଷ୍ଟ ଓ ପ୍ରକଳ୍ପ-ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକ ଉପରେ ନିର୍ଭର କରୁଛି।

# ବିଓଏମ୍‌ର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ




**ଭୁବନେଶ୍ୱର, ୨୭।୯**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ -୨୦୨୫ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ', ଏକ୍‌ଦିନ୍, ଏକ୍‌ଘଣ୍ଟା, ଏକ୍‌ସାଥ୍ -ଶ୍ରମଦାନ' ବିଷୟ ସମ୍ପର୍କିତ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକର ଜଗତ୍‌ପୁର, ଭୁବନେଶ୍ୱର ନୀଳାଦ୍ରିବିହାରର ରାଧାକୃଷ୍ଣ ମନ୍ଦିର ପାର୍କ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ସ୍ଥାନରେ ଏହି ସଫେଇ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିଲୀପ କୁମାର ରାଉଳ ଏବଂ ଉପ-ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


## ଜନ୍ମଦିନ ଶୁଭେଚ୍ଛା



**ସଙ୍ଘମିତ୍ରା ପାତ୍ର**
୪୨ ମୌଜା, କଟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ: ତୋର ବାପା, ବୋଉ, ନନା, ପାପା, ତିତ୍‌ଲି, ପାପା, ମାମା, ଛୁଆପାପା, ତୋର ବଡ଼ଭାଇ ଓ ସାନଭାଇ, ଅଜା, ଆଇ
ଧ-୨୧୫୨



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଦୁର୍ଗାପୂଜା ପାଇଁ ଭି-ଗାର୍ଡର ମେଗା ଅଫର

**ଭୁବନେଶ୍ୱର, ୨୭।୯**

ଦୁର୍ଗାପୂଜା ଅବସରରେ ଭି-ଗାର୍ଡ ପକ୍ଷରୁ ମେଗା ଅଫର ଘୋଷଣା କରାଯାଇଛି। ସମସ୍ତ ପ୍ରଡକ୍ଟରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ ସହ ପ୍ରତି ୫,୦୦୦ ଟଙ୍କା କ୍ରୟରେ ମିଳିବ ଗିଫ୍ଟ କୁପନ ଏବଂ କୁପନ ସହ ସ୍କ୍ରାଚ୍‌କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ରହିଛି। ଏକ୍ସଚେଞ୍ଜ ଅଫରରେ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ସଞ୍ଚୟ କରିପାରିବେ। କଟକ କେଉଟସାହି, ଚୌଧୁରୀ ବଜାରଠାରେ ଥିବା ଭି-ଗାର୍ଡ ଏକ୍ସକ୍ଲୁସିଭ ଷ୍ଟୋର ଶ୍ରୀ ସାଇ ଇଲେକ୍ଟ୍ରିକାଲ୍ସରେ ଫ୍ୟାନ୍, ଗିଜର, ବ୍ୟାଟେରି, ଇନ୍‌ଭର୍ଟର, ଗ୍ୟାସ୍ ଚୁଲା, କିଚେନ ଚିମନି, ଇଣ୍ଡକ୍ସନ ଏବଂ ମିକ୍ସର ଗ୍ରାଇଣ୍ଡର ଆଦି ପ୍ରଡକ୍ଟ ଉପଲବ୍ଧ ହେଉଛି । ଏହି ମେଗା ଅଫରର ଲାଭ ଗ୍ରାହକ ଅକ୍ଟୋବର ୧୦ ମଧ୍ୟରେ ନେଇପାରିବେ ବୋଲି ଶ୍ରୀସାଇ ଇଲେକ୍ଟ୍ରିକାଲ୍ସର ମୁଖ୍ୟ ସୋହନ ଅଗ୍ରୱାଲ କହିଛନ୍ତି।

# ଜିନ୍ଦଲ ଷ୍ଟିଲ୍‌କୁ ଆୱାର୍ଡିଂ ବଡି ମାନ୍ୟତା



**ଭୁବନେଶ୍ୱର,୨୭।୯**

ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ମନ୍ତ୍ରାଳୟ ଅଧୀନ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପରିଷଦ (ଏନସିଭିଇଟି) ଦ୍ୱାରା ଜିନ୍ଦଲ ଷ୍ଟିଲ୍‌କୁ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା (ଆୱାର୍ଡିଂ ବଡି) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହା କମ୍ପାନୀର ଦକ୍ଷତା ଶିକ୍ଷା ଓ ଭାରତୀୟ ଇସ୍ପାତ କ୍ଷେତ୍ରରେ ନେତୃତ୍ୱକୁ ଦର୍ଶାଉଛି। ଏନ୍‌ସିଭିଇଟି ଓ ଜିନ୍ଦଲ ଷ୍ଟିଲ୍ ମଧ୍ୟରେ ଏକ ଚୁକ୍ତି ହୋଇଛି, ଯାହା କମ୍ପାନୀକୁ ସମଗ୍ର ଭାରତରେ ପୁରସ୍କାର ଦାତା ସଂସ୍ଥା ଭାବେ କାମ କରିବାର ଅଧିକାର ଦେଇଛି। ଏହା ଜିନ୍ଦଲ ଷ୍ଟିଲ୍‌କୁ ଉଦ୍ୟୋଗ ଅନୁଯାୟୀ ଦକ୍ଷତା କାର୍ଯ୍ୟକ୍ରମ ତିଆରି କରିବା ଓ ଭବିଷ୍ୟତ କର୍ମୀଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତି ଅଧୀନରେ ସମସ୍ତ ତାଲିମ ଓ ଯୋଗ୍ୟତାକୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ କ୍ରେଡିଟ୍ ମିଳିବ। ଏହା ଶିକ୍ଷା ଓ ଚାକିରି ମଧ୍ୟରେ ବ୍ୟବଧାନ ଦୂରକରିବ ଏବଂ ଦେଶର ସବୁଜ ଶକ୍ତି ଓ ଆଧୁନିକ ଭିତ୍ତିଭୂମି ବିକାଶରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଦିଆଯାଉଥିବା ସାର୍ଟିଫିକେଟ୍ ବିଶ୍ୱବ୍ୟାପୀ ଗ୍ରହଣୀୟ ହେବ। ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏନ୍‌ସିଭିଇଟି ଦ୍ୱାରା ଆୱାର୍ଡିଂ ବଡି ଭାବେ ମାନ୍ୟତା ପାଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହା ଆମକୁ ଯୁବକମାନଙ୍କୁ ଉଦ୍ୟୋଗ ଅନୁଯାୟୀ ଶିକ୍ଷା ଓ ଦକ୍ଷତା ଦେଇ ଦେଶ ଗଠନରେ ସାହାଯ୍ୟ କରିବ।


## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରଞ୍ଜନ କୁମାର ସ୍ୱାଇଁ (କୁନା)**

ଆବିର୍ଭାବ: ୨୩/୦୩/୧୯୬୨ | ତିରୋଧାନ: ୨୨/୦୯/୨୦୨୦

ଚାହୁଁ ଚାହୁଁ ଆସି ପାଞ୍ଚ ବର୍ଷ ହୋଇଗଲା । ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ । ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ । ତୁମର ତ୍ୟାଗ, ନିଷ୍ଠାପର ସେବା, ପରକୁ ଆପଣାର କରିବା ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଗ୍ରାମବାସୀ ସମସ୍ତେ ତୁମକୁ ମନେ ପକାଉଛନ୍ତି । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବୋଉ, ସ୍ତ୍ରୀ, ସାନ ଭାଇ, ଭାଇ ବୋହୂ, ଭଉଣୀ-ଭିଣୋଇ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଡ୍ରାମା କଳାକାର ବୃନ୍ଦ ବନ୍ଧୁ ଓ ପରିବାରବର୍ଗ ଓ ଅଟଳା ଗ୍ରାମବାସୀ ବୃନ୍ଦ ।
ଧ-୭୬୮୫୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଅଲେଖ ଚନ୍ଦ୍ର ପଣ୍ଡା**
କୁଞ୍ଜପଦା, ବନମାଳୀପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ତା୧୬।୧୨।୧୯୪୮
ତିରୋଧାନ: ତା୨୨।୦୯।୨୦୨୦

ଆପଣ ଥିଲେ ଆମ ପାଇଁ ଆଦର୍ଶ ଓ ପ୍ରେରଣାର ସ୍ରୋତ । ଏମିତି କୌଣସି ଦିନ ନାହିଁ ଯେଉଁ ଦିନ ଆପଣ ମନେପଡ଼ି ନାହାଁନ୍ତି। ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୧୨୫୨



# Classified Everyday

0674-2580101, 9692975378



MATRIMONIAL


## GROOM WANTED

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



AUTOMOBILE
**SALE**

Voltix E-Scooter Lithium Battery Three Wheeler (For Handicrafts) only 345K.M. running. Brands new for sale. Contact: 9090533314. D-60986



REAL ESTATE
**SALE**

ପୁରୀ ବାଟମଙ୍ଗଳା ସମ୍ମୁଖ **200 ଫୁଟ Bypass** ରୋଡ୍ ପାଖରେ ଅତିଶୀଘ୍ର ଘର କରିବା ଯୋଗ୍ୟ ପ୍ଲଟ୍ ଡିସିମିଲକୁ **12 ଲକ୍ଷ୍ୟ ଟଙ୍କା।** ଯୋଗାଯୋଗ-**9438109040/ 8144658008.** D-2134

**1600sqft. new simplex House for ready to sale at Gopinathpur Nuasahi, Balugaon. Mob- 9938639685.** D-2146

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

**Commercial cum residential plot, Gharabari with compoundwall touching to NH-316 road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30= 2400sqft. highland from road level. @ 2750/- per sqft. 7809525452.** D-76594

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

## AFFIDAVIT

I, Chinmayee Biswal, W/o Surajit Biswal, resident of PP-56, Pandav Nagar, Bhubaneswar–751018, Dist: Khordha, Odisha declare by this affidavit No.1814 Dtd.- 26.09.2025 that now onwards I shall be known as Chinmayee Nayak for all future purposes.
CHINMAYEE NAYAK
D-2151

By virtue of an affidavit sworn before Executive Magistrate, Bhubaneswar, dated 20.09.2025, I, **Sambit Bhuyan,** Address- Plot- 91, Satya Nagar, Bhubaneswar, Khordha, Odisha- 751007 declare that I have changed the name of my daughter from **KANISHKA BHUYAN** to **KANISHKA KAMAL.** Henceforth, she shall be known as **KANISHKA KAMAL** for all purposes.
**SAMBIT BHUYAN**
D-2140

I, Mohammad Tauheed Alam, S/o- Mohammad Tahir Hussain, R/o- Raza Nagar, P.O.- Motijharan, P.S.- Dhanupali, Dist.- Sambalpur- 768001, Odisha declare by this affidavit No.- 3313, dated- 24.09.2025, that now onwards I shall be known as "MOHD TAUHEED ALAM" for all future purposes. D-2149

By virtue of an affidavit sworn before Executive Magistrate, Sadar, Cuttack No.- 8320, dated 06.12.2024, I, Jumena Swain, W/o- Late Bhramarabar Swain, At- Korakora, P.O.- Brahmanda, P.S.- Govindpur, Dist.- Cuttack, PIN- 754003 declare that I have changed my name from Jhumuri Swain to Jumena Swain. Henceforth, I shall be known as Jumena Swain for future purposes. D-2142

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର
ସି.ଏସ୍. ନଂ.-୧୦୨/୨୦୨୪
ଶ୍ରୀମତୀ ହରପ୍ରିୟା ମିଶ୍ର ....ବାଦୀ
ବନାମ
ରେଣୁପ୍ରଭା ମହାପାତ୍ର ଓ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ପ୍ରତିବାଦୀ ନଂ-୨ ହରପ୍ରିୟା ମିଶ୍ର, ସ୍ୱାମୀ- ହୃଷୀକେଶ ମିଶ୍ର, ସା/ପୋ- ଡିମିରି, ଥାନା-କଣାସ, ଜିଲ୍ଲା- ପୁରୀ, ପିନ୍-୭୫୨୦୧୭ ।

ଏତଦ୍ୱାରା ପ୍ରତିବାଦୀ ନଂ.-୨ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀଙ୍କ ନିମ୍ନୋକ୍ତ ଜମିକୁ ପ୍ରତିବାଦୀ ନଂ.-୨ ଚଞ୍ଚକତା କରି ବିକ୍ରୟ ଦଲିଲ ପ୍ରସ୍ତୁତ କରିଥିବାରୁ ଉକ୍ତ ଦଲିଲକୁ ଖାରଜ କରିବା ତଥା ଦାବି ସ୍ୱତ୍ୱ, ଅଧିକାର ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଘୋଷଣା ନିମନ୍ତେ ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ସି.ଏସ୍. ନଂ.- ୧୦୨/୨୦୨୪ ମୋକଦ୍ଦମା ମାନ୍ୟବର ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର ଦାଏର କରିଛନ୍ତି। ଉକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକ ଏବଂ କୋର୍ଟ ପ୍ରୋସେସ ସର୍ଭରଙ୍କ ମାଧ୍ୟମରେ ନୋଟିସ ଜାରି ହୋଇଥିଲା। ତେଣୁ ଉକ୍ତ ନୋଟିସ ସଠିକ ଠିକଣା ନ ପାଇବାରୁ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।
ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା୮।୧୦।୨୫ରିଖ ପୂର୍ବାହ୍ନ ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ମୌଜା- ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୫, (ହାଲ୍ ଥାନା- ଖଣ୍ଡଗିରି), ହାଲ୍ ଖାତା ନଂ.- ୨୦୩୬, ହାଲ୍ ପ୍ଲଟ୍ ନଂ.- ୩୦୩୩, ରକବା- ଏ୦.୦୫୦ଡି., କିସମ- ଶାରଦ ତିନି, ଚଞ୍ଚକତା ମ୍ୟୁଟେସନ ଖାତା ନଂ.- ୨୦୭୪/୧୬୮୯, ପ୍ଲଟ୍ ନଂ.-୩୦୩୩, ରକବା ଏ୦.୦୫୦ଡି. ଯାହାର ସାବକ ଖାତା ନଂ.- ୧୩୯, ପ୍ଲଟ୍ ନଂ.- ୧୨୦୨, କ୍ରୟ ବୃତ୍ତି ରକବା ଏ୦.୦୪୯ଡି. ଯାହାର ସାବକ ମ୍ୟୁଟେସନ ଖାତା ନଂ.- ୩୬୫/୧୫୦, ପ୍ଲଟ୍ ନଂ.-୧୨୦୨/୧୫୪୧, ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୨ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ଭୁବନେଶ୍ୱର
ତା.୨୬।୦୮।୨୦୨୫

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଧ-୨୧୫୦



କର୍ଣ୍ଣାଟକର ମହୀଶୂରଠାରେ ଦଶରା ଏୟାର ଶୋ' ଅବସରରେ ଶନିବାର ଭାରତୀୟ ବାୟୁସେନା ହେଲିକପ୍ଟର ପ୍ରଦର୍ଶନକାରୀ ଟିମ୍ 'ସରାଙ୍ଗ' ଆକାଶମାର୍ଗରେ ଯୁଦ୍ଧାଭ୍ୟାସ ପ୍ରଦର୍ଶନ କରୁଛି।

## ସଂକ୍ଷେପରେ

### ଚାଇନାର ଗାନ୍ସୁ ପ୍ରଦେଶରେ ଭୂକମ୍ପ

ବେଜିଂ,୨୭।୯

ଚାଇନାର ଗାନ୍ସୁ ପ୍ରଦେଶରେ ଶନିବାର ଭୋର ସମୟରେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୧ ଜଣ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଭୂକମ୍ପ ପ୍ରଭାବରେ ଛାତର ଟାଇଲ୍‌ଗୁଡ଼ିକ ଖସିପଡ଼ିଥିଲା। ଏଥିରେ ୧୭ଟି ଘର ଭାଙ୍ଗିଯାଇଥିବାବେଳେ ୩,୫୦୦ରୁ ଊର୍ଦ୍ଧ୍ୱ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଲୋଙ୍ଗକ୍ସି ଏବଂ ଝାଙ୍ଗଜିଆନ କାଉଣ୍ଟିରୁ ୭,୮୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୋର ୫ଟା ୪୯ ମିନିଟ୍ ସମୟରେ ଲୋଙ୍ଗକ୍ସି କାଉଣ୍ଟିରେ ସଂଘଟିତ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଚାଇନା ସରକାରଙ୍କ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା

**ବ୍ୟାଗ୍‌ରୁ ମିଳିଲା ମୃତଦେହ**

ଆଜମଗଡ଼,୨୭।୯

ଉତ୍ତରପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ସିଧାରୀରେ ଜଣେ ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶାହଜେବ୍ ନାମକ ବାଳକ ବୁଧବାର ଟିଉଶନ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଶୈଳେନ୍ଦ୍ର କୁମାର ନିଗମଙ୍କ ସହ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରେ ନିଖୋଜ ଏତଲା ଦିଆଯାଇଥିବାବେଳେ ଗୁରୁବାର ପିଲାର ଖଣ୍ଡିତ ମୃତଦେହ ମିଳିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ମୃତଦେହକୁ ଏକ ଅଖାରେ ରଖି ଜଣେ ପଡ଼ୋଶୀଙ୍କ ଫାଟକରେ ଝୁଲାଇ ଦିଆଯାଇଥିଲା। ଏହି ମାମଲାରେ ଶୈଳେନ୍ଦ୍ର, ରାଜା ନିଗମଙ୍କୁ ଗିରଫ କରାଯାଇଛି। ସେମାନେ ପୋଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ପାଲଟା ଗୁଳି ଚଳାଇଥିଲା।

### ଦିଲ୍ଲୀ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଜାମିନ



ଗଗନପ୍ରୀତ୍ କୌର

ନୂଆଦିଲ୍ଲୀ,୨୭।୯

ଦିଲ୍ଲୀରେ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣାରେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ପଟିଆଲା ହାଉସ୍ କୋର୍ଟ ଏହି ମାମଲାରେ ଶନିବାର ଅଭିଯୁକ୍ତ ଗଗନପ୍ରୀତ୍ କୌରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ ସହ ୨ଟି ସିଓରିଟି ଦାଖଲ କରି ଜାମିନରେ ଯିବା ପାଇଁ କୁହାଯାଇଛି। କୌରଙ୍କୁ ପାସ୍‌ପୋର୍ଟ ଦାଖଲ କରିବାକୁ କୁହାଯିବା ସହ ପ୍ରତି ଶୁଣାଣି ବେଳେ କୋର୍ଟରେ ଉପସ୍ଥିତ ରହିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ଜାମିନ ସମୟରେ ଗଗନପ୍ରୀତ୍ ନ୍ୟୁ ଲାଇଫ୍ ହସ୍ପିଟାଲ ଷ୍ଟାଫ୍ କିମ୍ବା ଅନ୍ୟ ସାକ୍ଷୀଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।

# ବ୍ରିକ୍ସକୁ ଘାରିଲା ଟାରିଫ୍ ଚିନ୍ତା

**ବହୁପାକ୍ଷିକ ବାଣିଜ୍ୟିକ ବ୍ୟବସ୍ଥାକୁ ମଜଭୁତ କରାଯିବା ଜରୁରୀ: ଏସ୍. ଜୟଶଙ୍କର**

ଜାତିସଂଘ/ନ୍ୟୁୟର୍କ,୨୭।୯



ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଅବିଚାରିତ ଭାବେ ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି ହେବା ସହ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକର କ୍ଷତି ହେଉଥିବା ବ୍ରିକ୍ସ ପକ୍ଷରୁ କୁହାଯାଇଛି।

୨୦୨୬ ବର୍ଷ ପାଇଁ ବ୍ରିକ୍ସରେ ଭାରତ ଅଧ୍ୟକ୍ଷତା କରିବ। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନ ପରିପ୍ରେକ୍ଷୀରେ ବ୍ରିକ୍ସ ବହିର୍ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ରିକ୍ସ ରାଷ୍ଟ୍ର ସମୂହ ପକ୍ଷରୁ ଏକ ମିଳିତ ଘୋଷଣାନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକା ପକ୍ଷରୁ ଲଗାଯାଉଥିବା ଟାରିଫ୍ ବିଶ୍ୱ ବାଣିଜ୍ୟ ପାଇଁ ଏକ ପ୍ରତିବନ୍ଧକ। ଭବିଷ୍ୟତରେ ଏହା ବାଣିଜ୍ୟିକ କାରବାର ପାଇଁ ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିବ। ଏଥିସହ ଅନ୍ତର୍ଜାତୀୟ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପରେ ଅନିଶ୍ଚିତତା ଉପୁଜାଇବ। ଏହା କେବଳ ବ୍ରିକ୍ସ ପାଇଁ ନୁହେଁ, ବରଂ ଅନ୍ୟ ଦେଶଗୁଡ଼ିକର ଅର୍ଥନୈତିକ ପ୍ରଗତିକୁ ପ୍ରଭାବିତ କରିବ। ବ୍ରିକ୍ସରେ ସାମିଲ ଥିବା ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ଏହି ଏକତରଫା ଟାରିଫ୍ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରି ଆମଦାନୀ ଶୁଳ୍କ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ନିୟମର ବିରୁଦ୍ଧାଚରଣ କରୁଛି ବୋଲି ଏହି ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏନେଇ ଜୟଶଙ୍କର କହିଛନ୍ତି, ସଂରକ୍ଷଣବାଦ ବୃଦ୍ଧି, ଟାରିଫ୍ ଭୋଲାଟିଲିଟି ଓ ଅଣଟାରିଫ୍ ପ୍ରତିବନ୍ଧକଗୁଡ଼ିକ ବାଣିଜ୍ୟର ସ୍ରୋତକୁ ପ୍ରଭାବିତ କରୁଥିବାରୁ ବ୍ରିକ୍ସ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବହୁପକ୍ଷବାଦ ଚାପରେ ରହିଛି, ବ୍ରିକ୍ସ ଏକ ଯଥାର୍ଥତାର ଦୃଢ଼ ସ୍ୱର ଭାବେ ଉଭା ହୋଇ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛି। ବିଶ୍ୱ ନାନା ଅସୁବିଧା ଦେଇ ଗତିକରୁଥିବାବେଳେ ବ୍ରିକ୍ସ ଶାନ୍ତି ପ୍ରତିଷ୍ଠା, ଆଲୋଚନା, କୂଟନୀତି ଓ ଅନ୍ତର୍ଜାତୀୟ ଆଇନର ଅନୁପାଳନକୁ ଗୁରୁତ୍ୱ ଦେବା ପାଇଁ ବାର୍ତ୍ତା ପ୍ରେରଣ କରିବା ଜରୁରୀ। ଜାତିସଂଘର ପ୍ରମୁଖ ଅଂଶ ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଜିଏ)କୁ ବ୍ରିକ୍ସ ଏକ ବ୍ୟାପକ ସଂସ୍କାର ପାଇଁ ଆହ୍ୱାନ ଦେବା ଉଚିତ। ପ୍ରଯୁକ୍ତି ଓ ନବଉନ୍ମେଷ ବ୍ରିକ୍ସର ପରବର୍ତ୍ତୀ ପର୍ଯ୍ୟାୟ ସହଯୋଗକୁ ପରିଭାଷିତ କରିବ ବୋଲି ଜୟଶଙ୍କର X ରେ ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ମନ୍ତ୍ରୀମାନେ ଆସନ୍ତାବର୍ଷ ଭାରତ କରିବାକୁ ଥିବା ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଛନ୍ତି। ଗତ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣକୁ ମଧ୍ୟ ବ୍ରିକ୍ସର ମିଳିତ ଘୋଷଣାନାମାରେ ନିନ୍ଦା କରାଯାଇଛି। ଆତଙ୍କବାଦ ପ୍ରତି ଶୂନ ସହନଶୀଳତାକୁ ଜୋର୍ ଦେବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ଆପଣାଉଥିବା ଦେଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏଥିରେ ପରାମର୍ଶ ଦିଆଯାଇଛି। ଜାତିସଂଘ ଏବଂ ୟୁଏନ୍‌ଏସ୍‌ସିରେ ଭାରତ ଓ ବ୍ରାଜିଲର ଆକାଂକ୍ଷାକୁ ବ୍ରିକ୍ସ ନିଜ ସମର୍ଥନ ଦୋହରାଇଛି।


### ମାର୍ଚ୍ଚ ସୁଦ୍ଧା ରୁପି ବଣ୍ଡ୍ ଆଣିବାକୁ ଯୋଜନା

ମୁମ୍ବାଇ,୨୭।୯(ରଏଟର୍ସ)

ବ୍ରିକ୍ସ ରାଷ୍ଟ୍ର ସମୂହ-ସମର୍ଥିତ ନ୍ୟୁ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତୀୟ ମୁଦ୍ରା ରୁପି ବଣ୍ଡ୍ ଜାରି କରିବାକୁ ଯୋଜନା କରିଛି। ତିନୋଟି ସୂତ୍ରରୁ ଏହି ବିଷୟ ଜଣାପଡ଼ିଥିବା ରଏଟର୍ସ ଏକ ରିପୋର୍ଟରେ ପ୍ରକାଶ କରିଛି। ପୂର୍ବରୁ ଚାଇନାର ୟୁଆନ୍ ଏବଂ ଦକ୍ଷିଣ ଆଫ୍ରିକୀୟ ମୁଦ୍ରା ର୍ୟାଣ୍ଡରେ ପାଣ୍ଠି ସଂଗ୍ରହ କରିଥିବା ଏନ୍‌ଡିବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ରୁପି ବଣ୍ଡ୍ ଜାରି ଲାଗି ଆଲୋଚନା କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୩-୫ ବର୍ଷିଆ ବଣ୍ଡ୍‌ଗୁଡ଼ିକରେ ୪୦୦ ନିୟୁତରୁ ୫୦୦ ନିୟୁତ ଡଲାର ପର୍ଯ୍ୟନ୍ତ ପାଣ୍ଠି ପ୍ରତିଷ୍ଠା କରାଯାଇପାରେ। ଚାଇନା ଓ ଭାରତ ନିଜ ନିଜ କରେନ୍ସିର ଅନ୍ତର୍ଜାତୀୟ ଗ୍ରହଣୀୟତାକୁ ବଢ଼ାଇବା ପାଇଁ ଜୋର୍ ଦେଉଥିବାବେଳେ ନିବେଶକମାନେ ମଧ୍ୟ ନିଜ ଆସେଟ୍ସକୁ ବିକଶିତ ମାର୍କେଟଗୁଡ଼ିକ ଊର୍ଦ୍ଧ୍ୱକୁ ନେଇ ଏଥିରେ ବିବିଧତା ଆଣିବାକୁ ଚାହୁଁଛନ୍ତି। ଏଭଳି ସମୟରେ ଏନ୍‌ଡିବି ରୁପି ବଣ୍ଡ୍ ଅଣିବା ପାଇଁ ଭାରତ ସରକାର ଓ ନିୟନ୍ତ୍ରକଙ୍କ ସହ କାର୍ଯ୍ୟ କରୁଛି ବୋଲି ବ୍ୟାଙ୍କର ଚିଫ୍ ଫାଇନାନ୍ସିଆଲ ଅଫିସର ରଏଟର୍ସକୁ ସୂଚନା ଦେଇଛନ୍ତି। ତେବେ ଆର୍‌ବିଆଇର ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ପ୍ରକାଶ ଯେ, ଆମେରିକୀୟ ଡଲାରର ପ୍ରଭୁତ୍ୱ ହ୍ରାସ ପାଇଁ ବ୍ରିକ୍ସର କୌଣସି ପ୍ରକାର କରେନ୍ସି ଅଣାଗଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ କଷାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇ ଆସୁଥିବାବେଳେ ରୁପି ବଣ୍ଡ୍ ଆଣିବା ଯୋଜନା ତାଙ୍କୁ ଆହୁରି କ୍ଷୁବ୍ଧ କରିପାରେ।

### ୱାଙ୍ଗଚୁକ୍‌ଙ୍କ ପାକିସ୍ତାନ ଲିଙ୍କ୍‌ର ତଦନ୍ତ ଜାରି

ଲେହ୍,୨୭।୯(ପି.ଟି.)



ସୋନମ୍ ୱାଙ୍ଗଚୁକ୍

ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ୬,୦୦୦ ବିକ୍ଷୋଭକାରୀ ବୁଧବାର ପୋଡ଼ାଜଳା ଓ ଟେକାମାଡ଼ କରିଥିଲେ। ସେମାନେ ସରକାରୀ ବିଲ୍ଡିଂ ଭଙ୍ଗାରୁଜା କରିବା ସହ ଭାଜପା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ଓ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ ଏବଂ ଗୁଳିଚାଳନା କରିଥିଲା। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ୧୭ ସିଆର୍‌ପିଏଫ୍ ଯବାନ ଓ ୭୦ ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କ ଉତ୍ତେଜିତ ଭାଷଣକୁ ଦାୟୀ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ସହ ୱାଙ୍ଗଚୁକ୍‌ଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍.ଡି. ସିଂ ଜମୱାଲ ଶନିବାର କହିଛନ୍ତି। ୱାଙ୍ଗଚୁକ୍‌ଙ୍କୁ ଶୁକ୍ରବାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରାଯାଇପାରିବ ନାହିଁ। ତେବେ ସେ ତାଙ୍କ ଭାଷଣରେ ଆରବ ସ୍ପ୍ରିଙ୍ଗ୍ ଏବଂ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କାରେ ଘଟିଥିବା ବିଦ୍ରୋହ ସମ୍ପର୍କରେ କହି ଲୋକମାନଙ୍କୁ ଉତ୍ତେଜିତ କରିଥିଲେ ବୋଲି ପୋଲିସ ମୁଖ୍ୟ କହିଛନ୍ତି।

### ଲେହ୍‌ରେ କର୍ଫ୍ୟୁ ୪ ଘଣ୍ଟା କୋହଳ

ଲେହ୍,୨୭।୯(ପି.ଟି.)

ଲଦାଖର ହିଂସା ପ୍ରଭାବିତ ଲେହ୍ ସହରରେ ବୁଧବାରଠାରୁ କର୍ଫ୍ୟୁ ଜାରି ରହିଥିବାବେଳେ ଶନିବାର ଅପରାହ୍ନରେ ପର୍ଯ୍ୟାୟକ୍ରମେ ୪ ଘଣ୍ଟା ପାଇଁ ଏହାକୁ କୋହଳ କରାଯାଇଛି। ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନଗୁଡ଼ିକରେ ଲମ୍ବା ଲାଇନ୍ ଲଗାଇଥିବା ଦେଖାଯାଇଛି। ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ଗିରଫ ହେବା ପରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ଶନିବାର ସକାଳଠାରୁ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ପାଟ୍ରୋଲିଂକୁ ଜୋରଦାର କରିଛି। କର୍ଫ୍ୟୁ କୋହଳ ସମୟରେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଲେହ୍ ପୁରୁଣା ସହରରେ ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୧ଟାରୁ ୩ଟା ଏବଂ ନୂତନ ଅଞ୍ଚଳରେ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି।

### ସଂସଦୀୟ କମିଟି କାର୍ଯ୍ୟକାଳ ୨ ବର୍ଷ ହୋଇପାରେ

ନୂଆଦିଲ୍ଲୀ,୨୭।୯(ପି.ଟି.)

ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ସହ ପରାମର୍ଶ କରି ସରକାର ସଂସଦୀୟ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷ କରିବାକୁ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। କମିଟିଗୁଡ଼ିକର ନୂଆ କାର୍ଯ୍ୟକାଳ ସେପ୍ଟେମ୍ବର ଶେଷଭାଗ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଆରମ୍ଭ ହୋଇଥାଏ। ଏହାର କାର୍ଯ୍ୟକାଳ ବଢ଼ାଇବା ପାଇଁ କେତେଜଣ ସଦସ୍ୟ ନିବେଦନ କରିଥିଲେ। ନୂଆ ଲୋକ ସଭା ଗଠନ ପରେ ବିଭିନ୍ନ ଦଳ ସହ ପରାମର୍ଶ କରି କମିଟି ଗଢ଼ାଯାଇଥାଏ। ସମ୍ପ୍ରତି ୨୪ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ରହିଛି। ସେଥିରୁ ୮ଟିରେ ରାଜ୍ୟ ସଭା ସଦସ୍ୟ ଅଧ୍ୟକ୍ଷ ଥିବାବେଳେ ୧୬ଟିରେ ଲୋକ ସଭା ସଦସ୍ୟ ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ବିଲ୍ ଅନୁଧ୍ୟାନ ପାଇଁ ଅର୍ଥ କମିଟି ଓ ଅସ୍ଥାୟୀ କମିଟି ଗଢ଼ାଯାଇଥାଏ।

### 'ଆଇ ଲଭ୍ ମହମ୍ମଦ' ବିବାଦ ପଛର ମୁଖ୍ୟ ଅଭିଯୁକ୍ତ ମୌଲବୀ ଗିରଫ

ବରେଲି,୨୭।୯(ପି.ଟି.)



ତୌକିର ରଜା ଖାନ୍

ଉତ୍ତରପ୍ରଦେଶର ବରେଲିରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭ କରିବା ଲାଗି ଆହ୍ୱାନ ଦେଇଥିବା ସ୍ଥାନୀୟ ମୌଲବୀ ତଥା ଇତ୍ତେହାଦ-ଇ-ମିଲାତ କାଉନ୍ସିଲ୍ ମୁଖ୍ୟ ତୌକିର ରଜା ଖାନ୍‌ଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିଛି। ବରେଲିରେ ଶୁକ୍ରବାର ନମାଜପାଠ ପରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଏହା ପଛର ମାଷ୍ଟରମାଇଣ୍ଡ ରାଜା ଓ ଅନ୍ୟ ୭ ଜଣଙ୍କୁ ଶନିବାର ସ୍ଥାନୀୟ ଅଦାଲତ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲ ଯାଇଥିବା ଅନ୍ୟ ୭ ଜଣ ହେଲେ ସରଫରାଜ, ମୁନିଫୁଦ୍ଦିନ୍, ଅଜିମ ଅହମଦ, ମହମ୍ମଦ ଶରିଫ, ମହମ୍ମଦ ଆମିର, ରେହାନ ଏବଂ ମହମ୍ମଦ ସରଫରାଜ। ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ପୋଲିସ ୩୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ରାଜାଙ୍କ ସମେତ ୨୫ ଜଣ ଏବଂ ୨୦୦ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି।

ହିଂସାତ୍ମକ ବିକ୍ଷୋଭ ପରେ ବାରାବାଙ୍କୀ ଏବଂ ମଉ ଜିଲାରେ ଉତ୍ତେଜନା ଲାଗି ରହିଛି। ଶନିବାର ଉକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ ହୋଇଥିବାବେଳେ ଇଣ୍ଟରନେଟ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅପରାଧମାନଙ୍କୁ ଧରିବା ପାଇଁ ପୋଲିସ ଶୁକ୍ରବାର ରାତିରେ ଘରକୁ ଘର ଯାଇ ଚଢ଼ାଉ କରିଥିଲା।

## ଗାଜାରେ ଏୟାରଷ୍ଟ୍ରାଇକ୍ : ୪୪ ମୃତ

ଡେଇର୍ ଅଲ୍-ବଲାହ,୨୭।୯

ଗାଜାରେ ଶନିବାର ସକାଳେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟ ଚାପ ବଢୁଥିବାବେଳେ ଯୁଦ୍ଧ ଜାରି ରଖିବା ଜିଦ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଟଳ ରହିଛନ୍ତି। କେନ୍ଦ୍ରୀୟ ଓ ଉତ୍ତର ଗାଜାରେ ଶନିବାର ଭୋର ସମୟରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ନୁସେଇରାତ ଶରଣାର୍ଥୀ କ୍ୟାମ୍ପ୍‌ରେ ଥିବା ଏକ ଘର ଉପରେ ଆକ୍ରମଣ ହେବାରୁ ଗୋଟିଏ ପରିବାରର ୯ ଜଣ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ନେତାନ୍ୟାହୁଙ୍କ ଭାଷଣର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି। ଗାଜାରେ ଧ୍ୱଂସକାରୀ ଯୁଦ୍ଧ ଜାରି ରହିବ ଏବଂ ହମାସ୍ ବିରୋଧରେ ଆମେ ଆମ କାମ ଶେଷ କରିବୁ ବୋଲି ନେତାନ୍ୟାହୁ କହିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଫ୍ରାନ୍ସ, ବ୍ରିଟେନ ସମେତ ଅନେକ ଦେଶ ସ୍ୱୀକୃତି ପ୍ରଦାନ କରିଥିବାରୁ ନେତାନ୍ୟାହୁ ଏହାର ନିନ୍ଦା କରିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଇସ୍ରାଏଲ୍ ସ୍ୱୀକୃତି ଦେବା ଅତ୍ୟନ୍ତ ପାଗଳାମି ହେବ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ଚାପ ବଢ଼ିବା ସହ ଇସ୍ରାଏଲ୍ ଏକପ୍ରକାର ଏକଘରିକିଆ ହୋଇଯାଇଛି। ପାଲେଷ୍ଟାଇନ୍ ରାଷ୍ଟ୍ରକୁ ସମର୍ଥନ କରୁଥିବା ଦେଶ ସଂଖ୍ୟା ବଢ଼ିଚାଲିଛି। ଯୁଦ୍ଧବିରତି ଲାଗି ଇସ୍ରାଏଲ୍ ଉପରେ ଚାପ ପକାଇବାକୁ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି।



ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ପରେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର କୋଠାଗୁଡ଼ିକରୁ ଧୂଆଁ ଉଠୁଛି।

## ପ୍ରେମରେ ତୃପ୍ତି



ତୃପ୍ତି ଡିମ୍ରୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ତୃପ୍ତି ଡିମ୍ରୀ। ବ୍ୟବସାୟୀ ତଥା ମଡେଲ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦୁହେଁ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ସୋସିଆଲ ମିଡିଆରେ କେବଳ କିଛି ଫଟୋ ସମ୍ପର୍କ ଉପରେ ମୋହର ଲଗାଉଛି।

ଶ୍ୟାମ ମର୍ଚ୍ଚାଣ୍ଟ ପ୍ରଥମେ ମଡେଲିଂ ଜଗତରେ ନାଁ କମାଇବା ପରେ ବ୍ୟବସାୟରେ ପାଦ ଥାପିଥିଲେ। ତୃପ୍ତି ବଲିଉଡରେ ବହୁ ବର୍ଷ ଧରି କାମ କରୁଛନ୍ତି। ସେ ଆନିମଲ ଫିଲ୍ମରେ ରଣବୀର କପୁରଙ୍କ ସହ ଅଭିନୟ କରି ରାତାରାତି ପାଲଟି ଯାଇଥିଲେ ଷ୍ଟାର। ନିକଟରେ ଫିଲ୍ମ 'ଧଡ଼କ ୨'ରେ ସେ ନଜର ଆସିଥିଲେ। ଏହି ଫିଲ୍ମରେ ତାଙ୍କର ଅଭିନୟ ଖୁବ ପ୍ରଶଂସା ପାଇଥିଲା। ତୃପ୍ତି ତାଙ୍କ ବୋଲ୍ଡ ଅନ୍ଦାଜ ପାଇଁ ଜଣାଶୁଣା। ସୋସିଆଲ ମିଡ଼ିଆରେ ତୃପ୍ତି ନିୟମିତ ଫଟୋ ଓ ଭିଡ଼ିଓ ଶେୟାର କରନ୍ତି, ଯାହା ଇଣ୍ଟରନେଟରେ ଭାଇରାଲ ହୋଇଥାଏ। ତେବେ ଏବେ ତାଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗାମୀ ଦିନରେ ତାହା ସ୍ପଷ୍ଟ ହେବ ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଏସିଆ କପ୍**

ଦୁବାଇ,୨୭।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍ଟେଜ୍ ଟାଇଟଲ ଲଢ଼େଇରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରେ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଫାଇନାଲରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ତେବେ ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ଯଦି ଭାରତ ରବିବାର ଫାଇନାଲ ଜିତେ, ତେବେ ନବମଥର ପାଇଁ ଟ୍ରଫି ଉଠାଇବ। ଅନ୍ୟପକ୍ଷରେ ପାକିସ୍ତାନ ମାତ୍ର ଦୁଇଥର ଏସିଆ କପ୍ ଜିତିଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜେୟ ରହି ଲଗାତର ୬ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଓପ୍‌ନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂକରି ୨୦୦ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ୩ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ସର୍ବାଧିକ ୩୦୯ ରନ୍ କରିଛନ୍ତି। ବୋଲିଂରେ କୁଲ୍‌ଦୀପ ଯାଦବ ସର୍ବାଧିକ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ଲିଗ୍ ଓ ସୁପର-୪ ପର୍ଯ୍ୟାୟରେ ଭାରତଠାରୁ ପରାସ୍ତ ହୋଇଥିବା



ପାକିସ୍ତାନ ଅନ୍ୟ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛି। ଏଠାରେ ପାକିସ୍ତାନ ଫାଇନାଲ ଫଳାଫଳରେ ପରିବର୍ତ୍ତନ କରିବା ସହ ୨୦୧୨ ପରେ ପ୍ରଥମଥର ଏସିଆ କପ୍ ଜିତିବା ଲକ୍ଷ୍ୟରେ ରହିଛି। ପାକିସ୍ତାନ ପାଇଁ ବ୍ୟାଟରଙ୍କ ମଧ୍ୟରେ ସାହିବଜାଦା(୧୬୦ ରନ୍) ଓ ଫଖର ଜମାନ(୧୩୫) ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ଶାହିନ ଶାହ ଆଫ୍ରିଦୀ ଓ ହାରିସ ରୌଫ୍ ୯ ଲେଖାଏ ଏବଂ ସଇମ ଆୟୁବ ୮ ଉଇକେଟ ନେଇଛନ୍ତି।

ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୧୫ଟି ଟି୨୦ ଖେଳାଯାଇଥିବା ବେଳେ ଭାରତ ୧୨ଥର ବିଜୟୀ ହୋଇଛି। ପାକିସ୍ତାନ ମାତ୍ର ୩ଥର ବିଜୟ ସ୍ୱାଦ ଚାଖିଛି। ଗତ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୭୧ ରନ୍‌ର ଟାର୍ଗେଟ୍‌କୁ ଭାରତ ୪ ଉଇକେଟ ହରାଇ ୭ ବଲ୍ ପୂର୍ବରୁ ହାସଲ କରିନେଇଥିଲା। ଏଣୁ ରେକର୍ଡ ଓ ପ୍ରଦର୍ଶନ ଦୃଷ୍ଟିକୋଣରୁ ଭାରତ ମ୍ୟାଚ୍ ଜିତିବା ଲାଗି ଫେଭରାଇଟ୍। ତେବେ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ଭାରତ ଅପେକ୍ଷା ପାକିସ୍ତାନର ପଲା ଭାରି ରହିଛି। ଏହି ଦଳ ଦ୍ୱୟ ମଧ୍ୟରେ ୫ଥର ଫାଇନାଲ ଖେଳାଯାଇଥିବା ବେଳେ ୩ଥର ପାକିସ୍ତାନ ବାଜି ମାରିଛି। ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଓପ୍‌ନର ଅଭିଷେକ ଶର୍ମା ଏବଂ ପାକିସ୍ତାନର ଘାତକ ପେସର ଶାହିନ ଶାହ ଆଫ୍ରିଦୀଙ୍କ ମଧ୍ୟରେ ହେବାକୁ ଥିବା ମୁକାବିଲା ନିର୍ଣ୍ଣାୟକ ହେବ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ କହିଛନ୍ତି।

**ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ୍(ଉପଅଧିନାୟକ), ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମ୍‌ସନ(ଉଇକେଟ୍‌କିପର), ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ/ଅର୍ଶଦୀପ ସିଂ।

**ପାକିସ୍ତାନ ଦଳ:** ସାହିବଜାଦା ଫର୍ହାନ, ଫଖର ଜମାନ, ସଇମ ଆୟୁବ, ସଲମାନ ଆଘା (ଅଧିନାୟକ), ହୁସେନ ତାଲତ, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ଫହିମ ଆଶ୍ରଫ, ଶାହିନ ଆଫ୍ରିଦୀ, ହାରିସ ରୌଫ, ଆବ୍ରାର ଅହମ୍ମଦ।

ମ୍ୟାଚ୍ ସମୟ- ରାତି ୮ଟା
ସ୍ଥାନ - ଦୁବାଇ
ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ

## ନକ୍‌ଭି ଉପସ୍ଥିତ ରହିବେ

ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକ୍‌ଭି ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ଫାଇନାଲରେ ଉପସ୍ଥିତ ରହିବେ। କିନ୍ତୁ ମ୍ୟାଚ୍ ପରବର୍ତ୍ତୀ ଟ୍ରଫି ପ୍ରଦାନ ଉତ୍ସବବେଳେ ଭାରତୀୟ ଦଳର ପ୍ରତିକ୍ରିୟା ଦେଖିବା କୌତୂହଳପୂର୍ଣ୍ଣ ହେବ। ନକଭି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ମଧ୍ୟ ରହିଛନ୍ତି। କୌଣସି ବୋର୍ଡ ମୁଖ୍ୟ ମ୍ୟାଚ୍ ଦେଖିବାକୁ ଆସିବା କିଛି ବଡ଼କଥା ନୁହେଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ଏସିସି ମୁଖ୍ୟ ଥିବାରୁ ଟ୍ରଫି ପ୍ରଦାନ ଉତ୍ସବରେ ତାଙ୍କର ଉପସ୍ଥିତି ନିହାତି ଦରକାର। ଚାମ୍ପିୟନ ଟିମ୍‌ର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିବା ସହ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇବା ତାଙ୍କ ଅଧିକାର। ପାକିସ୍ତାନ ବିପକ୍ଷ ମ୍ୟାଚ୍ ବେଳେ ଭାରତୀୟ ଦଳ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିଲା। ଏଣୁ ବିସିସିଆଇ ଏହାର ଖେଳାଳିଙ୍କୁ ପିସିବି ମୁଖ୍ୟଙ୍କ ସହ ହାତ ମିଳାଇବାକୁ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ତେବେ ନକ୍‌ଭିଙ୍କ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରି ନାହିଁ।

## ଅଭିଷେକ, ହାର୍ଦ୍ଦିକ ଆହତ

ଓପନର ଅଭିଷେକ ଶର୍ମା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ କ୍ରାମ୍ପର ସମ୍ମୁଖୀନ ହୋଇ ପଡ଼ିଆରୁ ଚାଲିଯାଇଥିଲେ। ଏପରିକି ପାଣ୍ଡ୍ୟା କ୍ରାମ୍ପ କାରଣରୁ ମାତ୍ର ୧ ଓଭର ବୋଲିଂ କରିଥିଲେ। ସେ ପ୍ରଥମ ଓଭର ବୋଲିଂ କରିବା ପରେ ପଡ଼ିଆରୁ ଯାଇଥିବା ବେଳେ ଅଭିଷେକ ୯.୨ ଓଭରରେ ପଡ଼ିଆ ଛାଡ଼ିଥିଲେ ଏବଂ ସୁପର ଓଭରରେ ବ୍ୟାଟିଂ କରିବାକୁ ମଧ୍ୟ ଓହ୍ଲାଇ ନ ଥିଲେ। ଏଥିଯୋଗୁ ସୁପର ଓଭରରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଶୁବମନ ଗିଲ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି କ୍ରାମ୍ପର ସମ୍ମୁଖୀନ ହେବା ପରେ ଆଇସ୍ ବାଥ ନେଇଥିଲେ। ସେମାନେ ଏବେ କେବଳ ବିଶ୍ରାମ ନେବେ। ପରେ ଖେଳାଳିଙ୍କ ଲାଗି ପୁଲ ସେଶନ ରଖାଯାଇଛି। ସେମାନଙ୍କୁ ମସାଜ୍ ଦିଆଯିବ। ଏଣୁ ସେମାନେ ମ୍ୟାଚ୍ ବେଳକୁ ଫିଟ୍ ହୋଇଯିବେ, ଏହା ଆମେ ଆଶା ରଖିଛୁ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ରଶ୍ମିକା-କପିଳଙ୍କୁ ସ୍ୱର୍ଣ୍ଣ



**ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍**

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଟପ୍-ଟୁ ପୋଡିୟମ ଫିନିଶ କରିଥିବା ବେଳେ ସ୍କିଟ୍ ବିଶାରଦ ରାଇଜା ଧିଲୋଁ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ନିକଟରେ କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୦ ମିଟର ଏୟାର ପିସ୍ତଲ ମହିଳା ଓ ପୁରୁଷ ସ୍ୱର୍ଣ୍ଣ ଜିତିଥିବା ରଶ୍ମିକା ସହଗଲ ଓ କପିଲ ଯୋଡ଼ି ଏଠାରେ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଜିତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ଏହି ଯୋଡ଼ି ଟାଇଟଲ ରାଉଣ୍ଡରେ ଅନ୍ୟ ଭାରତୀୟ ଯୋଡ଼ି ବଂଶିକା ଚୌଧାରୀ ଓ ଆନ୍ଥୋନୀ ଜୋନାଥନ ଗାଭିନଙ୍କୁ ୧୬-୧୦ରେ ହରାଇ ଦେଇଛନ୍ତି। ସ୍ପାନିଶ ଯୋଡ଼ି ଇନେସ ଓର୍ଟେଗା ଇନେସ ଓର୍ଟେଗା କାଷ୍ଟ୍ରୋ ଓ ଲୁକାସ ସାଞ୍ଚେଜ ୧୬-୧୪ରେ ଇରାନର ପାରିମାହ ଆମିରି ଓ ମହମାଦ୍ରେଜା ଅହମଦିଙ୍କୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲେ।

# ଶୀତଲ, ତୋମାନଙ୍କୁ ସ୍ୱର୍ଣ୍ଣ ପଦକ

**ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍**

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୭।୯ (ପି.ଟି.)

ଭାରତ ଏଠାରେ ଚାଲିଥିବା ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ ଜାରି ରଖିଛି। ଶନିବାର ତୀରନ୍ଦାଜମାନଙ୍କ ପାଇଁ ଭଲ ଦିନ ଥିଲା। ୧୮ବର୍ଷୀୟା ଶିତଲ ଦେବୀ ପ୍ରଥମ ଭାରତୀୟ ଆର୍ମଲେସ୍ ଆର୍ଚର ଭାବେ କମ୍ପାଉଣ୍ଡ ବ୍ୟକ୍ତିଗତ ବିଭାଗରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତୋମାନ କୁମାର ପୁରୁଷ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଫଳତଃ ଭାରତ ଦୁଇ ବିଶ୍ୱ ଚାମ୍ପିୟନ ସୃଷ୍ଟି କରିବା ସହ ପଦକ ସଂଖ୍ୟା ୫କୁ ବୃଦ୍ଧି କରିପାରିଛି। ଶିତଲ ବିଶ୍ୱର ନମ୍ବର-୧ ତଥା ତୁର୍କୀର ଓଜ୍‌ନୁର କିୟୋର ଗିର୍ଦ୍ଦିଙ୍କୁ ୧୪୬-୧୪୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ସହ ଇତିହାସ ପୁସ୍ତକରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ତୀରନ୍ଦାଜ ଟୁର୍ନାମେଣ୍ଟରେ ହାତ ବିହୀନ ପ୍ରତିଯୋଗୀ ଥିଲେ। ପ୍ରତିଯୋଗିତାରେ ସେ ତାଙ୍କ ପାଦ ଓ ଥୋଡ଼ିର ସହାୟତା ନେଇଥିଲେ। ଏହା ପୂର୍ବରୁ ଜଣେ ହାତ ବିହୀନ ତୀରନ୍ଦାଜ ୨୦୨୨ରେ ଦୁବାଇ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ମଟ୍ଟାଟ୍ ଷ୍ଟୁଜ୍‌ମାନ। ଶିତଲ ପୂର୍ବରୁ ତୋମାନ କୁମାରଙ୍କୁ ସାଥୀ କରି ମିକ୍ସଡ ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗ୍ରେଟ୍ ବ୍ରିଟେନର ଜୋଡି ଗ୍ରିନ୍‌ହାମ୍ ଓ ନାଥାନ ମ୍ୟାକ୍‌କୁଇନ୍‌ଙ୍କୁ ୧୫୨-୧୪୯ରେ ହରାଇ ଦେଇଛନ୍ତି। ସେହିପରି ମହିଳା କମ୍ପାଉଣ୍ଡ ଓପନ ଟିମ୍ ଇଭେଣ୍ଟ ଫାଇନାଲରେ ତୁର୍କୀଠାରୁ ପରାଜିତ ହୋଇ ରୌପ୍ୟ ଜିତିଥିଲେ ଶିତଲ ଓ ସରିତା। ପରେ ଏକ ଅଲ୍-ଇଣ୍ଡିଆନ ଫାଇନାଲରେ ରାକେଶ କୁମାର ଓହରିଯିବାରୁ ତୋମାନ ପୁରୁଷ କମ୍ପାଉଣ୍ଡ ଟାଇଟଲ ଜିତିଥିଲେ। ରାକେଶ ହେଉଛନ୍ତି ଜଣେ ପ୍ୟାରିସ ପାରାଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା। ତାଙ୍କ ଧନୁରେ ଏକ ପୁଲି ସମସ୍ୟା ଦେଖାଦେବାରୁ ୪ଟି ଶଟ୍ ପରେ ସେ ଓହରିଯାଇଥିଲେ। ଫଳତଃ ତୋମାନ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ପଦାର୍ପଣରେ ଚାରି ଉତ୍ତମ ତୀରଚାଳନା ସହ ଟାଇଟଲ ବିଜୟୀ ହୋଇଥିଲେ।

## ସୁନୀଲ ଯୋଶୀ ସ୍ପିନ୍ ବୋଲିଂ କୋଚ୍

ନୂଆଦିଲ୍ଲୀ,୨୭।୯

ଭାରତର ପୂର୍ବତନ ସ୍ପିନର ସୁନୀଲ ଯୋଶୀ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ସ୍ପିନ୍ ବୋଲିଂ କୋଚ୍ ଭାବେ ଅକ୍ଟୋବର ୧ରେ ଯୋଗଦେବେ। ୫୫ ବର୍ଷୀୟ ପୂର୍ବତନ ସ୍ପିନର ନିକଟରେ ଶେଷ ହୋଇଥିବା ଦୁଲୀପ ଟ୍ରଫି ସହ ଜଡ଼ିତ ରହି ଅଷ୍ଟ୍ରେଲିଆ ଏ' ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏ' ସହିତ ଟ୍ରାଭେଲ କରିଥିଲେ। ଯୋଶୀ ସିଓଇରେ ଯୋଗ ଦେଇଥିବାରୁ ପଞ୍ଜାବ କିଙ୍ଗ୍ସକୁ ଜଣେ ନୂଆ ଆସିଷ୍ଟାଣ୍ଟ କୋଚ୍ ଖୋଜିବାକୁ ପଡ଼ିବ। ଆଇପିଏଲ୍ ଛଡ଼ା ଯୋଶୀ ଘରୋଇ କ୍ରିକେଟ୍‌ରେ ଉତ୍ତର ପ୍ରଦେଶ ଦଳର କୋଚ୍ ଓ ବାଂଲାଦେଶର ସ୍ପିନ୍ ବୋଲିଂ ପରାମର୍ଶଦାତା ରହିଥିଲେ। ଯୋଶୀଙ୍କ ପୂର୍ବରୁ ସାଇରାଜ ବାହୁତୁଲେ ସିଓଇରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ଚଳିତବର୍ଷ ରାଜସ୍ଥାନ ରୟାଲ୍ସ ସହ ଯୋଡ଼ିହେବା ପାଇଁ ନିଜ ପଦରୁ ଇସ୍ତଫା ଦେଇଥିଲେ।

## ନିଖିଳ ଓଡ଼ିଶା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର/ ବ୍ରାହ୍ମଣଝରିଲୋ, ୨୭।୯(ଅନାଦି କର)

କଟକସ୍ଥିତ ଫୁଲନଖରାର ଆମ୍ରପଲ୍ଲୀ ରିର୍ସଟରେ ଶନିବାର ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍ ଆର ନିଖିଳ ଓଡ଼ିଶା ଫିଡେ ରେଟେଡ଼ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଲିମ୍ପିଆନ ତଥା ଦୌଡ଼ ରାଣୀ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍ ଆର୍ ଚେସ୍ ସେଣ୍ଟର ତରଫରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଜଣ ଅନ୍ତର୍ଜାତୀୟ ରେଟେଡ଼ ଖେଳାଳିଙ୍କ ସହ ୫୩ ଜଣ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିହୀନ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ଭାଗ ନେଇଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ଶ୍ରୀୟାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ରବିନ୍ଦ୍ର କୁମାର ଓଝା, ସୌୟମ ଲକ୍ଷ୍ମୀଦତ୍ତ ସାବତ୍ତ, ସୁଧୀର ମହାନ୍ତି, ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କ ସହ ୭୦ ଜଣ ଖେଳାଳି ସମ୍ପୂର୍ଣ୍ଣ ୨ ପଏଣ୍ଟ ଲେଖାଏ ଅର୍ଜନ କରି ଶୀର୍ଷରେ ରହିଛନ୍ତି। ଏସ୍.ଆର. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦୂରଦର୍ଶୀର ସମ୍ପାଦକ ତଥା ଯୁବ ସଂଗଠକ ଦୁର୍ଗା ସାମନ୍ତ ରାୟ, ରାଜ୍ୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ଉବେଶ ମହାନ୍ତି, କେନ୍ଦୁଝର ଜିଲା ଚେସ୍ ସଂଘର ସମ୍ପାଦକ ଅମର ମହାନ୍ତି, ସ୍ୱର୍ଗତ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ଓ ବଡ଼ ବାପା ପ୍ରତାପ ପଣ୍ଡା ଯୋଗ ଦେଇଥିଲେ। ଆଜିର ପ୍ରଥମ ରାଉଣ୍ଡକୁ କଟକ ଜିଲା ସଂଘ ମେଣ୍ଟର ଚୌଧୁରୀ ପ୍ରଦିମ୍ନ ମିଶ୍ର ଓ ଦ୍ୱିତୀୟ ରାଉଣ୍ଡକୁ ବଲାଙ୍ଗୀର ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଆରମ୍ଭ କରିଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତା ବେଣୁଧର ଦାଶ ଓ ଅଜୟ ଦାଶଙ୍କୁ କ୍ରୀଡ଼ା ଖବରଦାତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏସ୍ ଆର୍ ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଅତିଥି ସମ୍ମାନିତ କରୁଛନ୍ତି।

**ଜୁନିୟର ମହିଳା ହକି**

## ଭାରତର ଦ୍ୱିତୀୟ ପରାଜୟ

କାନବେରା, ୨୭।୯(ପି.ଟି.)

ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତର ଜୁନିୟର ମହିଳା ହକି ଦଳ ସେଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଦଳ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲ୍‌ରେ ପରାଜିତ ହୋଇଛି। ଆୟୋଜକ ଦଳ ତରଫରୁ ମାକେଲା ଜୋନ୍ସ ହାଟ୍ରିକ୍(୧୦ମ, ୧୧ଶ, ୫୨ତମ ମିନିଟ୍) ଗୋଲ୍ ସ୍କୋର କରିଥିବା ବେଳେ ସାମି ଲଭ୍(୩୮ତମ) ଓ ମିଗାଲିୟା ହାୱେଲ(୫୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ପରାଜିତ ହୋଇଥିଲା।




ନୂଆଦିଲ୍ଲୀସ୍ଥିତ ଜବାହରଲାଲ ଷ୍ଟାଡିୟମରେ ଚାଲିଥିବା ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୫ର ଜାଭେଲିନ୍ ଥ୍ରୋ ଏଫ୍‌୪୬ ଫାଇନାଲରେ ଥ୍ରୋ କରୁଛନ୍ତି ଉଜ୍‌ବେକିସ୍ତାନର ଶାହିନାଖୋନ ୟିଗିତାଲିଭା।

# ଥେକ୍ରା ଅଲ୍‌କାବିଙ୍କ ବିଶ୍ୱ ରେକର୍ଡ

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ**

ନୂଆଦିଲ୍ଲୀ, ୨୭।୯(ପି.ଟି.)

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଦିବସରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଅପ୍ରତିଦ୍ୱନ୍ଦ୍ୱୀ ଥେକ୍ରା ଅଲ୍‌କାବି ମହିଳା ୧୦୦ ମିଟର ଟି୭୧ ଫ୍ରେମ୍ ରନିଂ ଇଭେଣ୍ଟରେ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଅଲ୍‌କାବି ୧୯.୮୯ ସେକେଣ୍ଡ ଟାଇମିଂରେ ରେକର୍ଡ ପ୍ରତିଷ୍ଠା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି, ଯେଉଁଥିରେ କି ପ୍ରତିଯୋଗୀମାନେ ଏକ ତିନିଚକିଆ ରନିଂ ଫ୍ରେମ୍ ବ୍ୟବହାର କରିଥିଲେ। ଏଥିରେ ସ୍ୟାଡେଲ ଓ ବଡି ସପୋର୍ଟ ରହିଛି, କିନ୍ତୁ ପ୍ୟାଡେଲ ନାହିଁ। ଚଳିତବର୍ଷ ଜୁଲାଇରେ ଲିଥୁଆନିଆର ବେଲା ମୋର୍କସ ୨୦.୦୮ ସେକେଣ୍ଡ ଟାଇମିଂ ସହ କରିଥିବା ବିଶ୍ୱ ରେକର୍ଡକୁ ୨୩ ବର୍ଷୀୟା ଅଲ୍‌କାବି ଭାଙ୍ଗି ଦେଇଛନ୍ତି। ଶନିବାର ମୋର୍କସ ୨୧.୫୩ ସେକେଣ୍ଡ ଟାଇମିଂ ସହ ରୌପ୍ୟ ଜିତିଥିବା ବେଳେ ପୋଲାଣ୍ଡର ମିରିଆମ୍ ଡୋମିନିକୋସ୍କା ୨୩.୫୬ ସେକେଣ୍ଡ ଟାଇମିଂ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ମହିଳା ୧୦୦ ମିଟର ଟି୭୧ ଇଭେଣ୍ଟରେ ଅଲ୍‌କାବିଙ୍କ ଶ୍ରେଷ୍ଠ ଟାଇମିଂ ୨୩.୫୮ ସେକେଣ୍ଡ ରହିଥିଲା। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ଏଫ୍‌୩୨ କ୍ଲବ ଥ୍ରୋ'ରେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ମହିଳା ଲଙ୍ଗଜମ୍ପ ଟି୩୭ରେ ଆଶାନୁରୂପ ବିଶ୍ୱ ରେକର୍ଡ ଅଧିକାରିଣୀ ଚାଇନାର ୱେନ୍ ଜିଆଓୟାନ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ୫.୩୨ ମିଟର ଜମ୍ପକରି ଏକ ମିଟ୍ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ମିଟ୍ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଥିଲା। ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣରେ ୫.୨୨ ମିଟର ଜମ୍ପକରି ସେ ମିଟ୍ ରେକର୍ଡ କରିଥିଲେ। ତାଙ୍କ ନାମରେ ଆହୁରି ମଧ୍ୟ ବିଶ୍ୱ ରେକର୍ଡ ରହିଛି। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ୫.୪୫ ମିଟର ସହ ସେ ଏହି ରେକର୍ଡ କରିଥିଲେ। ମରିସସ୍‌ର ଆନାଇସ୍ ଆଞ୍ଜେଲିନ୍ ୪.୫୯ ମିଟର ସହ ରୌପ୍ୟ ପଦକ ଲାଭ କରିଥିବା ବେଳେ ଆମେରିକାର ଜାଲିନ୍ ରବର୍ଟ୍ସ (୪.୫୩ ମିଟର) ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସର ନୋଏଲି ରୁଡ୍ରା ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏଫ୍‌୪୬ ଶ୍ରେଣୀ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଶ୍ରେଷ୍ଠ ପ୍ରୟାସ ୪୩.୭୩ ମିଟର ରହିଥିବା ବେଳେ ଉଜ୍‌ବେକିସ୍ତାନର ଶାହିନାଖୋନ୍ ଇଜିଟାଲିଭା ଓ ଗ୍ରେଟ୍ ବ୍ରିଟେନ୍‌ର ହୋଲି ଆର୍ନୋଲ୍ଡ ଯଥାକ୍ରମେ ୪୧.୯୭ ଓ ୪୧.୯୪ ମିଟର ସହ ରୌପ୍ୟ ଏବଂ ବ୍ରୋଞ୍ଜ ଜିତିଥିଲେ। ଭାରତର ଭାବନା ସିଂ ଏହି ଇଭେଣ୍ଟରେ ୩୫.୩୪ ମିଟର ଥ୍ରୋ ସହ ୮ମ ସ୍ଥାନରେ ରହିଥିଲେ।



## ଭାରତର ପଦକ ଖାତା ଖୋଲିଲେ ଶୈଳେଶ

ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତର ପଦକ ଖାତା ଖୋଲିଛନ୍ତି ଶୈଳେଶ କୁମାର ଓ ବରୁଣ ସିଂ ଭଟି। ଶନିବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୬୩ ଇଭେଣ୍ଟରେ ଏହି ଦୁଇ ଆଥଲେଟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ୨୫ବର୍ଷୀୟ ଶୈଳେଶ ଟି୪୨ କାଟେଗୋରିରେ ୧.୯୧ମିଟର ପ୍ରୟାସ ସହ ପୋଡିୟମ ଟପ୍‌ରେ ରହି ଚାମ୍ପିୟନଶିପ୍ ରେକର୍ଡ ଓ ଏସିଆନ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବତନ ପାରା ଏସିଆନ ଗେମ୍ସ ପଦକ ବିଜେତା ଭଟି ବ୍ରୋଞ୍ଜ ଜିତିଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଆମେରିକାର ଇଜ୍ରା



ଫ୍ରେଚ୍ ରୌପ୍ୟ ଲାଭ କରିଛନ୍ତି। ଉଭୟେ ଭଟି ଓ ଫ୍ରେଚ୍‌ଙ୍କ ଶ୍ରେଷ୍ଠ କ୍ଲିୟରାନ୍ସ ୧.୮୫ ମିଟର ରହିଥିଲା। ମାତ୍ର ଆମେରିକୀୟ ଜଣକ କାଉଣ୍ଟ ବ୍ୟାକ୍‌ରେ ଭାରତୀୟଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ତୃତୀୟ ଭାରତୀୟ ରାହୁଲ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧.୭୮ମିଟର ସହ ଚତୁର୍ଥ ସ୍ଥାନରେ ରହିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଜ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ସମସ୍ତ ଓଡିଶାବାସୀ ଓ ଶ୍ରଦ୍ଧେୟ ଗ୍ରାହକମାନଙ୍କୁ ଶାରଦୀୟ ଶୁଭେଚ୍ଛା
THINK BIG...THINK RAJ...
RAJ ELECTRONICS
BUY 1 GET 3 OFFERS FREE*
Durga Puja Offer
ଏହି ପୂଜାରେ ଆପଣଙ୍କ ଘରକୁ ଆଣନ୍ତୁ ଆଉ ଏକ ଖୁସୀର ସମ୍ଭାର...
UPTO 47%* INSTANT DISCOUNT
UPTO ₹30,000 CASH BACK*
UPTO 10% GST MAHA SAVING MELA
UPTO GET 2 EMI REFUND* upto ₹15000 cash back
000 DOWN PAYMENT | PROCESSING FEE | DBD
LOWEST EMI ₹888* ONWARDS
INSTANT CASHBACK UPTO ₹3500*
EXCHANGE YOUR OLD PRODUCT AND SAVE UP TO ₹15000*
4 YEARS EXTENDED WARRANTY WITH EASY EMI
UPTO 36* MONTHS EMI FACILITY
FAST DELIVERY
10 YEARS WARRANTY
Free MINI* REFRIGERATOR
EMI : ₹ 2025/-
QLED EMI : ₹ 2999/- 3 YEAR* ASSURANCE
OLED EMI : ₹ 2995/- 3 YEAR* ASSURANCE
Google TV EMI : ₹ 1777/- 3 YEAR* ASSURANCE
32" LED EMI : ₹ 1024/-
43" LED EMI : ₹ 990/-
55" LED EMI : ₹ 1999/-
65" LED EMI : ₹ 2995/-
75" LED EMI : ₹ 2995/-
200 Ltr. | 195 Ltr. | 215 Ltr.
EMI Starts : ₹ 999/-
Solo : EMI : ₹ 888/-
Grill : EMI : ₹ 888/-
Convention : EMI : ₹ 1499/-
AVAIL OFF SEASON OFFERS on AC
1.0Ton 3* Inverter EMI : ₹ 2200/-
1.5Ton 3* Inverter EMI : ₹ 2400/-
1.5Ton 5* Inverter EMI : ₹ 1999/-
Front Load EMI : ₹ 1811/-
Fully Auto EMI : ₹ 990/-
Semi Auto EMI : ₹ 890/-
UPGRADE with NEW GEN. MOBILE
SAVE upto ₹15,000/-
Price Starts- ₹ 7999/-*
958 33 84064/7735233453
EMI starts from ₹ 888/-*
EMI starts from ₹ 999/-*
Now Easy EMI Facility from your home
benow it's easy
BAJAJ FINSERV
IDFC FIRST Bank
HDB FINANCIAL SERVICES
HDFC BANK We understand your world
UPTO 7.5% INSTANT DISCOUNT* SBI card
#Min. Trxn.: ₹15,000; Max. Discount: ₹5,000 per card. Also valid on EMI Trxns. Validity: 20 Sep - 21 Oct 2025. T&C Apply.
Request To All Customer That, Please Check Our PRICE AND OFFERS Before You Purchase.
ଆଜି ହିଁ ଆସନ୍ତୁ
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
RAJ ELECTRONICS
BHUBANESWAR
BARAMUNDA : Near Bus Stand, Mob: 9238365729
PATIA : Opp. Idea Office, Mob: 9238365755
NAYAPALLY : Opp. Hotel Presidency, Mob: 9238365515
BAPUJI NAGAR : (Old Showroom) Mob: 9124942931
BAPUJI NAGAR : (Premium) Mob: 9238365728
CUTTACK Link Road, Madhupatna, Ph : 0671- 2342999 Mob : 9238365721
ANGUL Near TATA Motors Nalco Square Ph : 9124942933
TALCHER Sharma Chhak, Near IndusInd Bank Mob : 9124942932
ROURKELA Udit Nagar, Infront Of Vishal Mega Mart, Ph : 9238365730
BALASORE Near Hotel Suraj, Sahadev Khunta, Mob : 9124942935
JHARSUGUDA Near Bus Stand, Kali Mandir Road, Mob.: 9124942934
JAJPUR ROAD Chorda Traffic Chhak, By-Pass Road Mob : 9937475155
Bus Stand Bypass, Ph : 9238365722
JAJPUR TOWN Medical Road, Ph : 06728-222701 9238365724
BHADRAK Chapulia, Ph : 06784-250566, 9238365720
LG | SAMSUNG | SONY | Panasonic | Whirlpool | Godrej | LLOYD | VOLTAS | HITACHI | Carrier | BLUE STAR | BOSCH | Haier | IFB | MITSUBISHI | KENT | EUREKA FORBES | HAVELLS | BAJAJ
*T&C Apply. Offer applicable on selected products/Brand only. Pictures are indicative only. # Festive offers from Company only




Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans

#Odisha Ex-showroom price of TVS Sport ES Variant. Prices are subject to change without any prior notice. ^Price Benefit from Revised GST rates on TVS Sport ES+ Variant.
**Finance at the sole discretion of the financer. Price Mentioned are Applicable from 22nd Sep'25. Limited period offer. Accessories shown here may not be part of standard fitment. *T&C apply.

**FOR ALL BULK/INSTITUTIONAL REQUIREMENTS PLEASE MAIL:** corporate.customersupport@tvsmotor.com **Authorised Main Dealers:** ANGUL: SHREENARAYANI TVS: 9861222572, TALCHER: RAISER TVS: 9124563481, 9124563480, DHENKANAL: SHREE GURUVINAYAK TVS: 7440041000, 7440042000. **Authorised Dealers:** KAMAKYANAGAR:9437332936, RASOL:9437663780, BHUBAN:9937707823, MAHIDHARPUR:8917382498, PALLAHARA:9437663970, PARJANG:9777112004, JIRAL:9437549916.